RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-118 • SATURDAY • 25 OCTOBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୧୮ • ଶନିବାର • ୨୫ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




ଟି-୨୦ ଦଳରେ ମାକ୍ସୱେଲ୍

ପୃଷ୍ଠା ୧୨ ଦେଖନ୍ତୁ...


# ଆସୁଛି ବାତ୍ୟା 'ମୋନ୍ଥା'

## ଗତିପଥକୁ ନେଇ ଏଯାଏଁ ସ୍ପଷ୍ଟ ହୋଇନାହିଁ ଚିତ୍ର

### ପଶ୍ଚିମାଝଡ଼ ଯୋଗୁଁ ହୋଇପାରେ ଦିଗ ପରିବର୍ତ୍ତନ

### ୨୭ ତାରିଖରୁ ବର୍ଷା, ୨୮ରୁ ବଢ଼ିବ ପ୍ରଭାବ

### ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱମନ୍ତ୍ରୀ





**ଭୁବନେଶ୍ୱର, ୨୪।୧୦ (ସମିସ):** ବହୁ ଚର୍ଚ୍ଚିତ ୧୯୯୯ ମହାବାତ୍ୟାକୁ ଆସନ୍ତା ୨୯ରେ ୨୬ ବର୍ଷ ପୂରିବାକୁ ଯାଉଥିବା ବେଳେ ଠିକ୍ ଏହି ସମୟ ବେଳକୁ ପାଣିପାଗ ବିଭାଗର ଏକ ସମ୍ଭାବ୍ୟ ବାତ୍ୟା ଆକଳନ ରାଜ୍ୟବାସୀଙ୍କ ମନରେ ଭୟ ସଂଚାର କରିଛି। ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡିର ସୂଚନା ଅନୁସାରେ, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଶୁକ୍ରବାର ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ୨୫ ତାରିଖରେ ଅବପାତର ରୂପ ନେବ। ୨୬ ତାରିଖ ସକାଳୁ ଏହା ଗଭୀର ଅବପାତରେ ପରିଣତ ହୋଇ ୨୭ ତାରିଖରେ ବାତ୍ୟାର ରୂପ ନେବ। ବାତ୍ୟା ପ୍ରଭାବରେ ୨୭ ତାରିଖରୁ ବର୍ଷା ଆରମ୍ଭ ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରଥମେ ବର୍ଷା ଆରମ୍ଭ ହୋଇ ଧୀରେ ଧୀରେ ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବ। ଯଦିଓ ବାତ୍ୟାଟି ଓଡ଼ିଶାରେ ସ୍ଥଳଭାଗ ଛୁଇଁବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ, ତଥାପି ରାଜ୍ୟର ବିଭିନ୍ନ ସ୍ଥାନରେ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ପ୍ରବଳରୁ ଅତିପ୍ରବଳ ବର୍ଷାର ଆଶଙ୍କା ରହିଛି। ଏହି ବାତ୍ୟା ସୃଷ୍ଟି ହେବା ପରେ ଏହାର ନାମ 'ମୋନ୍ଥା' ରହିବ। ଥାଇଲାଣ୍ଡ ଦ୍ୱାରା ନାମିତ ହୋଇଥିବା ଏହି ବାତ୍ୟା 'ମୋନ୍ଥା' ଶବ୍ଦର ଅର୍ଥ ସୁଗନ୍ଧିତ ଫୁଲ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ୨୭ ବେଳକୁ ବାତ୍ୟାର ରୂପ ନେବ। ୨୮ ବେଳକୁ ବାତ୍ୟାଟି ଅଧିକ ଘନୀଭୂତ ହେବା ପାଇଁ ପାଗ ଅନକୂଳ ରହୁଛି। ତେବେ ପଶ୍ଚିମାଝଡ଼ର ପ୍ରଭାବ ୨୮ ତାରିଖ ଓ ୨୯ ତାରିଖରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ବାତ୍ୟାକୁ ନେଇ ବର୍ତ୍ତମାନ ଦୁଇଟି ଦୃଶ୍ୟପଟ ରହିଛି। ପ୍ରଥମ ଦୃଶ୍ୟପଟରେ ୨୮ରେ ବାତ୍ୟ ଅଧିକ ଘନୀଭୂତ ହୋଇ ଆନ୍ଧ୍ର ଉପକୂଳ ନେଲୋର-ବିଶାଖାପାଟନମ୍ ମଧ୍ୟରେ ୨୮ ତାରିଖ ରାତି କିମ୍ବା ୨୯ ତାରିଖତାରିଖ ସକାଳେ ସ୍ଥଳଭାଗ ଅତିକ୍ରମ କରିପାରେ। ଯଦି ପଶ୍ଚିମାଝଡ଼ ପ୍ରଭାବ ପଡ଼େ, ତେବେ ୨୯ ତାରିଖରେ ଏହା ଦୁର୍ବଳ ହୋଇ ଓଡ଼ିଶା ଉପକୂଳ ମୁହାଁ ହୋଇପାରେ। ବର୍ତ୍ତମାନର ଆକନଳ କହୁଛି, ରାଜ୍ୟରେ ୨୬ ତାରିଖ ପର୍ଯ୍ୟନ୍ତ କାଁ ଭାଁ ହାଲୁକା ବର୍ଷା ସମ୍ଭାବନା ରହିଛି। ୨୭ ତାରିଖରୁ ମାଲକାନଗିରି, ରାୟଗଡ଼ା, ଗଜପତି ସହିତ ଗଞ୍ଜାମରୁ ଜଗତସିଂହପୁର ଓ ସଂଲଗ୍ନ ଜିଲ୍ଲାରେ ମଧ୍ୟମ ବର୍ଷା ହୋଇପାରେ। ୨୮ ତାରିଖରେ ସେହି ଜିଲ୍ଲା ସହିତ ସମଗ୍ରହ ଉପକୂଳ ଓ ସଂଲଗ୍ନ ଜିଲ୍ଲା (କେତେକ ପଶ୍ଚିମ ସୀମାନ୍ତ ଜିଲ୍ଲାକୁ ଛାଡ଼ି) ବର୍ଷା ହେବ। ୨୯ ତାରିଖରେ ପ୍ରାୟ ଅଧିକାଂଶ ଜିଲ୍ଲାରେ ବର୍ଷା ହେବାକୁ ଥିବା ବେଳେ ୩୦ତାରିଖରେ ଉପକୂଳ ବର୍ଷାର ପ୍ରଭାବ କମି ଉତ୍ତର ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣ ଏବଂ ୩୧ ତାରିଖରେ ଉତ୍ତର ଓଡ଼ିଶାରେ ବର୍ଷା ହେବ ବୋଲି ▶ପୃଷ୍ଠା-୭

### ନୀରବିଗଲା କବିତାର ଆଉ ଏକ ଧାର

# ପରଲୋକରେ କବି ରାଜେନ୍ଦ୍ର



### ମରଶରୀର ଏମ୍‌ସକୁ ହସ୍ତାନ୍ତର କଲେ ପରିବାର

### ଶୋକ ପ୍ରକାଶ କଲେ ମୋହନ ଓ ନବୀନ

**ଭୁବନେଶ୍ୱର, ୨୪।୧୦ (ସମିସ):** ନୀରବି ଯାଇଛି ଓଡ଼ିଆ କବିତାର ଆଉ ଏକ ବଳିଷ୍ଠ ସ୍ୱର। ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ପ୍ରଣମ୍ୟ ସ୍ରଷ୍ଟା ତଥା ବିଶିଷ୍ଟ ସାହିତ୍ୟିକ ରାଜେନ୍ଦ୍ର କିଶୋର ପଣ୍ଡା ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଭୁବନେଶ୍ୱର ଗଙ୍ଗନଗରସ୍ଥିତ ବାସଭବନରେ ପରଲୋକଗମନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ଦୁଇ ଝିଅ ମନୀଷା, ନିନୀଷାଙ୍କ ସମେତ ଜ୍ୱାଇଁ ଓ ନାତି ଉପସ୍ଥିତ ଥିଲେ।

ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟପ୍ରେମୀ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ପୁଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଶ୍ରୀ ପଣ୍ଡାଙ୍କ ଇଚ୍ଛାପତ୍ର ଅନୁଯାୟୀ ପରିବାର ଲୋକମାନେ ତାଙ୍କ ମରଶରୀର ଏମ୍ସ ହସ୍‌ପିଟାଲକୁ ହସ୍ତାନ୍ତର କରିଛନ୍ତି। ୧୯୪୪ ଜୁନ୍ ୨୪ରେ ଝାରସୁଗୁଡ଼ା ଜିଲ୍ଲା ବାଟଲଗା ଗାଁରେ ରାଜେନ୍ଦ୍ର କିଶୋର ପଣ୍ଡା ଜନ୍ମଗ୍ରହଣ କରିଥିଲେ। ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସେ ୧୯୬୭ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ▶ପୃଷ୍ଠା-୭

### ବାଇକ୍ ଧକ୍କାରେ ଜଳିଗଲା ବସ୍

# ୨୦ ଯାତ୍ରୀ ଜୀବନ୍ତ ଦଗ୍ଧ



**କୁର୍ଣ୍ଣୁଲ, ୨୪।୧୦ (ଏଜେନ୍ସି):** ଆନ୍ଧ୍ରପ୍ରଦେଶ କୁର୍ନୁଲର ଚନ୍ନାଟେକୁରଠାରେ ଶୁକ୍ରବାର ଭୋର ୩ଟା ୩୦ରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାକାର ୪୪ ନଂ ଜାତୀୟ ରାଜପଥରେ ଏକ ଚଳନ୍ତା ଘରୋଇ ଏସି ବସ୍‌ରେ ନିଆଁ ଲାଗି ୨୦ ଯାତ୍ରୀ ଜିଅନ୍ତା ଜଳିଯାଇଛନ୍ତି। ୧୯ ଜଣ ଯାତ୍ରୀ ବସ୍‌ରୁ ଡେଇଁ ଜୀବନ ବଞ୍ଚାଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦ ଜଣ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୧୧ଟି ମୃତଦେହର ପରିଚୟ ମିଳିଥିବାବେଳେ ଅନ୍ୟମାନଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ପୁଲିସ ସୂଚନା ଅନୁଯାୟୀ ଏହି ବସ୍‌ରେ ପ୍ରାୟ ୩୯ ଯାତ୍ରୀ ହାଇଦରାବାଦ୍‌ରୁ ବେଙ୍ଗାଲୁରୁ ଯାଉଥିଲା। ଏନ୍‌ଏଚ୍ ୪୪ ପରେ ଏକ ବାଇକ୍ ବସ୍‌କୁ ଧକ୍କା ତଳେ ପଶି ଯାଇଥିଲା। ଏହା ତେଲ ଟାଙ୍କିରେ ମାଡ଼ ହେବାରୁ ଅଚାନକ ବସ୍‌ରେ ନିଆଁ ଲାଗିଯାଇଥିଲା। ଏଥିରେ ବାଇକ୍ ଚାଳକ ଶିବଶଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହାର ସୂଚନା ପାଇଁ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଏମର୍ଜେନ୍ସି ଗେଟ୍ ଭାଙ୍ଗି ବାହାରିଥିବା ▶ପୃଷ୍ଠା-୭

# ନଭେମ୍ବରରୁ ଦେଶବ୍ୟାପୀ ଏସ୍‌ଆଇଆର୍

**ନୂଆଦିଲ୍ଲୀ, ୨୪।୧୦ (ଏଜେନ୍ସି):** ବିହାରରେ ହୋଇଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) କୁ ନେଇ ବିରୋଧୀ ପ୍ରବଳ ବିରୋଧ କରିଥିଲେ। ସଡ଼କ ଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚି ଥିଲେ। ଏଥିରେ ଜାଲିଆତି କରାଯାଉଥିବା ଅଭିଯୋଗ କରିଥିଲେ। କିନ୍ତୁ, ଏବେ ନିର୍ବାଚନ କମିଶନ (ଇସି) ଏସଆଇଆରକୁ ସାରା ଦେଶରେ ଲାଗୁ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ମାସରୁ ସାରା ଦେଶରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏସ୍‌ଆଇଆରର ଏହି ପ୍ରକ୍ରିୟା ଏଭଳି ଭାବେ କରାଯିବ ଯେ, ଆସନ୍ତାବର୍ଷ ମେ ମାସରେ ହେବାକୁ ଥିବା ବିଭିନ୍ନ ରାଜ୍ୟର ନିର୍ବାଚନ ବେଳକୁ ଏହା ସମ୍ପୂର୍ଣ୍ଣ ହୋଇଯିବ। ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ସବୁ ରାଜ୍ୟରେ ନୂଆ ଭୋଟର ତାଲିକା ପ୍ରସ୍ତୁତ କରିବା ନେଇ ଯୋଜନା ରହିଛି। ସବୁ ରାଜ୍ୟର ନିର୍ବାଚନ ଅଧିକାରୀଙ୍କୁ ଆଧାର କାର୍ଡକୁ ଦ୍ୱାଦଶ ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



୨୦୨୬ ସୁଦ୍ଧା କେରଳ, ପୁଡୁଚେରୀ, ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ନିର୍ବାଚନ ପୂର୍ବରୁ ଏହି ରାଜ୍ୟଗୁଡିକରେ ଏସ୍‌ଆଇଆର କାର୍ଯ୍ୟ ଶେଷ କରିବାକୁ କମିଶନ ଲକ୍ଷ୍ୟ ରଖିଛନ୍ତି। ଭୋଟର ତାଲିକାରେ ଦ୍ୱୈତ ଭୋଟର ଅର୍ଥାତ ଦୁଇଟି ସ୍ଥାନରେ ପରିଚୟ ପତ୍ର ଥିବା ବ୍ୟକ୍ତିଙ୍କୁ ହଟାଇବା ସହ ଭୋଟର ଭାରତୀୟ ନାଗରିକ ହେବା ନେଇ ନିଶ୍ଚିତ କରିବା ଲକ୍ଷ୍ୟରେ ଏସ୍‌ଆଇଆର୍ ଲାଗୁ କରାଯିବ ବୋଲି କମିଶନ କହିଛନ୍ତି। ଉଲ୍ଲେଖଥାଉ କି, ଦୁଇ ଦଶନ୍ଧି ପରେ ଏସ୍‌ଆଇଆର ଲାଗୁ କରାଯାଉଛି। ଦେଶରେ ଚାଲିଥିବା ବ୍ୟାପକ ସହରୀକରଣ ଓ ଅନୁପ୍ରବେଶ ବୃଦ୍ଧି ପାଇବା କାରଣରୁ ଏସ୍‌ଆଇଆର ଲାଗୁ କରାଯିବାର ଆବଶ୍ୟକତା ସୃଷ୍ଟି ହୋଇଛି ବୋଲି କମିଶନ ହୃଦୟଙ୍ଗମ କରିଛନ୍ତି।

ଆନ୍ଧ୍ର ପ୍ରଦେଶରେ ୨୦୦୩-୦୪ରେ ୫.୫ କୋଟି ଭୋଟର ଥିବାବେଳେ ଏବେ ସଂଖ୍ୟା ୬.୬ କୋଟିରେ ପହଞ୍ଚି ଯାଇଛି। ଉତ୍ତର ପ୍ରଦେଶରେ ୨୦୦୩ରେ ୧୧.୫ କୋଟି ଭୋଟର ଥିଲେ। ମାତ୍ର ଏବେ ଏହା ୧୫.୯ କୋଟିକୁ ବୃଦ୍ଧି ▶ପୃଷ୍ଠା-୭

### ପୀତବାସ ହତ୍ୟା ମାମଲା

# ବିକ୍ରମଙ୍କ ପାଇଁ ମାମଲା ଲଢ଼ିବେ ୫୪ ଆଇନଜୀବୀ

### ପୁଲିସର ତରବରିଆ ପଦକ୍ଷେପ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା: ଆଇନଜୀବୀ

**ବ୍ରହ୍ମପୁର, ୨୪।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୁଲିସ ଗିରଫ କରିଥିବା ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ପକ୍ଷରୁ ମାମଲା ଲଢ଼ିବେ ୫୪ ଜଣ ଆଇନଜୀବୀ। ସ୍ୱତଃପ୍ରବୃତ୍ତ ଭାବରେ ଏହି ଆଇନଜୀବୀମାନେ ମାମଲା ଲଢ଼ିବାକୁ ଅଦାଲତରେ ୱକାଲତନାମା ଦାଖଲ କରିଛନ୍ତି। ପୀତବାସ ପଣ୍ଡାଙ୍କ ପରି ଜଣେ ବରିଷ୍ଠ ଓକିଲ ତଥା ରାଜ୍ୟ ପରିଷଦର ସଦସ୍ୟଙ୍କ ହତ୍ୟା ଘଟଣାକୁ ଏହି ଆଇନଜୀବୀମାନେ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ ପାଇଁ ଦାବି କରିଛନ୍ତି; ମାତ୍ର ଯେଉଁପରି ଅନ୍ୟାୟ ଭାବରେ ବିକ୍ରମ ପଣ୍ଡାଙ୍କୁ ଏହି ମାମଲାରେ ଗିରଫ କରାଯାଇଛି ତାହାକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି । ଏଥିନିମନ୍ତେ ବିକ୍ରମଙ୍କ ପକ୍ଷରୁ ସେମାନେ ମାମଲା ଲଢ଼ିବାକୁ ▶ପୃଷ୍ଠା-୭

### ପୁରୀରେ ପୁଣି ଲଜ୍ଜା

# ଘରେ ପଶି ନାବାଳିକାକୁ ଗଣଦୁଷ୍କର୍ମ

**ପୁରୀ, ୨୪।୧୦ (ସମିସ):** ଘରେ ପଶି ନାବାଳିକାକୁ ଗଣଦୁଷ୍କର୍ମ। ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଅଞ୍ଚଳରେ ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି। ଯୁବତୀଜଣଙ୍କ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଦୁଇ ଦୁର୍ବୃତ୍ତ ତାଙ୍କ ସହ ଏହି କୁକର୍ମ କରିଛନ୍ତି। ଚନ୍ଦନପୁର ଥାନା ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ଅଭିଯୁକ୍ତଦ୍ୱୟଙ୍କୁ ଉଠାଇ ନେଇ ପଚରାଉଚରା କରୁଛି। ଆସନ୍ତାକାଲି (ଶନିବାର) ପୀଡ଼ିତାଙ୍କର ଡାକ୍ତରୀ ମାଇନା କରାଯିବ ବୋଲି ପୁଲିସ କହିଛି।

ଗତ ମାସ ପୁରୀ ଜିଲ୍ଲା ବ୍ରହ୍ମଗିରିର ବାଲିହରଚଣ୍ଡୀ ମନ୍ଦିର ନିକଟ ଜଙ୍ଗଲରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ କରାଯାଇଥିଲା। ଏହି ଘଟଣାକୁ ମାସେ ନ ପୂରୁଣୁ ଚନ୍ଦନପୁର ଥାନା ଅଞ୍ଚଳରେ ଘଟିଥିବା ଏହି ଲଜ୍ଜାଜନକ ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।



### ସମ୍ପର୍କୀୟ ଭାଇ ଓ ଦାଦାକୁ ଉଠାଇ ଆଣିଲା ପୁଲିସ

ଅଭିଯୋଗ ଅନୁଯାୟୀ, ଗତ ବୁଧବାର ରାତିରେ ମା' କାଳୀଙ୍କ ଭସାଣ ଉତ୍ସବ ଚାଲିଥିଲା। ଏଥିପାଇଁ ସମଗ୍ର ବୀରନରସିଂହପୁର ଅଞ୍ଚଳ ଉତ୍ସବମୁଖର ଥିଲା। ନାବାଳିକାଙ୍କ ପରିବାରଲୋକେ ଭସାଣି ଦେଖିବାକୁ ଯାଇଥିବା ବେଳେ ଘରେ ୧୬ବର୍ଷୀୟା ଝିଅ ଏକାକୀ ଥିଲେ। ଏହାର ସୁଯୋଗ ନେଇ ପାଖ ପଡ଼ୋଶୀ ଘରର ଭାଇ ଏବଂ ଦାଦା ତାଙ୍କ ଘରେ ପଶି ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ନାବାଳିକା ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ଶୁକ୍ରବାର ଚନ୍ଦନପୁର ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ସଙ୍ଗେସଙ୍ଗେ ସମ୍ପୃକ୍ତ ଗାଁରେ ଚଢ଼ଉ କରିଥିଲା। ନାବାଳିକାଙ୍କ ସମ୍ପର୍କୀୟ ଭାଇ ଏବଂ ଦାଦାଙ୍କୁ ପୁଲିସ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି।

ଏ ସମ୍ପର୍କରେ ଚନ୍ଦନପୁର ଆଇଆଇସି ଭୁବନାନନ୍ଦ ସାମନ୍ତରାୟ କହିଛନ୍ତି, ଗତ ୨୨ ତାରିଖ କାଳୀପୂଜା ଭସାଣି ରାତିରେ ପୀଡ଼ିତା ଘରେ ଏକା ଥିଲେ। ଏହି ସମୟରେ ତାଙ୍କ ପଡ଼ୋଶୀ ଘରର ଭାଇ ଏବଂ ଦାଦା ଘରେ ପଶି ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଏହାକୁ ସମ୍ବେଦନଶୀଳ ମାମଲା ଭାବେ ଗ୍ରହଣ କରି ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଅଟକ ରଖାଯାଇ ପଚରାଉଚରା କରୁଛି।










## ଡିଜିପିଙ୍କ ପୁଅ ମୃତ୍ୟୁ ମାମଲା: ନୋଟିସ ସତ୍ତ୍ୱେ ଯାଞ୍ଚରେ ସାମିଲ ହେଲାନି ପରିବାର



ଚଣ୍ଡିଗଡ଼, ୨୪।୧୦ (ଏଜେନ୍ସି): ପଞ୍ଜାବର ପୂର୍ବତନ ଡିଜିପି ମହମ୍ମଦ ମୁସ୍ତଫାଙ୍କ ପୁଅ ଅକିଲ ଅଖ୍ତାର ମୃତ୍ୟୁ ମାମଲା ରହସ୍ୟ ଘେରରେ ରହିଛି। ପୁଅ ଭିଡିଓ ଜାରି କରି ନିଜ ମୃତ୍ୟୁ ପାଇଁ ବାପା, ପତ୍ନୀ ସମେତ ପରିବାର ସଦସ୍ୟଙ୍କୁ ଦୋଷ ଦେଇଥିବାବେଳେ ଘରର ସଦସ୍ୟ ଏହାକୁ ଖଣ୍ଡନ କରିଦେଇଛନ୍ତି। ମୃତ୍ୟ ଉପରୁ ପରଦା ଉଠିପାରି ନ ଥିବାବେଳେ ଏହି ମାମଲାକୁ ସିବିଆଇକୁ ହସ୍ତାନ୍ତର ପାଇଁ ରାଜ୍ୟ ସରକାର ପ୍ରସ୍ତୁତି କରୁଛନ୍ତି। ଏ ନେଇ କେନ୍ଦ୍ରକୁ ଚିଠି ଲେଖାଯାଇଛି। ତେବେ ସିବିଆଇ ପକ୍ଷରୁ ଏ ନେଇ କୌଣସି ଉତ୍ତର ଦିଆଯାଇ ନାହିଁ। ଅନ୍ୟପଟେ ପୁଅ ମୃତ୍ୟୁରେ ପରିବାର କୌଣସି ଦୋଷ ନାହିଁ ଏବଂ ସେ ନିଶାସକ୍ତ ଥିଲା ବୋଲି ଡିଜିପି ବାପା କହିଛନ୍ତି। ତେବେ ନୋଟିସ ସତ୍ତ୍ୱେ ତାଙ୍କ ପରିବାର ଯାଞ୍ଚରେ ସହଯୋଗ କରିନାହାନ୍ତି। ଜେରା ପାଇଁ ପୁଲିସ ନିକଟରେ ହାଜର ହୋଇନାହାନ୍ତି। ଡିଜିପି, ତାଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ରେଜିଆ ସୁଲ୍ତାନା, ତାଙ୍କ ଝିଅ ଏବଂ ଅକିଲଙ୍କ ପତ୍ନୀଙ୍କ ବିରୋଧରେ ହତ୍ୟା ଷଡ଼ଯନ୍ତ୍ର ମାମଲା ରୁଜୁ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ। ମୁସ୍ତଫା କହିଛନ୍ତି ଯେ ଏହି ମାମଲା ସିବିଆଇ ହାତକୁ ଯିବ ବୋଲି ସେ ଦୁଇ ଦିନ ହେଲା ଜାଣିଛନ୍ତି। ଏଥିରେ ଆମର କୌଣସି ସମସ୍ୟା ନାହିଁ। ଯାଞ୍ଚରେ ସହଯୋଗ କରିବାକୁ ପ୍ରସ୍ତୁତ। ଶନିବାର ପୁଅ ପାଇଁ ଶ୍ରଦ୍ଧାଞ୍ଜଳି ସଭା ରଖାଯାଇଛି। ଏହା ପରେ ସବୁ ପ୍ରଶ୍ନର ଉତ୍ତର ଦିଆଯିବ। ଏହା ମଧ୍ୟରେ ମାମଲାର ତଦନ୍ତ କରୁଥିବା ଏସଆଇଟି ପଟିଆଲାର ନିଶାମୁକ୍ତି କେନ୍ଦ୍ର ଯାଇ ତଦନ୍ତ କରିଛି। ଡିଜିପିଙ୍କ ପୁଅ ଏଠାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସେହିପରି ଡିଜିପିଙ୍କ ଘରେ କାମ କରୁଥିବା ଚାକରଙ୍କ ବୟାନ ରେକର୍ଡ କରାଯାଇଛି।

## ବିଜ୍ଞାପନ ଗୁରୁ ପୀୟୂଷ ପାଣ୍ଡେଙ୍କ ପରଲୋକ



ମୁମ୍ବଇ, ୨୪।୧୦ (ଏଜେନ୍ସି): ବିଜ୍ଞାପନ ତଥା ଆଡଗୁରୁ ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ପଦ୍ମଶ୍ରୀ ପୀୟୂଷ ପାଣ୍ଡେଙ୍କ ପରଲୋକ ହୋଇଛି। ସେ ୭୦ ବର୍ଷ ବୟସରେ ମୁମ୍ବଇରେ ଶୁକ୍ରବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଜଣା ପଡ଼ିନାହିଁ। ତେବେ ସେ ସଂକ୍ରମଣର ଶିକାର ହୋଇଥିଲେ ବୋଲି କୁହାଯାଉଛି। ମୁମ୍ବଇର ଶିବାଜୀ ପାର୍କରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପାଣ୍ଡେଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ହିଁ 'ଅବକି ବାର ମୋଦୀ ସରକାର'ର ସ୍ଲୋଗାନ ଲେଖିଥିଲେ। ୯୦ ଦଶକରେ ଦୂରଦର୍ଶନରେ ପ୍ରସାରିତ 'ମିଲେ ଶୂର ମେରା ତୁମ୍ହାରା' ଗୀତ ଲେଖି ସେ ସବୁଠି ପରିଚିତ ହୋଇଥିଲେ। ମାତ୍ର ୨୭ ବର୍ଷ ବୟସରୁ ବିଜ୍ଞାପନ ଜଗତ ସହ ଜଡ଼ିତ ଦିବଂଗତ ପାଣ୍ଡେ ୪ ଦଶନ୍ଧିର କ୍ୟାରିୟରରେ ଫେବିକଲର 'ଜୋଡ ତୋଡ ନେହିଁ ସକ୍ତା', ଏସିଆନ ପେଣ୍ଟସର 'ହର ଘର କୁଛ୍ କହତାହେ', କାଡବରୀ ପାଇଁ 'କୁଛ ଖାସ୍ ହେ', ପୋଲିଓର 'ଦୋ ବୁନ୍ଦ ଜିନ୍ଦେଗୀ କି' ଭଳି ଲୋକପ୍ରିୟ ବିଜ୍ଞାପନ ପାଇଁ ସ୍ଲୋଗାନ ଲେଖିଥିଲେ। ୧୯୫୫ରେ ରାଜସ୍ଥାନର ଯୋଧପୁରରେ ଜନ୍ମିତ ପୀୟୂଷ ୧୯୮୨ରେ ନ୍ୟୁୟର୍କ ସ୍ଥିତ ବିଜ୍ଞାପନ, ମାର୍କେଟିଂ ତଥା ପବ୍ଲିକ ରିଲେସନ ଏଜେନ୍ସି ଓଗିଲଭିରେ ଯୋଗ ଦେଇଥିଲେ। ସନଲାଇଟ୍ ଡିଟର୍ଜେଣ୍ଟ ପାଇଁ ସେ ପ୍ରଥମ ବିଜ୍ଞାପନ ଲେଖିଥିଲେ। ତାଙ୍କ ନେତୃତ୍ୱରେ ଓଗିଲଭି ଇଣ୍ଡିଆ ଦୀର୍ଘ ୧୨ ବର୍ଷଧରି ନଂ ୧ ଏଜେନ୍ସିର ମାନ୍ୟତା ହାସଲ କରିଥିଲା। ୨୦୧୬ରେ ପୀୟୁଷଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ସେ ମଧ୍ୟ ଅଭିନୟ କ୍ଷେତ୍ରରେ ସଫଳତା ଅର୍ଜନ କରିଥିଲେ। ୨୦୧୩ରେ ଜନ ଆବ୍ରାହାମଙ୍କ ଅଭିନୀତ ମାଡ୍ରାସ କାଫେ ଓ ମେଜିକ ପେନସିଲ ପ୍ରୋଜେକ୍ଟରେ ଅଭିନୟ କରିଥିଲେ। ସେ ମଧ୍ୟ 'ଭୋପାଳ ଏକ୍ସପ୍ରେସ୍' ପାଇଁ ସଂଳାପ ଲେଖିଥିଲେ।

# ଟିଟିପି କବ୍‌ଜାରେ ପାକିସ୍ତାନର ଖୈବର ପଖତୁନଖ୍ୱା

ଇସଲାମାବାଦ, ୨୪।୧୦ (ଏଜେନ୍ସି): ପଡ଼ୋଶୀ ଦେଶକୁ ଆତଙ୍କବାଦୀ ପଠାଇ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ଏବେ ନିଜେ ଏହି ଜାଲରେ ଫସି ଯାଇଛି। ପାକିସ୍ତାନ ସେନା ଏବଂ ସରକାରଙ୍କ ପାଇଁ ମୁଣ୍ଡବିନ୍ଧା ସୃଷ୍ଟି କରିଥିବା ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ବଡ଼ ପଦକ୍ଷେପ ନେଇଛି। ଆଫଗାନିସ୍ତାନ ସୀମାକୁ ଲାଗି ରହିଥିବା ପାକିସ୍ତାନର ଖୈବର ପଖତୁନଖ୍ୱା ପ୍ରଦେଶକୁ ଏହି ସଂଗଠନ କବ୍‌ଜା କରିନେଇଛି। ସେନା ଏବଂ ଟିଟିପି ମଧ୍ୟରେ ଯୁଦ୍ଧକ୍ଷେତ୍ର ପାଲଟିଥିବା ଖୈବର ପଖତୁନଖ୍ୱା ଉପରୁ ପାକିସ୍ତାନ ନିୟନ୍ତ୍ରଣ ହରାଇବାରେ ଲାଗିଛି। ଏଠାକାର ସିଂହ ଭାଗ ଜିଲ୍ଲାକୁ ଟିଟିପି ଏବଂ ଏହାର ସହଯୋଗୀ ଗୋଷ୍ଠୀ କବ୍‌ଜା କରିନେଲାଣି। ଟିଟିପି ନିଜ ସ୍ଥିତିକୁ ଦୃଢ଼ କରିଚାଲିଛି। ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏବେ ଜେନେରାଲ ଅସିମ ମୁନୀରଙ୍କ ସେନା ଖୈବର ପଖତୁନଖ୍ୱାରେ ପ୍ରବେଶ କରିବାକୁ ଭୟ କରୁଛି। ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମା ତଥା ଡୁରଣ୍ଡ ଲାଇନକୁ ଲାଗି ରହିଥିବା ଖୈବର, କୁରମ, ଉତ୍ତର ଏବଂ ଦକ୍ଷିଣ ବଜିରସ୍ତାନ ଯିବାକୁ ପାକିସ୍ତାନ ସେନା ସାହସ କରିପାରୁ ନାହିଁ। ଏହି ସବୁ ଅଞ୍ଚଳକୁ ଟିଟିପି କବ୍‌ଜା କରି ଚେକ୍ ପଏଣ୍ଟ ଆରମ୍ଭ କରିଦେଇଛି।



ରିପୋର୍ଟ ଅନୁଯାୟୀ ଟିଟିପି ସଦସ୍ୟ ଖୈବର ପ୍ରଦେଶର ଆଦିବାସୀ ବହୁଳ ଜିଲ୍ଲାଗୁଡିକର ବିଭିନ୍ନ ସ୍ଥାନରେ ଚେକ୍ ପଏଣ୍ଟ ପ୍ରସ୍ତୁତ କରିଛି। ଏହାକୁ ରୋକିବାରେ ପାକିସ୍ତାନ ସେନା ବିଫଳ ହୋଇଛି। ଏହି ସବୁ ଅଞ୍ଚଳରେ ପେଶାୱର-ଖୈବର ରୋଡ, ହାଙ୍ଗୁ-କୁରମ କରିଡର, ବନ୍ନୁ-ଡେରା ଇସମାଇଲ ଖାନ ରାସ୍ତା ସାମିଲ ରହିଛି। ଏଠାରେ ଆତଙ୍କବାଦୀ ସଂଗଠନ ଟିଟିପିର ସଦସ୍ୟ ଗାଡ଼ି ଯାଞ୍ଚ କରୁଛନ୍ତି। ପରିଚୟ ପତ୍ର ଦେଖି ଲୋକଙ୍କୁ ଛାଡୁଛନ୍ତି। ଏହା ସହିତ ଜିହାଦ ପାଇଁ ଚାନ୍ଦା ମଧ୍ୟ ଆଦାୟ କରୁଛନ୍ତି। ଟିଟିପିର ଗଣମାଧ୍ୟମ ଶାଖା ଏହାର ଭିଡିଓ ଜାରି କରିଛି। ଏଥିରେ ସଦସ୍ୟ କେମିତି ଗାଡ଼ି ଯାଞ୍ଚ କରୁଛନ୍ତି ତାହା ଦେଖିବାକୁ ମିଳୁଛି। ଏହା ସହିତ ପାକିସ୍ତାନ ସେନାକୁ ଆହ୍ୱାନ ଦିଆଯାଇଛି। ଟିଟିପିର ଜଣେ ଆତଙ୍କବାଦୀ ପାକିସ୍ତାନ ସେନାମୁଖ୍ୟଙ୍କୁ ଖୈବର ପଖତୁନଖ୍ୱା ଆସିବା ପାଇଁ ଆହ୍ୱାନ ଦେଇଛନ୍ତି। ଯଦି ମୁନୀର ପୁରୁଷ ଏବଂ ମାଆ କ୍ଷୀର ପିଇଛନ୍ତି ତେବ ଖୈବର ଆସି ଦେଖାନ୍ତୁ ବୋଲି ଆତଙ୍କବାଦୀ କହିଛି। ସେହିପରି ଟିଟିପି ସଦସ୍ୟ ଏବେ ଗାଁରୁ ବାହାରି ପେଶାୱରର ସହରୀ ଅଞ୍ଚଳରେ ଆକ୍ରମଣ କଲେଣି। ଆଦିବାସୀମାନେ ମଧ୍ୟ ଟିଟିପିକୁ ସମର୍ଥନ ଦେଉଛନ୍ତି।

## ଜୈସରେ ୧୫୦୦ ଆତଙ୍କବାଦୀ ସାମିଲ

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ପୁଣିଥରେ ସକ୍ରିୟ ହେବା ଆରମ୍ଭ କରିଛି। ଏହି ସଂଗଠନ ପ୍ରଥମଥର ପାଇଁ ମହିଳା ବ୍ରିଗେଡ୍ 'ଜମାତ-ଅଲ- ମୋମିନାତ' ଆରମ୍ଭ କରିଛି। ଅକ୍ଟୋବର ୮ରୁ ସଂଗଠନ ପାଇଁ ଭର୍ତ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନଲାଇନ୍‌ରେ ଏହି ଭର୍ତ୍ତି ପ୍ରକ୍ରିୟା ଆୟୋଜନ କରାଯାଇଥିଲା। ଖାସ୍ କରି ଯୁବ ଆତଙ୍କବାଦୀଙ୍କୁ ଏହି ସଂଗଠନରେ ସାମିଲ କରାଯାଉଛି। 'ଅପରେସନ ସିନ୍ଦୂର'ରେ ଭାରତ ପଞ୍ଜାବର ବାହବଲପୁରରେ ଥିବା ଜୈସର ଠିକଣାକୁ ଧ୍ୱଂସ କରି ଦେଇଥିଲା। କିନ୍ତୁ ଏବେ ପାକ୍ ସେନା ସହାୟତାରେ ଜୈସ ପୁଣି ସଂଗଠିତ ହେଉଛି। ପଞ୍ଜାବ ଓ ସିନ୍ଧ ପ୍ରଦେଶରୁ ୧୫୦୦ ଆତଙ୍କବାଦୀଙ୍କୁ ଜୈସରେ ସାମିଲ କରାଯାଇଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏଥିସହ ପାକିସ୍ତାନର ବିଭିନ୍ନ ସହରରେ ଚାଲିଥିବା ମସଜିଦ ଓ ମଦ୍ରାସାରୁ ପାଖାପାଖି ୧୦୦ କୋଟି ଟଙ୍କାର ଚାନ୍ଦା ସଂଗ୍ରହ କରାଯାଇଛି।

ଅପରେସନ ସିନ୍ଦୂରରେ ପଞ୍ଜାବ ରାଜ୍ୟର ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଠିକଣାକୁ ଭାରତ କ୍ଷେପଣାସ୍ତ୍ର ମାଡ଼ କରି ଧ୍ୱଂସ କରି ଦେଇଥିଲା। ଏହାକୁ ମରାମତି କରିବା ଆଳରେ ପାଣ୍ଠି ସଂଗ୍ରହ କରି ଏହି ଅର୍ଥରେ ଆତଙ୍କବାଦୀଙ୍କୁ ଭର୍ତ୍ତି କରୁଥିବା ସୂଚନା ମିଳିଛି। ଜୈସ ଏବେ ପାକିସ୍ତାନର ବିଭିନ୍ନ ସହରଗୁଡିକରେ ୧୦୦ରୁ ଅଧିକ ସଭା ସମ୍ମିଳନୀ ଆୟୋଜନ କରିବ। ପିଓକେରେ ଆତଙ୍କବାଦୀ ନେଟ୍‌ୱର୍କ ପୁଣିଥରେ ଚାଲୁ କରିବା ସହ ଦୃଢ କରିବାକୁ ଜୈସ ଯୋଜନା କରୁଛି। ଦୁର୍ଦ୍ଦାନ୍ତ ଆତଙ୍କବାଦୀ ମାସୁଦ ଆଝାରର ଦୁଇ ଭଉଣୀ ସାଦିଆ ଓ ସେମେରା ଏହି ମହିଳାଙ୍କୁ ପ୍ରଶିକ୍ଷଣ ଦେବେ।

## ଜମ୍ମୁ-କଶ୍ମୀରରେ ଏନ୍‌ସି ୩ ଓ ବିଜେପି ଜିତିଲା ଗୋଟିଏ ରାଜ୍ୟସଭା ଆସନ

ଶ୍ରୀନଗର, ୨୪।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରର ନିର୍ବାଚନରେ କ୍ଷମତାସୀନ ନ୍ୟାସନାଲ କନଫରେନ୍ସ ବାଜି ମାରି ନେଇଛି। ଏହି ଦଳ ୩ଟି ଏବଂ ବିରୋଧୀ ବିଜେପି ଗୋଟିଏ ରାଜ୍ୟସଭା ଆସନ ଜିତିଛି। ଏନ୍‌ଜିର ଚୌଧୁରୀ ରମଜାନ, ସଜ୍ଜାଦ ଅହମ୍ମଦ, ସମ୍ମି ଓବରାୟ ଏବଂ ବିଜେପିର ସତ୍ ଶର୍ମା ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ତେବେ କ୍ରସ ଭୋଟିଂ ଯୋଗୁଁ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସତ ଶର୍ମା ମୋଟ ୩୨ଟି ଭୋଟ ପାଇଥିଲେ। ଏଥିରୁ ସେ କ୍ରସ ଭୋଟି ଯୋଗୁଁ ସେ ୪ଟି ଭୋଟ ପାଇଥିଲେ। ତେବେ କେଉଁ ଦଳର ବିଧାୟକ ଏହି ଭୋଟ ଦେଇଥିଲେ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତାଙ୍କ ବିରୋଧରେ ଛିଡ଼ା ହୋଇଥିବା ଏନ୍‌ସିର ଇମ୍ରାନ ଡାରଙ୍କୁ ମାତ୍ର ୨୨ ଭୋଟ ମିଳିଥିଲା। ଏହି ନିର୍ବାଚନରେ ମୋଟ ୮୬ ବିଧାୟକ ଭୋଟ ଦେଇଥିଲେ।

## ଦିଲ୍ଲୀରେ ଏବେ ମହିଳା ନାଇଟ୍ ସିଫ୍ଟ କରିପାରିବେ

ନୂଆଦିଲ୍ଲୀ, ୨୪।୧୦(ଏଜେନ୍ସି): ଦିଲ୍ଲୀରେ ଏବେ ମହିଳା କର୍ମଚାରୀ ଦୋକାନ ଓ ଅଫିସ୍‌ରେ ରାତିରେ ଅର୍ଥାତ ନାଇଟ ସିଫ୍ଟରେ କାର୍ଯ୍ୟ କରିପାରିବେ। ଦିଲ୍ଲୀ ସରକାର ଗୁରୁବାର ବିଜ୍ଞପ୍ତି ଜାରିକରି ଆନୁଷ୍ଠାନିକ ଭାବେ ଏହି ଅନୁମତି ପ୍ରଦାନ କରିଛନ୍ତି। ତେବେ ଏଥିପାଇଁ ମହିଳା କର୍ମଚାରୀଙ୍କୁ ଲିଖିତ ଭାବେ ସହମତି ପ୍ରଦାନ କରିବାକୁ ହେବ। ମହିଳା କର୍ମଚାରୀ ମାନେ ଓଭର ଟାଇମ୍ କଲେ ସାମାନ୍ୟଠାରୁ ଦୁଇଗୁଣା ପାଉଣା ପାଇବେ। ସେହିପରି ସପ୍ତାହକୁ ସର୍ବାଧିକ ୪୮ ଘଣ୍ଟା କାମ କରିବେ। ଏଥିସହ ସବୁ ପ୍ରତିଷ୍ଠାନଗୁଡିକୁ ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆଇଏସ୍ ଆତଙ୍କବାଦୀ ଗିରଫ

ଭୋପାଳ, ୨୪।୧୦(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରୁ ଜଣେ ଆଇଏସ୍‌ଆଇଏସ୍ ଆତଙ୍କବାଦୀକୁ ଗିରଫ କରିଛି। ସେହିପରି ଦିଲ୍ଲୀର ସାଦିକ ନଗରରେ ଆଉ ଜଣେ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଏହି ଦୁଇଜଣ ସାଥି ହୋଇ ଜନଗହଳି ଅଞ୍ଚଳରେ ଆଇଇଡି ବିସ୍ଫୋରଣ ପାଇଁ ଯୋଜନା କରୁଥିଲେ। ଏହି ଦୁଇ ଆତଙ୍କବାଦୀଙ୍କ ନାମ ଆଦନାନ ବୋଲି ପୁଲିସ କହିଛି। ଏହି ଦୁଇଜଣଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ଟ୍ରେନିଂ ଦିଆଯାଉଥିଲା ଓ ଦିଲ୍ଲୀ ହିଁ ଏମାନଙ୍କ ଟାର୍ଗେଟରେ ଥିଲା।

## ଜଣକ ପାଖରୁ ୨୫୦ ଭୋଟ ପରିଚୟପତ୍ର ଜବତ

ନଦିଆ, ୨୪।୧୦(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଜଣେ ବ୍ୟକ୍ତିଙ୍କଠାରୁ ୨୫୦ଟି ଭୋଟ ପରିଚୟ ପତ୍ର ମିଳିଛି। ରାଜ୍ୟରେ ନିର୍ବାଚନ କମିଶନ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଲାଗୁ କରିବା ପୂର୍ବରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ବ୍ୟକ୍ତିଙ୍କ ଘର ହୁଗୁଳି ଜିଲ୍ଲାରେ। ସେ ନଦିଆର କଲ୍ୟାଣୀ ଅଞ୍ଚଳରେ ଥିବା ନିଜ ଭଉଣୀଙ୍କ ଘରକୁ ବୁଲିଆସିଥିଲେ। ରାସ୍ତା କଡ଼ରେ ଥିବା ବୁଦା ନିକଟରେ ଏହି ଭୋଟ ପରିଚୟ ପତ୍ର ପାଇଥିବା ସେ କହିଛନ୍ତି।

## ଜୁବିନ ଗର୍ଗ ମୃତ୍ୟୁ ମାମଲା: ୧୦ ଦିନ ମଧ୍ୟରେ ପ୍ରମାଣ ଦେବ ସିଙ୍ଗାପୁର ପୁଲିସ୍

ଗୌହାଟୀ, ୨୪।୧୦(ଏଜେନ୍ସି): ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ଏବେ ବି ସଂଶୟ ଜାରି ରହିଛି। ସିଙ୍ଗାପୁର ପୁଲିସ ଆଗାମୀ ୧୦ ଦିନ ମଧ୍ୟରେ ଜୁବିନଙ୍କ ମୃତ୍ୟୁ ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଓ ଦସ୍ତାବିତ ଆସାମ ପୁଲିସର ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ (ଏସ୍‌ଆଇଟି)କୁ ଦେବ ବୋଲି ଆସାମ ପୁଲିସ ସୂଚନା ଦେଇଛି। ଏଥିରେ ସିସିଟିଭି ଫୁଟେଜ ଓ ସାକ୍ଷୀମାନଙ୍କ ବୟାନ ସାମିଲ ରହିଛି। ଏହି ମାମଲାରେ ସିଙ୍ଗାପୁର ପୁଲିସ ମଧ୍ୟ ସ୍ୱତନ୍ତ୍ର ଭାବେ ତଦନ୍ତ କରୁଛି। ଭାରତ ସରକାର ମଧ୍ୟ ତଦନ୍ତ ପାଇଁ ସିଙ୍ଗାପୁରଠାରୁ ଆନୁଷ୍ଠାନିକ ଭାବେ ସହଯୋଗ ମାଗିଥିଲେ। ଏବେ ଦୁଇଦେଶର ତଦନ୍ତକାରୀ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଆସାମ ପୁଲିସ ତରଫରୁ କୁହାଯାଇଛି। ଏପର୍ଯ୍ୟନ୍ତ ୭୦ଜଣଙ୍କ ବୟାନ ରେକର୍ଡ କରାଯାଇ ସାରିଛି। ଉଲ୍ଲେଖଥାଉ କି, ଗତ ୧୯ ତାରିଖରେ ଜୁବିନ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବାବେଳେ ସମୁଦ୍ରରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ସେହି ସମୟରେ ବୋଟ୍‌ରେ ତାଙ୍କ ସହ ୧୭ ଜଣ ଲୋକ ଥିଲେ। ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ସେ ସିଙ୍ଗାପୁର ଯାଇଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୭ ଜଣ ଲୋକଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ଜୁବିନଙ୍କ ପୁଲିସ ଭାଇ ସାମିଲ ଅଛନ୍ତି।

## ମହାରାଷ୍ଟ୍ରରେ ଡାକ୍ତରାଣୀଙ୍କ ଆତ୍ମହତ୍ୟା; ପାପୁଲିରେ ସୁଇସାଇଡ୍ ନୋଟ



ସତାରା, ୨୪।୧୦(ଏଜେନ୍ସି): ମହାରାଷ୍ଟ୍ର ସତାରାର ଫଲଟାନ ଜିଲ୍ଲା ହସ୍ପିଟାଲରେ ମହିଳା ଡାକ୍ତର ସମ୍ପଦା ମୁଣ୍ଡେ ଆତ୍ମହତ୍ୟା କରିଛନ୍ତି। ନିଜ ପାପୁଲିରେ ସେ ସୁଇସାଇଡ୍ ନୋଟ ଲେଖିଛନ୍ତି। ପୁଲିସ ଅଧିକାରୀଙ୍କ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ ପାଇଁ ସେ ଆତ୍ମହତ୍ୟା କରିଥିବା ଲେଖିଛନ୍ତି। ପାପୁଲିରେ ସେ ପୁଲିସ ଏସ୍‌ଆଇ ଗଣେଶ ବଡନେ ତାଙ୍କୁ ୪ଥର ଦୁଷ୍କର୍ମ କରିଥିବା ଅଭିଯୋଗ କରିଛନ୍ତି। ସମ୍ପଦା ଓ ଜିଲ୍ଲା ପୁଲିସ ମଧ୍ୟରେ ଏକ ମେଡିକାଲ ପରୀକ୍ଷାକୁ ନେଇ ପୂର୍ବରୁ ବିବାଦ ହୋଇଥିଲା। ପୁଲିସ କର୍ମଚାରୀ ପ୍ରଶାନ୍ତ ବାଙ୍କରଙ୍କ ବିରୋଧରେ ସେ ଶାରୀରୀକ ଓ ମାନସିକ ନିର୍ଯାତନା ଦେବାର ଅଭିଯୋଗ କରିଛନ୍ତି। ଏହି ମାମଲାରେ ନିରପେକ୍ଷ ଯାଞ୍ଚ କରାଯିବ ଓ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ସ୍ଥାନୀୟ ମନ୍ତ୍ରୀ ଶମ୍ଭୁରାଜ ଦେଶାଇ କହିଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ଏସ୍‌ଆଇ ଗଣେଶଙ୍କୁ ନିଲମ୍ବନ କରାଯାଇଛି। ଏହି ମାମଲାରେ ସମ୍ପଦା ପୁଲିସ ବିଭାଗ ତରଫରୁ ହେଉଥିବା ନିର୍ଯାତନା ନେଇ ଏକାଧିକବାର ନିଜ ବରିଷ୍ଠ ଡାକ୍ତରଙ୍କ ନିକଟରେ ଅଭିଯୋଗ କରିଥିଲେ। ମୋ ସହିତ ଖରାପ ବ୍ୟବହାର କରାଯାଉଛି। ଯଦି ମୋ କଥା ଶୁଣା ଯିବନି ତେବେ ଆତ୍ମହତ୍ୟା କରିବି ବୋଲି ସମ୍ପଦାକହିଥିଲେ। ଜଣେ ଡିଏସପିଙ୍କୁ ମଧ୍ୟ ଅଭିଯୋଗ ଦେଇଥିଲେ। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ସମ୍ପଦା ମହାରାଷ୍ଟ୍ରର ବିଡ୍‌ରେ ରହି ଫଲଟାନ ଜିଲ୍ଲା ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ଅଭିଯୁକ୍ତଙ୍କ ସୁସ୍ଥ ପ୍ରମାଣପତ୍ର ଦେବାକୁ ସମ୍ପଦାଙ୍କ ଉପରେ ପ୍ରବଳ ଚାପ ପକାଯାଉଥିଲା। ଏଥିପାଇଁ ସେ ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଥିଲେ। ମହାରାଷ୍ଟ୍ର ମହିଳା କମିଶନ ମଧ୍ୟ ଏହି ମାମଲାକୁ ଗମ୍ଭୀରତାର ସହ ନେଇ ନିରପେକ୍ଷ ତଦନ୍ତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ସମ୍ପଦାଙ୍କ ଆଉ ଏକ ଚିଠି ସାମ୍ନାକୁ ଆସିଛି। ଏଥିରେ ଜଣେ ସାଂସଦ ଏବଂ ତାଙ୍କ ବ୍ୟକ୍ତିଗତ ସହାୟକଙ୍କ ବିଷୟରେ କୁହାଯାଇଛି। ତେବେ କାହାର ନାମ ଲେଖାଯାଇନାହିଁ।

### ■ ଏସ୍‌ଆଇଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

## ପାକିସ୍ତାନକୁ ପାଣି ଦେବନି ଆଫଗାନିସ୍ତାନ

କାବୁଲ, ୨୪।୧୦(ଏଜେନ୍ସି): ଭାରତ ପରେ ଏବେ ପାକିସ୍ତାନକୁ ଶୋଷରେ ମାରିବାକୁ ଆଫଗାନିସ୍ତାନ ଯୋଜନା କରୁଛି। ଇସଲାମାବାଦକୁ ପାଣି ନ ଦେବା ପାଇଁ ଯୋଜନା କରାଯାଉଛି ବୋଲି ଆଫଗାନିସ୍ତାନ ସୂଚନା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଆଫଗାନିସ୍ତାନର ତାଲିବାନ ସରକାର କୁନାର ନଦୀ ଉପରେ ଖୁବ୍‌ଶୀଘ୍ର ଡ୍ୟାମ ନିର୍ମାଣ କରିବାକୁ ଯାଉଛନ୍ତି । ତାଲିବାନର ସର୍ବୋଚ୍ଚ ନେତା ମଓଲୋଭି ହିବାତୁଲ୍ଲା ଅଖୁନଜାଦା ଏହି ବନ୍ଧ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଘରୋଇ କମ୍ପାନୀଗୁଡିକୁ ଠିକା ଦିଆଯାଇ ଯଥାଶୀଘ୍ର ଏହି ଡ୍ୟାମ୍ ନିର୍ମାଣ କରିବାକୁ ମନ୍ତ୍ରଣାଳୟର ଉପମନ୍ତ୍ରୀ ମୁହାଜୀର ଫରାହୀ କହିଛନ୍ତି। ଏହି କାର୍ଯ୍ୟପାଇଁ ବିଦେଶୀ କମ୍ପାନୀଗୁଡିକୁ ଅପେକ୍ଷା କରାଯିବ ନାହିଁ। ନିକଟରେ ପାକିସ୍ତାନ ସହ ହୋଇଥିବା ସଂଘର୍ଷକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। କୁନାର ନଦୀର ଦୈର୍ଘ୍ୟ ୪୮୦ କିମି ହୋଇଥିବା ବେଳେ ଏହାର ୭୦ରୁ ୮୦ ପ୍ରତିଶତ ପାଣି ପାକିସ୍ତାନକୁ ବହିଯାଉଛି। ଆଫଗାନିସ୍ତାନରୁ ବାହାରି ଏହା ଚିରତାଲ ନଦୀ ହୋଇ କାବୁଲ ନଦୀରେ ମିଶିଛି। ଯଦି ଆଫଗାନିସ୍ତାନ ପାଣି ରୋକେ ତେବେ ପାକିସ୍ତାନରେ ଗମ୍ଭୀର ଜଳ ସଙ୍କଟ ସୃଷ୍ଟି ହେବ। ଉଲ୍ଲେଖଥାଉ କି, ଅକ୍ଟୋବର ୯ରୁ ୧୮ ତାରିଖ ମଧ୍ୟରେ ହୋଇଥିବା ଏହି ସଂଘର୍ଷରେ ୩୭ ଜଣ ଆଫଗାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪୨୫ ଜଣ ଆହତ ହୋଇଥିଲେ। ପୂର୍ବରୁ ମଧ୍ୟ ଭାରତ ପହଲଗାମ ଆକ୍ରମଣ ପରେ ଏପ୍ରିଲ ୨୩ରେ ସିନ୍ଧୁ ଜଳ ଚୁକ୍ତିକୁ ଭାରତ ରଦ୍ଦ କରିଦେଇଥିଲା। ପାକିସ୍ତାନକୁ ଯାଉଥିବା ପାଣିକୁ ରୋକିବା ନେଇ ଘୋଷଣା କରିଥିଲା।



# ଚିରାଗଙ୍କୁ ଭାଷଣ ଦେବାକୁ ଅଟକାଇଲେ ମୋଦୀ

ପାଟନା, ୨୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାରଠାରୁ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ସେ ସମସ୍ତିପୁର ରାଲି କରି କ୍ଷମତାସୀନ ମେଣ୍ଟ ପାଇଁ ଭୋଟ ମାଗିଛନ୍ତି। ତେବେ ଏହି ସମୟରେ ଅପ୍ରୀତିକର ଘଟଣା ଘଟିଥିଲା। ଉଦ୍‌ଘୋଷକ ଅଭିଭାଷଣ ଦେବା ପାଇଁ ପ୍ରଥମେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ନାମ ଡାକିଥିଲେ। କିନ୍ତୁ ମୋଦୀ ତାଙ୍କୁ ଏପରି ନ କରିବାକୁ ସଙ୍କେତ ଦେଇଥିଲେ। ସେ ଚିରାଗଙ୍କୁ ଭାଷଣ ଦେବାକୁ ଅଟକାଇବାକୁ ସଙ୍କେତ ଦେଇଥିଲେ। କାରଣ ବରିଷ୍ଠ ଏବଂ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ନୀତୀଶ କୁମାରଙ୍କ ପ୍ରଥମେ ଅଭିଭାଷଣ ପାଇଁ ଡାକିବାକୁ ସଙ୍କେତ ଦେଇଥିଲେ। ଏହା ପରେ ଉଦ୍‌ଘୋଷକ ନୀତୀଶଙ୍କୁ ଭାଷଣ ଦେବାକୁ ଡାକିଥିଲେ। ମୁଖ୍ୟମନ୍ତ୍ରୀ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଭାଷଣ ଦେବା ପରେ ମୋଦୀ ଜନତାଙ୍କୁ ସମ୍ବୋଧନ କରିଥିଲେ। କିନ୍ତୁ ଏହା ପରେ ଆଉ ଚିରାଗଙ୍କୁ ଅଭିଭାଷଣ ଦେବାକୁ ଡକା ଯାଇ ନ ଥିଲା।




ପ୍ରଧାନମନ୍ତ୍ରୀ ଆଜି ବେଗୁସରାୟ ଏବଂ ସମସ୍ତିପୁରରେ ଜନସଭା କରି ୩୦ ଥର ଜଙ୍ଗଲରାଜ କଥା ଉଠାଇ ଆରଜେଡି ଏବଂ ମହାମେଣ୍ଟକୁ ନିଶାଣ କରିଥିଲେ। ସେ ଲୋକଙ୍କୁ ନିଜ ମୋବାଇଲ ଫ୍ଲାସ ଲାଇଟ ଜଳାଇବାକୁ କହି ଲଣ୍ଠନର ଆବଶ୍ୟକତା ନ ଥିବା ଉଲ୍ଲେଖ କରିଥିଲେ। ମୋଦୀ କହିଥିଲେ ଯେ କଂଗ୍ରେସ ସମୟରେ ମୋବାଇଲ ବହୁତ ମହଙ୍ଗା ଥିଲା। ଏହାକୁ ବିଦେଶରୁ ମଗାଇବାକୁ ପଡୁଥିଲା। ସେତେବେଳେ ଦେଶରେ ୨ଟି ମୋବାଇଲ କାରଖାନା ଥିବାବେଳେ ଏବେ ଏହା ୨୦୦ରୁ ଅଧିକ ହୋଇଗଲାଣି।

ସେହିପରି ବେଗୁସରାୟରେ ପ୍ରଧାନମନ୍ତ୍ରୀଙ୍କ ମଞ୍ଚରୁ ଲାଇଟ ଚାଲି ଯାଇଥିଲା। ତେଣୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ମାଇକ ଧରି ଲାଇଟ ବାଲାଙ୍କୁ ଷ୍ଟେଜକୁ ଡାକି ଥିଲେ। ଅନ୍ୟପକ୍ଷରେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ପରେ ତେଜସ୍ୱୀ ଯାଦବ ଶୁକ୍ରବାର ପ୍ରଚାର ଅଭିଯାନ ଆରମ୍ଭ କରି ଶାସକ ମେଣ୍ଟଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଜନତା ତାଙ୍କୁ ମୁଖ୍ୟମନ୍ତ୍ରୀ କଲେ ବିହାର ଲୋକଙ୍କୁ ଚିନ୍ତାରୁ ମୁକ୍ତି ଦେବେ ବୋଲି କହିଥିଲେ। ସହର୍ସାରେ ଏକ ରାଲିକୁ ସମ୍ବୋଧନ କରି ତେଜସ୍ୱୀ କହିଥିଲେ ଯେ ଗୁଜରାଟର ଦୁଇ ବ୍ୟକ୍ତି ବିହାର ଚଳାଇବାକୁ ପ୍ରୟାସ କରୁଛନ୍ତି। ମୋଦୀ ଜୀ ଗୁଜରାଟରେ କାରଖାନା ଲଗାଇବେ ଏବଂ ବିହାର ଜିତିବାକୁ ଚାହିଁବେ। ଆଉ ଏଭଳି ହେବ ନାହିଁ। ବିହାରୀ ବାହାର ଲୋକଙ୍କୁ ଭୟ କରନ୍ତି ନାହିଁ। ଲାଲୁ ଜୀ ମୋଦୀଙ୍କୁ ଡରନ୍ତି ନାହିଁ, ତାଙ୍କ ପୁଅ କାହିଁକି ଡରିବ? ଏହା ମଧ୍ୟରେ ସମାଜବାଦୀ ପାର୍ଟି ବିହାର ନିର୍ବାଚନ ପାଇଁ ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରିଛି। ଏଥିରେ ଅଖିଳେଶ ଯାଦବ, ଆଜମ ଖାନ, ଦଳୀୟ ଉପାଧ୍ୟକ୍ଷ କିରଣମୟ ନନ୍ଦାଙ୍କ ନାମ ଥିବାବେଳେ ଦାଦା ରାମଗୋପାଳ ଯାଦବ ଏବଂ ଶିବପାଲ ଯାଦବଙ୍କ ନାମ ନାହିଁ।

## 'ମୁନ୍‌ଲାଇଟିଂ' ପାଇଁ ଆମେରିକାରେ ୧୫ ବର୍ଷ ଜେଲ୍ ଭୋଗିବେ ଭାରତୀୟ



ନ୍ୟୁୟର୍କ, ୨୪।୧୦(ଏଜେନ୍ସି): ଆମେରିକାର ମେହୁଲ ଗୋସ୍ୱାମୀ ନାମକ ଜଣେ ୩୯ ବର୍ଷୀୟ ଭାରତୀୟ ୧୫ ବର୍ଷ ଜେଲ୍ ଦଣ୍ଡ ଭୋଗିବା ସମ୍ଭାବନା ସୃଷ୍ଟି ହୋଇଛି। ନ୍ୟୁୟର୍କ ରାଜ୍ୟରେ ସରକାରୀ ଚାକିରି କରୁଥିବା ବେଳେ ସେ ଅନ୍ୟ ଏକ କମ୍ପାନୀ ପାଇଁ କାର୍ଯ୍ୟ କରୁଥିବା ତଥା ମୁନ୍‌ଲାଇଟିଂ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ବରୋଧରେ 'ଗ୍ରାଣ୍ଡ ଲାର୍ସେନି' ଅର୍ଥାତ ବଡ଼ ଚୋରିର ଅଭିଯୋଗ ଆସିଛି। ସେ କରଦାତାଙ୍କ ପାଖାପାଖି ୫୦ ହଜାର ଡଲାର ଅର୍ଥାତ ୪୨ ଲକ୍ଷ ଟଙ୍କାର ଦୁରୁପଯୋଗ କରିଛନ୍ତି ବୋଲି ଯାଞ୍ଚରୁ ଜଣା ପଡ଼ିଛି। ମେହୁଲ ନ୍ୟୁୟର୍କ ଷ୍ଟେଟ ଅଫିସ ଅଫ୍ ଇନଫର୍ମେସନ ଟେକ୍ନୋଲୋଜୀ ସର୍ଭିସେଜ୍‌ରେ କାର୍ଯ୍ୟ କରୁଥିଲେ। ଏହା ତାଙ୍କର ମୁଖ୍ୟ ଚାକିରି ଥିଲା। କିନ୍ତୁ ସେ ୨୦୨୨ ମାର୍ଚ୍ଚରେ ମଲ୍‌ଟାରେ ସେମିକଣ୍ଡକ୍ଟର କମ୍ପାନୀ ଗ୍ଲୋବାଲ ଫାଉଣ୍ଡ୍ରିଜ ପାଇଁ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲେ। ସେ ସରକାରୀ ଚାକିରି କରିବା ଅବସରରେ ହିଁ ଏହି କମ୍ପାନୀ ପାଇଁ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ଏହା ଆମେରିକାରେ ଏକ ବଡ଼ ଅପରାଧ ବିବେଚନା କରାଯାଇଥାଏ। ସରକାରୀ ଚାକିରି କରୁଥିବା ବ୍ୟକ୍ତିମାନଙ୍କ ଉପରେ ସଚ୍ଚୋଟତାର ସହ କାର୍ଯ୍ୟ କରିବାର ଦାୟିତ୍ୱ ଥାଏ ବୋଲି ଇନ୍‌ସପେକ୍ଟର ଜେନେରାଲ ଲୁସି ଲେଙ୍ଗ୍ କହିଛନ୍ତି। କିନ୍ତୁ ମେହୁଲଙ୍କ ଆଚରଣ ଜନତାଙ୍କ ବିଶ୍ୱାସର ବଡ଼ ଉଲ୍ଲଂଘନ ଓ ଅନ୍ୟ କମ୍ପାନୀ ପାଇଁ କର୍ଯ୍ୟ କରିବା ସରକାରଙ୍କ ସଂଶାଧନ ଓ ଜନସାଧାଣ ତଥା କରଦାତାଙ୍କ ଅର୍ଥର ଦୁରୁପଯୋଗ ବୋଲି ସେ କହିଛନ୍ତି।

## ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣା

# ଶଙ୍କରର ଅକଳନ ସମ୍ପତ୍ତି ଦେଖି କ୍ରାଇମବ୍ରାଞ୍ଚ ଜଲକା

ଭୁବନେଶ୍ୱର,୨୪।୧୦(ସମିସ): ଦିନ ମଜୁରିଆରୁ ବିପୁଳ ସମ୍ପତ୍ତିର ମାଲିକ ପାଲଟିଛି ପୁଲିସ ଏସ୍ଆଇ ଚାକିରି ବେପାରର ମୁଖ୍ୟ କାର୍ପଟଦାର ଶଙ୍କର ପୃଷ୍ଟି। ଏକ ସମୟରେ ଶଙ୍କରର ଗାଁରେ ବାପା ଲୁହା କାମ କରୁଥିଲେ ଓ ସେଥିରେ ତାଙ୍କୁ ଶଙ୍କର ସହଯୋଗ କରୁଥିଲେ। ପରବର୍ତ୍ତୀ ସମୟରେ ଗାଁରେ ବୁଲି ସେ ମାମଲାତି କରୁଥିଲେ। ମାତ୍ର ଚାକିରି ବେପାରରେ ତାଙ୍କ କମ୍ପାନୀ ପଞ୍ଚସପ୍ଟର ସଂପୃକ୍ତିର ଅନୁସନ୍ଧାନ ସମୟରେ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ଅନେକ ଗୁରୁତ୍ୱପୂର୍ଣ୍ଣର୍ ସୂଚନା। ଦାମୀ ଗାଡ଼ି, ବିଳାସପୂର୍ଣ୍ଣ ଘର, କମ୍ପାନୀ, ରାଜ୍ୟ ଓ ରାଜ୍ୟ ବାହାରେ ଏକାଧିକ ଫାର୍ମ ହାଉସ, ଅନ୍ୟାନ୍ୟ ସମ୍ପତ୍ତିର ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି । ଛତ୍ରପୁର ରଘୁନାଥପୁରର ଡିଫେନସ୍ କଲୋନୀ ଅଞ୍ଚଳରେ ପତ୍ନୀ ଦିପ୍ତୀମୟୀଙ୍କ ନାଁରେ ଶଙ୍କର କିଣିଥିବା ଜମିର ମୂଲ୍ୟ ପ୍ରାୟ ୧୦ କୋଟି ହେବ ବୋଲି ଆକଳନ କରାଯାଇଛି। କେବଳ ଛତ୍ରପୁର ନୁହେଁ ଅନ୍ୟ ସ୍ଥାନରେ ବି ଶଙ୍କରର ଜମି ଓ ଫାର୍ମହାଉସ ଥିବା କ୍ରାଇମବ୍ରାଞ୍ଚ ସୂଚନା ପାଇଛି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ବିଗ୍‌ବସ୍ ରେଡ୍ଡୀର ଆଶୀର୍ବାଦ

- ଛତ୍ରପୁରରେ ପତ୍ନୀ ନାମରେ କିଣିଛି ୧୦ କୋଟିର ସମ୍ପତ୍ତି
- ବିଗ୍‌ବସ୍ ରେଡ୍ଡୀଠାରୁ ଶଙ୍କର ଶିଖିଥିଲା ଜାଲିଆତି ତରିକା

ଓ ଜାଲିଆତି ପାଠରେ କୋଟିପତି ପାଲଟିଛି ଶଙ୍କର। ଗାଁରେ ଗୁଲିଖଟି କରି ବିତାଉଥିବା ବେଳେ ମଝିରେ ମଝିରେ ସେ ବ୍ରହ୍ମପୁର ଆସେ ସେଠାରେ ତାର ପରିଚୟ ରେଡ୍ଡୀ ସହ ହୋଇଥିଲା। ବିଭିନ୍ନ ଅପରାଧ ସହ ଜଡ଼ିତ ବାଲି ମାଫିଆ ରେଡ୍ଡୀ ଶଙ୍କରକୁ ପଢ଼ାଇଥିଲା ଜାଲିଆତି ତରିକା। ପ୍ରଥମେ କୋଚିଂ ସେଣ୍ଟର କରି ଛୋଟମୋଟ ରୋଜଗାର କରୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେ ପରୀକ୍ଷା ଜାଲିଆତି ଓ ଚାକିରି ବିକ୍ରିକୁ ନିଜର ପେଶା କରି ଦେଇଥିଲା। ଦାମୀ ଗାଡିରେ ପ୍ରତି ସପ୍ତାହରେ ବସ୍ତାରେ ଭର୍ତ୍ତିକରି ଶଙ୍କର ଗାଁକୁ ବିଡ଼ାବିଡ଼ା ଟଙ୍କା ଧରି ଆସୁଥିଲା। ଗାଁରେ ଟଙ୍କା ବାଣ୍ଟି ନିଜର ଗ୍ୟାଙ୍ଗ ବନାଇଥିଲା ଓ ଏହି ଗ୍ୟାଙ୍ଗ ଜରିଆରେ ବାଲି ଚୋରାଚାଲାଣ ଓ ଅନ୍ୟ ବେଆଇନ କାମ ଚଳାଇଥିଲା।

ଭୁବନେଶ୍ୱରରେ ନିଜ ବିଗ୍ ବସ୍ ରେଡ୍ଡି ଜରିଆରେ ସେ କିଛି ଆଇଏଏସ୍ ଓ ଆଇପିଏସ୍‌ଙ୍କ ସଂସ୍ପର୍ଶରେ ଆସିଥିଲା। ସେମାନଙ୍କ ସହାୟତାରେ ସେ ସିଲିକନ୍‌ଠାରୁ ଏସ୍ଆଇ ପରୀକ୍ଷା କରିବାକୁ ଠିକା ପାଇଥିଲା। ସିଲିକନକୁ ପଞ୍ଚସପ୍ଟ ଆଉ୍ ହକ୍ କର୍ମଚାରୀ ଦେବାର ପ୍ରସ୍ତାବ ଥିଲା। ପ୍ରସ୍ତାବରେ ଆଉଟ୍ ଅଫ୍ ସ୍କୋପ୍ ଦେବାର ବି ଉଲ୍ଲେଖ ରହିଥିଲା ଓ ଏହି ଆଉଟ୍ ଅଫ୍ ସ୍କୋପ୍‌ରେ ଥିଲା ପ୍ରଶ୍ନପତ୍ର ସହ ସଂପୃକ୍ତ କାର୍ଯ୍ୟାବଳୀ। ପରୀକ୍ଷା ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ପରୀକ୍ଷା ଖାତା ଦେଖା ସବୁ ଠିକା ଶଙ୍କର ନେଇଯାଇଥିଲା।

### ସୋମବାର ଦିଲ୍ଲୀରୁ ଆସିବେ ସିବିଆଇ ଅଧିକାରୀ

ପୁଲିସ ଏସ୍ଆଇ ଚାକିରି ବେପାର ଘଟଣାରେ ଓପିଆରବିର ଟେଣ୍ଡର ଓ ଆଇଟିଆଇ ସହ ହୋଇଥିବା ଚୁକ୍ତିନାମାର ତଥ୍ୟ ନେଇଛି ସିବିଆଇ। ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ଓପିଆର୍‌ବି କରିଥିବା ଟେଣ୍ଡର, ଏହାର ସର୍ତ୍ତାବଳୀ, ଆଇଟିଆଇ ସହ ହୋଇଥିବା ପତ୍ରବିନିମୟ ଆଦି ସଂକ୍ରାନ୍ତରେ ସିବିଆଇ ଅନୁସନ୍ଧାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ ନିମନ୍ତେ ଆସନ୍ତା ସୋମବାର ଦିଲ୍ଲୀରୁ କିଛି ସିବିଆଇ ଅଧିକାରୀ ଓଡ଼ିଶା ଆସିବେ ବୋଲି ସୂଚନା ମିଳିଛି। ଦିଲ୍ଲୀ ଅଧିକାରୀମାନେ ପହଞ୍ଚିବା ପରେ ତଦନ୍ତ ତ୍ୱରାନ୍ୱିତ ହେବା ଆଶା କରାଯାଉଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଏସ୍ଆଇ ପରୀକ୍ଷା କେଳେଙ୍କାରୀ ସଂକ୍ରାନ୍ତରେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛି। ଏଥିରେ ପଞ୍ଚସପ୍ଟ ଓ ସିଲିକନର ମିଳିତ ସହଯୋଗରେ ଅନିୟମିତତା ହୋଇଥିବା ଉଲ୍ଲେଖ କରାଯାଇଥିବା ସୂଚନା ମିଳିଛି।

### ଜେଲ୍‌ରେ ପକ୍ଷାଘାତରେ ପୀଡ଼ିତ ଜଣେ ଅଭିଯୁକ୍ତ

ବ୍ରହ୍ମପୁର, ୨୪।୧୦(ସମିସ): ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀରେ ଗିରଫ ହୋଇ ଜେଲରେ ଥିବା ଜଣେ ଚାକିରି ଆଶାୟୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହୋଇପଡ଼ିଛି। ସେ ହେଲେ, କଟକ ଜିଲ୍ଲା ନରସିଂହପୁର ଥାନା ଅନ୍ତର୍ଗତ ଡିମିରିଆ ଗ୍ରାମର ସନ୍ତୋଷ କୁମାର ଧଳଙ୍କ ପୁଅ ସଂଗ୍ରାମ କେଶରୀ ଧଳ(୨୩)। ସେ ଏକପ୍ରକାର ପକ୍ଷାଘାତ ବା ସ୍ନାୟୁଜନିତ ରୋଗ (ବେଲସ୍‌ପାଲ୍‌ସି) ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସଂଗ୍ରାମଙ୍କ ଡାହାଣପାର୍ଶ୍ୱ ମୁହଁ ବଙ୍କା ହୋଇଯାଇଥିବା ବେଳେ ତାଙ୍କର ଡାହାଣ ପାର୍ଶ୍ୱ ଆଖି ବନ୍ଦ କରିବାରେ ମଧ ସମସ୍ୟା ସୃଷ୍ଟି ହୋଇଛି। ତାଙ୍କୁ ଶୁକ୍ରବାର ଜେଲ୍‌ରୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ଏମ୍‌କେସିଜି ମେଡିକାଲକୁ ଅଣାଯାଇ ସିଟିସ୍କାନ୍ କରାଯାଇଥିଲା। ବର୍ତ୍ତମାନ ଭେଷଜ ବିଭାଗରେ ଭର୍ତ୍ତି କରାଯାଇଛି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ସଂଗ୍ରାମଙ୍କୁ ଏଠାରେ ଚିକିତ୍ସା କରାଯିବା ପରେ ଫିଜିଓଥେରାପି କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି।

# ଅନିଶ୍ଚିତତାରେ ପରୀକ୍ଷା; ଚିନ୍ତାରେ ଆଶାୟୀ

ଭୁବନେଶ୍ୱର, ୨୪।୧୦ (ସମିସ): ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବାକୁ ୨୫ଦିନ ବିତିଲାଣି। ପୁଲିସ୍‌ଠାରୁ କ୍ରାଇମବ୍ରାଞ୍ଚ ଏବଂ କ୍ରାଇମବ୍ରାଞ୍ଚଠାରୁ ସିବିଆଇକୁ ତଦନ୍ତ ଭାର ଦିଆଗଲାଣି। ଚାକିରି ବିକ୍ରି ରାକେଟ୍‌ର ଚେର ରାଜ୍ୟ ବାହାରକୁ ଲମ୍ବିଥିବା ତଦନ୍ତରୁ ସ୍ପଷ୍ଟ ଜଣାପଡ଼ିଥିଲେ ମଧ୍ୟ ପ୍ରକୃତ ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚିବାକୁ ତଦନ୍ତକାରୀ ସଂସ୍ଥାମାନେ ସଫଳ ହୋଇନାହାନ୍ତି। ହେଲେ, ପୁନଃ ପରୀକ୍ଷା କେବେ ହେବ, ସେନେଇ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ଫଳରେ ଆଶାୟୀଙ୍କ ମଧ୍ୟରେ ଆଶଙ୍କା ବଢ଼ିବା ସହ ସେମାନେ ମାନସିକ ଚିନ୍ତାରେ କାଳାତିପାତ କରୁଛନ୍ତି।

ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଗତ ୯ ତାରିଖରେ ଓପିଆର୍‌ବି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ଖୋଦ୍ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ସାମ୍ବାଦିକ ସମ୍ମିଳନୀ ଡାକିବା ସହ ଗଣମାଧ୍ୟମ ଜରିଆରେ ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ସନ୍ଦେଶ ଦିଆଯିବ ବୋଲି କହିଥିଲେ। ଫଳରେ ପରୀକ୍ଷା ନେଇ କିଛି ସ୍ପଷ୍ଟ ସୂଚନା ମିଳିବ ବୋଲି ପରୀକ୍ଷାର୍ଥୀମାନେ ଆଶା ବାନ୍ଧିଥିଲେ। ହେଲେ ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ତାହାକୁ ବାତିଲ କରିଦେଲେ। ଅନିବାର୍ଯ୍ୟ କାରଣବଶତଃ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖାଯାଉଥିବା କହିବା ସହ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀର ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇ ଖୁବ୍‌ଶୀଘ୍ର ସୂଚନା ଦିଆଯିବ ବୋଲି କହିଲେ। ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ଆଶାୟୀମାନଙ୍କୁ ଅନୁରୋଧ କରିବା ସହ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶ୍ୱାସନା ଦେଇଥିଲେ। ଏହାକୁ ୧୬ ଦିନ ବିତିଥିଲେ ମଧ୍ୟ ସାମ୍ବାଦିକ ସମ୍ମିଳନୀ ଡାକି ବା ବିଜ୍ଞପ୍ତି ଜାରି କରି ପରୀକ୍ଷା ସମ୍ପର୍କରେ ପଦୁଟିଏ କହିଲେ ନାହିଁ।

ଅପରପକ୍ଷେ, ୧୧ ତାରିଖ ଦିନ କିଛି ଗଣମାଧ୍ୟମର ପ୍ରତିନିଧିଙ୍କୁ ଏକ ଲେଖା ଧରାଇଦେଲେ। ତହିଁରେ କ୍ରାଇମବ୍ରାଞ୍ଚ ତଦନ୍ତ ଶେଷ ହେବା ପରେ ଯାଇ ନିଯୁକ୍ତି ପ୍ରକ୍ରିୟା ପୁନଃ ଆରମ୍ଭ କରାଯିବ ଓ ଯଥାଶୀଘ୍ର ଶେଷ କରାଯିବ ବୋଲି ଉଲ୍ଲେଖ କରିଥିଲେ। ହେଲେ କ୍ରାଇମବ୍ରାଞ୍ଚ ହାତରୁ ସିବିଆଇକୁ ତଦନ୍ତଭାର ଦିଆଯାଇଥିବାରୁ କେବେ ତଦନ୍ତ ସରିବ ଓ କେବେ ପୁନଃ ପରୀକ୍ଷା ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନୁରୂପ ଭାବେ ୨୨ତାରିଖରେ ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ସୁପାରିସ୍ କରିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଗଲା। ତହିଁରେ ପୁଲିସ୍ ପରି ସମସ୍ତ ପ୍ରକାର ୟୁନିଫର୍ମଧାରୀଙ୍କୁ ନିଯୁକ୍ତି ପାଇଁ ଏକ ନୂତନ ସ୍ଥାୟୀ ଆୟୋଗ ଗଠନ କରିବାକୁ ସରକାର ବିଚାର କରୁଥିବା ଉଲ୍ଲେଖ କରିଛନ୍ତି। ଫଳରେ ଓପିଆର୍‌ବିକୁ ଉଚ୍ଛେଦ କରିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଫଳରେ ପୁଲିସ୍ ଏସ୍ଆଇ ପରୀକ୍ଷା ଓପିଆର୍‌ବି କରିବ ନା ନୂତନ ଆୟୋଗ ଗଠନ ହେବା ପରେ ଯାଇ ପରୀକ୍ଷା ଅନୁଷ୍ଠିତ ହେବ, ତାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଓପିଆର୍‌ବି ବା ସରକାରଙ୍କ ପକ୍ଷରୁ ପରୀକ୍ଷା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନଥିବାରୁ ପରୀକ୍ଷାର୍ଥୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଜାନୁଆରୀରୁ ସ୍ନାତକ ପଢ଼ୁଥିଲେ ପାଇଁ କୌଣସି ନୂତନ ନିଯୁକ୍ତି ବାହାରି ନଥିବା ବେଳେ ସେମାନେ ପରିବାର ଉପରେ ନିର୍ଭରଶୀଳ ହୋଇ କେତେଦିନ ପରୀକ୍ଷା ପ୍ରସ୍ତୁତି କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏଣୁ ଦୁଇଥର ବାତିଲ୍ ହୋଇଥିବା ପୁଲିସ୍ ଏସ୍ଆଇ ପରୀକ୍ଷା କେବେ ଅନୁଷ୍ଠିତ ହେବ ଏବଂ କେଉଁ ସଂସ୍ଥା ପରୀକ୍ଷା ପରିଚାଳନା କରିବ, ସେ ସମ୍ପର୍କରେ ସରକାର ସ୍ପଷ୍ଟ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

## ରାଜ୍ୟ ସ୍କଲାରସିପ୍ ପୋର୍ଟାଲ୍ ଅଚଳ

ଭୁବନେଶ୍ୱର, ୨୪।୧୦(ସମିସ): ରାଜ୍ୟ ସ୍କଲାରସିପ୍ ପୋର୍ଟାଲ୍ ଅଚଳ ହୋଇଯାଇଛି। ଗୁରୁବାରଠାରୁ ୱେବସାଇଟ୍ ଧିମା ହୋଇଯାଇଥିବାବେଳେ ଆଜି ମୂଳରୁ ହିଁ ୱେବସାଇଟ୍ ଖୋଲୁନାହିଁ। ଦିନ ତମାମ୍ ପ୍ରୟାସ କରି ବହୁ ଛାତ୍ରଛାତ୍ରୀ ଛାତ୍ରବୃତ୍ତି ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି।

ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ସ୍ନାତକ ଓ ବୈଷୟିକ ପିଲାଙ୍କ ପାଇଁ ଉର୍ଦ୍ଧ୍ୱିକ ଯୁକ୍ତି ମେରିଟ୍ ସମେତ ବିଭିନ୍ନ ଛାତ୍ରବୃତ୍ତି ପାଇଁ ଆଜି ଶେଷ ଦିବସ ଥିଲା। ଦୁଇ ଦିନ ହେଲା ୱେବସାଇଟ୍ ଠିକ୍ ଭାବେ ଚାଲୁ ନ ଥିବାରୁ ଆବେଦନରେ ବିଳମ୍ବ ହୋଇଥିଲା। ଶେଷ ଦିନ ମୂଳରୁ ହିଁ ୱେବସାଇଟ୍ ଖୋଲୁ ନ ଥିବା ବହୁ ଛାତ୍ରଛାତ୍ରୀ ସ୍କ୍ରିନସଟ୍ ସହିତ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଆବେଦନ ଅବଧିକୁ ବଢ଼ାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ ବିଭାଗୀୟ ଅଧିକାରୀଙ୍କ ବେପରବାହ ମନୋଭାବକୁ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ମଧ୍ୟ ନାପସନ୍ଦ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ସ୍କୋଲାରସିପ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ଅଶୋକ କୁମାର ଗୌଡ଼ଙ୍କୁ ଅସୁବିଧା ସମ୍ପର୍କରେ ଜଣାଇବା ପାଇଁ ଦିନସାରା ଫୋନ୍ କରିଥିଲେ ମଧ୍ୟ ଫୋନ୍ ଉଠାଉ ନ ଥିବା ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀ କାହିଁକି ଉତ୍ତରଦାୟିତ୍ୱ ନେଉ ନାହାନ୍ତି ବୋଲି ପ୍ରଶ୍ନ କରିବା ସହ ଆବେଦନ ଅବଧି ବଢ଼ାଇବାକୁ ଅନୁରୋଧ କରିଛନ୍ତି।

- ଆବେଦନରୁ ବଞ୍ଚିତ ଛାତ୍ରଛାତ୍ରୀ; ଅବଧି ବଢ଼ାଇବାକୁ ଦାବି

## ଫୁଲବାଣୀ ଜେଲ୍‌କୁ ପିଣ୍ଟୁ ଦାଶଙ୍କୁ ସ୍ଥାନାନ୍ତରରେ ଆପତ୍ତି ଉଠାଇଲେ ପତ୍ନୀ

ବ୍ରହ୍ମପୁର, ୨୪।୧୦ (ସମିସ): ବ୍ରହ୍ମପୁର ଜେଲରେ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ବିପଦ ରହିଥିବା ଆଶଙ୍କା କରି ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ ବ୍ରହ୍ମପୁର ମଣ୍ଡଳ କାରାଗାରର ଜେଲର ଲକ୍ଷ୍ମୀକାନ୍ତ ଧାଙ୍ଗଡା ମାଝି। ଯାହାକୁ କୋର୍ଟ ଗ୍ରହଣ କରି ଅନୁମତି ମଧ୍ୟ ଦେଇଥିବା ଜଣାପଡ଼ିଛି। ତେବେ ପୁଲିସ ଫୋର୍ସର ଅଭାବ ଯୋଗୁଁ ଶୁକ୍ରବାର ପିଣ୍ଟୁଙ୍କୁ ସ୍ଥାନାନ୍ତର ସମ୍ଭବପର ହୋଇନାହିଁ। ଆସନ୍ତା ୨୭ ତାରିଖ ଦିନ ତାଙ୍କୁ ଫୁଲବାଣୀ ସ୍ଥାନାନ୍ତର କରିବେ ବୋଲି ଜେଲ୍ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ପିଣ୍ଟୁଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତରକୁ ନେଇ ଆପତ୍ତି ଉଠାଇଛନ୍ତି ତାଙ୍କ ଆଇନଜୀବୀ ପତ୍ନୀ ଆଶାଲତା ଦାଶ।

ଆଶାଲତା ନିଜ ଓକିଲଙ୍କ ଜରିଆରେ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ପିଟିସନ ଦାଏର କରି ନିବେଦନ କରିଛନ୍ତି। ତାଙ୍କ କହିବା କଥା, ବ୍ରହ୍ମପୁର ଜେଲରେ ଯଦି ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ରହିଛି, ତେବେ ବ୍ରହ୍ମପୁରଠାରୁ ସୁଦୂର ଫୁଲବାଣୀକୁ ସ୍ଥାନାନ୍ତର ବେଳେ ମଧ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ସେହିଭଳି ପିଣ୍ଟୁଙ୍କ ବିରୁଦ୍ଧରେ ଥିବା ବିଭିନ୍ନ ମାମଲା ବ୍ରହ୍ମପୁର କୋର୍ଟରେ ବିଚାର ଚାଲିଥିବାରୁ ଫୁଲବାଣୀରେ ମଧ ସମସ୍ୟା ଉପୁଜିବ। ଏଣୁ ପିଣ୍ଟୁଙ୍କୁ ଫୁଲବାଣୀ ଜେଲ ପରିବର୍ତ୍ତେ ଗଞ୍ଜାମ ଜିଲ୍ଲାର ତଥା ବ୍ରହ୍ମପୁର ଆଖପାଖରେ ଯେକୌଣସି ଜେଲକୁ ସ୍ଥାନାନ୍ତର କରିବାକୁ ପତ୍ନୀ ଆଶାଲତା ନିବେଦନ କରିଛନ୍ତି। ଆଶାଲତାଙ୍କ ନିବେଦନ ପରେ ପିଟିସନ୍‌କୁ ଗ୍ରହଣ କରି କୋର୍ଟ ଏହାର ତର୍ଜମା କରିଛନ୍ତି। ଫୁଲବାଣୀର ବିକଳ୍ପ ଭାବେ ଜିଲ୍ଲାର କେଉଁ ସର୍କଲ ଜେଲକୁ ପିଣ୍ଟୁଙ୍କୁ ସ୍ଥାନାନ୍ତର କରାଗଲେ ଉଚିତ ହେବ, ସେନେଇ କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କ ମତାମତ ଲୋଡ଼ିଥିବା ଜଣାପଡ଼ିଛି। ଶୁକ୍ରବାର ଆଶାଲତା ଦାଶ ନିଜ ଝିଅଙ୍କ ସାଙ୍ଗରେ ନେଇ ଓକିଲଙ୍କ ଜରିଆରେ କୋର୍ଟରେ ହାଜର ହୋଇଥିଲେ।

ସୂଚନା ଥାଉକି, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଅଛନ୍ତି।

## ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣାରେ ୟୁଜିସି ରିପୋର୍ଟ

# କଲେଜ କର୍ତ୍ତୃପକ୍ଷ ଦାୟୀ

ଭୁବନେଶ୍ୱର, ୨୪।୧୦ (ସମିସ): ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ କଲେଜ କର୍ତ୍ତୃପକ୍ଷଙ୍କ ଘୋର ଅବହେଳାକୁ ଦାୟୀ କରିଛି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସି। କଲେଜ ଅଧ୍ୟକ୍ଷଙ୍କ ଖାମଖିଆଲି ମନୋଭାବ, କଲେଜ ପ୍ରଶାସନ ଦ୍ୱାରା ବାରମ୍ବାର ଯୌନ ନିର୍ଯାତନା ଅଭିଯୋଗର ସମାଧାନ କରିବାରେ ଗମ୍ଭୀର ତ୍ରୁଟି, ଘୋର ଅବହେଳା ଏବଂ ସମ୍ବେଦନହୀନତା ଥିବା ୟୁଜିସିର ୪ ଜଣିଆ ତଦନ୍ତକାରୀ କମିଟି ତାର ରିପୋର୍ଟରେ ଉଲ୍ଲେଖ କରିଛି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା ଯୌନ ନିର୍ଯାତନା ପରି ଅଭିଯୋଗକୁ "ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ" ଦର୍ଶାଇ ଛାତ୍ରୀଙ୍କ ଅଭିଯୋଗକୁ ଅଧ୍ୟକ୍ଷ ଖାରଜ କରିଦେଇଥିବା କମିଟି ଦର୍ଶାଇଛି।

ରିପୋର୍ଟ ଅନୁଯାୟୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସମୀର କୁମାର ସାହୁ ସୌମ୍ୟାଶ୍ରୀଙ୍କୁ "ଫେବର୍" ମାଗୁଥିବା ନେଇ ଜୁଲାଇ ୧ ତାରିଖରେ ଅଭିଯୋଗ ହୋଇଥିଲା। ଯଦି ଅଧ୍ୟାପକଙ୍କ କଥାରେ ରାଜି ନ ହୁଅନ୍ତି, ତାହେଲେ ତାଙ୍କ ଶୈକ୍ଷିକ କ୍ୟାରିୟରକୁ ନଷ୍ଟ କରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ମାତ୍ର ଛାତ୍ରୀଙ୍କ ଅଭିଯୋଗ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ଦର୍ଶାଇ ଅଧ୍ୟକ୍ଷ ତାକୁ ଖାରଜ କରିଦେଇଥିଲେ। ଏହାପରେ ମଧ୍ୟ ସମାନ ଅଭିଯୋଗ ନେଇ ବାରମ୍ବାର ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। କୌଣସି ପଦକ୍ଷେପ ନ ନେବାରୁ ଶେଷରେ ନିଜ ଦେହରେ ନିଆଁ ଲଗାଇବାକୁ ଚରମ ନିଷ୍ପତ୍ତି ନେଇଥିଲେ। ତଦନ୍ତରେ ଉପଯୁକ୍ତ ମାନଦଣ୍ଡ ପାଳନ କରିବା ଏବଂ ପାଡିତାକୁ ମାର୍ଗଦର୍ଶନ କରିବାକୁ ନ କହି କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଭୁଲ କରିଛି ବୋଲି ରିପୋର୍ଟରେ କୁହାଯାଇଛି। ପ୍ରଫେସର ରାଜ କୁମାର ମିତ୍ତଲଙ୍କ ନେତୃତ୍ୱରେ ଗଠିତ ଚାରି ଜଣିଆ ସଦସ୍ୟ ବିଶିଷ୍ଟ ୟୁଜିସି କମିଟି ଘଟଣା ପରଦିନ କଲେଜରେ ପହଞ୍ଚି ବିସ୍ତୃତ ଯାଞ୍ଚ କରିଥିଲା। ସେହି ମାସରେ ହିଁ କମିଟି ପକ୍ଷରୁ ୟୁଜିସିକୁ ତଦନ୍ତ ରିପୋର୍ଟ ପ୍ରଦାନ କରିବା ସହ ସେପ୍ଟେମ୍ବରରେ ଘଟଣାରେ ପ୍ରତିକ୍ରିୟା ରଖିବାକୁ ଓଡ଼ିଶା ସରକାରଙ୍କୁ ପଠାଇଥିଲା। ଏଥିସହ କଲେଜର ଆଇସିସି କମିଟିକୁ ମଜବୁତ କରିବା, ଅଧିକ ସମ୍ବେଦନଶୀଳତା ଏବଂ ଦାୟିତ୍ୱର ସହିତ ଏପରି ମାମଲା ପରିଚାଳନା କରିବାକୁ ମଧ୍ୟ ତଦନ୍ତକାରୀ କମିଟି ପକ୍ଷରୁ ସତର୍କ କରାଯାଇଛି।

## ଜେଲ୍‌ରୁ ବାହାରିଲେ ଦୁଇ ଅଭିଯୁକ୍ତ

ବାଲେଶ୍ୱର, ୨୪।୧୦ (ସମିସ): ବହୁଚର୍ଚ୍ଚିତ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାରେ ଗିରଫ ଦୁଇ ଅଭିଯୁକ୍ତ ଆଜି ଜେଲରୁ ବାହାରିଛନ୍ତି। ସେମାନେ ହେଲେ, ଶୁଭ୍ରସମ୍ପିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳ। ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଦୁହିଁଙ୍କୁ ଗିରଫ କରାଯାଇଥିଲା। ଗତ ୨୨ ତାରିଖରେ ହାଇକୋର୍ଟରୁ ଦୁହିଁଙ୍କୁ ଜାମିନ ମିଳିଥିଲା। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁ ଓ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଜାମିନ ଖାରଜ କରିଥିଲେ ହାଇକୋର୍ଟ। ୮୪୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ ପରେ ସାନି ଜାମିନ ଆବେଦନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା।

## ଚାପରେ ନଇଁଲା ଏଫ୍‌ସିଆଇ

# ଡିସେମ୍ବର ସୁଦ୍ଧା ଉଠାଇବ ବଳକା ଚାଉଳ

ଭୁବନେଶ୍ୱର,୨୪।୧୦(ସମିସ): ଓଡ଼ିଶାର ବଳକା ଚାଉଳ ଉଠାଣ ପାଇଁ ଓଡ଼ିଶା ପକ୍ଷରୁ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ ହୋଇ ଆସୁଥିଲା। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏନେଇ କେନ୍ଦ୍ର ନିକଟରେ ଅନୁରୋଧ ରଖିଥିବା ପରେ ଶେଷରେ ଆସନ୍ତା ଡିସେମ୍ବର ସୁଦ୍ଧା ଦୁଇ ପର୍ଯ୍ୟାୟରେ ଏଫସିଆଇ ବଳକା ଚାଉଳ ଓଡ଼ିଶାରୁ ଉଠାଇବାକୁ ନିଷ୍ପତ୍ତି ନେଇଛି। ତେବେ ଓଡ଼ିଶାରେ ଏବେବି ୧୩ ଲକ୍ଷ କୁଇଣ୍ଟାଲ ବଳକା ଚାଉଳ ଥିବାବେଳେ ଏଫସିଆଇ କେତେ ଚାଉଳ ଉଠାଇବ ତାହା ସ୍ପଷ୍ଟ ହୋଇନାହିଁ।



ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଉଷୁନା ଚାଉଳ କେବଳ ଓଡ଼ିଶାରେ ବ୍ୟବହାର ହୋଉଥାଏ। ତେଣୁ କେନ୍ଦ୍ର ରାଜ୍ୟକୁ ଉଷୁନା ଚାଉଳ ଉଠାଇବାକୁ ଅଙ୍ଗୀକାର ହେଉଛି। ଅନ୍ୟ ରାଜ୍ୟରେ ଉଷୁନା ବ୍ୟବହାର ହେଉନଥିବାରୁ ଅଧିକ ଅରୁଆ ଚାଉଳ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ଆମକୁ ପରାମର୍ଶ ଦେଇଛନ୍ତି। ଛତିଶଗଡ଼, କେରଳ, କର୍ଣ୍ଣାଟକ ମଧ୍ୟ ନିଜ ନିଜ ରାଜ୍ୟର ଅତିରିକ୍ତ ଚାଉଳ ଉଠାଣ ନେଇ କେନ୍ଦ୍ର ନିକଟରେ ଦାବି କରୁଛନ୍ତି। କେନ୍ଦ୍ର ପରାମର୍ଶ ଅନୁଯାୟୀ ଏଣିକି ଅଧିକ ଅରୁଆ ଚାଉଳ ଦେବାକୁ ରାଇସ୍ ମିଲ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅପରପକ୍ଷେ ଉପ ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି କରିଛି। ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ୨୦୨୪-୨୫ ବର୍ଷରେ ୬୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି। ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି। ଆଉ ବଳକା ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି। ଏହି ୧୩ ଲକ୍ଷ ମେଟ୍ରିକ ଟନରୁ ଏଫସିଆଇ କେତେ ଚାଉଳ ଉଠାଇବ ତାହା ଉପ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିନାହାନ୍ତି। ଅପରପକ୍ଷେ ରାଜ୍ୟର ୧୬ ଜିଲ୍ଲାରେ ଉଭୟ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଆସନ୍ତା ତିନିମାସ ପାଇଁ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ପ୍ରାୟ ୧୦ ଲକ୍ଷ ୫୭ ହଜାର କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଇଛି। ଏହି ଚାଉଳ ରାଜ୍ୟରେ ମହଜୁଦ ଥିବା ବଳକା ଚାଉଳରୁ ଖର୍ଚ୍ଚ ହେବା ନେଇ ମଧ୍ୟ ଦାବି କରାଯାଉଛି। ମହଜୁଦ ରହିଥିଲା ଏହା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ରାଜ୍ୟର ୧୧ ଆଦିବାସୀ ଜିଲ୍ଲାରେ ଅତିରିକ୍ତ ୩ ମାସର ଚାଉଳ ପ୍ରଦାନ କରି ସାରିଛନ୍ତି। ଅଧିକାଂଶ ଜିଲ୍ଲାରେ ତେଣୁ ଏଫସିଆଇ କେତେ ଚାଉଳ ଉଠାଇବ ସେନେଇ ଉପ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ନୂଆପଡ଼ା ଉପନିର୍ବାଚନ

# କଂଗ୍ରେସ ରଥରେ ଭକ୍ତ ଉଭୟ ରଥୀ ଓ ସାରଥୀ

ଭୁବନେଶ୍ୱର,୨୪।୧୦(ସମିସ): ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ନିମନ୍ତେ ହେବ ମତଦାନ। ଗତ ୧୦ ବର୍ଷ ମଧ୍ୟରେ ହୋଇଥିବା ଉପନିର୍ବାଚନଗୁଡ଼ିକରେ କେବଳ ବ୍ରଜରାଜନଗରକୁ ଛାଡ଼ି ଅନ୍ୟ ଆସନରେ କଂଗ୍ରେସ ଏକ ପ୍ରକାର ଅମାନତ ହରାଇଛି। ମାତ୍ର ପ୍ରଥମଥର ପାଇଁ କଂଗ୍ରେସ ନୂଆପଡ଼ା ଉପନିର୍ବାଚନରେ ପ୍ରଭାବୀ ଭୂମିକାରେ ଅବତୀର୍ଣ୍ଣ ହୋଇଛି ଓ ପ୍ରତିଦ୍ୱନ୍ଦ୍ୱିତାରେ ସାମିଲ ହୋଇଛି। ଏସବୁ ଭିତରେ ରାଜନୈତିକ ରଣନୀତି ପ୍ରସ୍ତୁତି ଓ ଲଢ଼େଇ କ୍ଷେତ୍ରରେ ବିଜେଡି ଓ ବିଜେପି ତୁଳନାରେ କଂଗ୍ରେସ ଅପେକ୍ଷାକୃତ କମ୍ ସଂଗଠିତ ଥିବା ପରିଲକ୍ଷିତ ହୋଇଛି। ଦଳର ନିର୍ବାଚନ କମିଟି ଗଠନ ହେବା କ୍ଷେତ୍ରରେ ହେଉ କିମ୍ବା ଦୁଇଜଣଙ୍କ ପଛରେ ପଡ଼ିଛି। ସେହିପରି ଜଣେ କଂଗ୍ରେସ ଦାସଙ୍କ ବ୍ୟତୀତ କଂଗ୍ରେସର କୌଣସି ବଡ଼ ନେତାଙ୍କୁ ଏଯାଏ ନୂଆପଡ଼ାରେ ଦେଖିବାକୁ ମିଳିନାହିଁ। ଏପରି ସ୍ଥିତିରେ ଯୋଗୁଁ ଗତ ନିର୍ବାଚନରେ କଂଗ୍ରେସର ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀ ଓ ହାତ ଚିହ୍ନକୁ ମିଳିଥିବା ୬୫ ହଜାର ଭୋଟ୍ କଂଗ୍ରେସ ରଖି ପାରିବ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ଏହି ନିର୍ବାଚନ ପାଇଁ ବିଜେଡି ଦଳର ଅନେକ ବୁଝା ନେତାଙ୍କୁ ଜୋନ୍‌ୱାରୀ ଦାୟିତ୍ୱ ବଣ୍ଟନ କରିଥିବା ବେଳେ ପ୍ରଚାର ତଦାରଖ ପାଇଁ ବିଭିନ୍ନ ନେତାଙ୍କୁ ବ୍ଲକ୍ ଓ ଏନ୍‌ଏସ ଦାୟିତ୍ୱ ପ୍ରଦାନ କରିଛି। ଶାସକ ବିଜେପି ମଧ୍ୟ ୮ ଜଣ ମନ୍ତ୍ରୀଙ୍କୁ ଜୋନ୍ ସଂଯୋଜକ ଭାବେ ନିୟୋଜିତ କରିଛି। ଏ ଦୃଷ୍ଟିରୁ କଂଗ୍ରେସ କେବଳ ନିର୍ବାଚନ ଷ୍ଟିୟରିଂ କମିଟି ଓ ମନିଟରିଂ କମିଟି ଗଠନରେ ସୀମିତ ରହିଛି। ପୂର୍ବରୁ ନିର୍ବାଚନ ସମୟରେ କଂଗ୍ରେସ ପକ୍ଷରୁ ଉଲ୍ଲେଖ ଜୋନ୍‌ରେ ଦାୟିତ୍ୱ କରାଯାଉଥିବା ବେଳେ ତାହା ଏଥର ତାହା କରାଯାଇ ନାହିଁ ଯାହାକୁ ନେଇ ଦଳର ବରିଷ୍ଠ ନେତାଙ୍କ ମଧ୍ୟରେ ଅସନ୍ତୋଷ ରହିଛି।

- ଷ୍ଟାର ପ୍ରଚାରକ ସୂଚୀକୁ ନେଇ ବରିଷ୍ଠ ନେତା କ୍ଷୁବ୍ଧ
- ଏଯାଏଁ ନୂଆପଡ଼ା ଯାଇନାହାନ୍ତି ଉପକୂଳିଆ ନେତା
- ଜୋନ୍‌ୱାରୀ ଦାୟିତ୍ୱବଣ୍ଟନରେ ପଛରେ କଂଗ୍ରେସ

ଅନ୍ୟପକ୍ଷରେ ଦଳ ପକ୍ଷରୁ ଜାରି ୪୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକାକୁ ନେଇ ମଧ୍ୟ ଅନେକ ନେତା ଖୁସି ନ ଥିବା ଜଣାପଡ଼ୁଛି। ବିଶେଷ କରି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋସ୍‌ଙ୍କୁ ଏହି ତାଲିକାରୁ ବାଦ୍ ଦେବା ପଛର କାରଣକୁ ନେଇ ଅନେକ କଂଗ୍ରେସ ନେତା ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ବିଜେଡି ଏହି ଆସନ ପାଇଁ ଏକାଧିକ ମୁସଲିମ୍ ନେତାଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରିଛି। ହେଲେ ବିଜେପିକୁ ସାମ୍ପ୍ରଦାୟିକ ଦଳ ଓ ନିଜକୁ ଧର୍ମନିରପେକ୍ଷ ଦଳ ବୋଲି ଦାବି କରି ଆସୁଥିବା କଂଗ୍ରେସ ଏଠାରେ ସୋଫିଆଙ୍କୁ ତାରକା ପ୍ରଚାରକ ସୂଚୀରୁ ବାଦ ଦେବା ଦଳୀୟ କର୍ମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଆସନରେ ପ୍ରାୟ ୫ ହଜାର ମୁସଲିମ୍ ଭୋଟରଙ୍କୁ କଂଗ୍ରେସ କିପରି ଅଣଦେଖା କଲା ତାହା ସନ୍ଦେହ ସୃଷ୍ଟି କରିଛି।

ବର୍ତ୍ତମାନ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସହିତ କେବଳ ପିସିସି ସଭାପତି ପ୍ରଚାର ମୈଦାନରେ ରହୁଛନ୍ତି। ୩ ଦଳର ସଭାପତିଙ୍କ ତୁଳନାରେ ବ୍ୟକ୍ତିଗତ ଭାବେ ସେ ସବୁଠୁ ଅଧିକ ପରିଶ୍ରମ କରୁଥିଲେ ମଧ୍ୟ ଦଳ ଏଠାରେ ଏକତ୍ରିକରଣ ହୋଇ ଲଢୁଥିବା ନେଇ ବାର୍ତ୍ତା ଦେବାରେ ସେ ଏକ ପ୍ରକାର ବିଫଳ ହୋଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଘାସିରାମଙ୍କ ପ୍ରାର୍ଥୀତ୍ୱକୁ ନେଇ କେବଳ ଗୋଟିଏ ମାତ୍ର ଭ୍ରମ ମିଟିଂ ହୋଇଥିଲା। ଏହି ମିଟିଂରେ କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଏହାପରଠାରୁ ଦଳୀୟ ସ୍ତରରେ ବରିଷ୍ଠ ନେତାମାନଙ୍କୁ ନେଇ ଆଉ ସେମିତି କୌଣସି ବୈଠକ ହୋଇ ନାହିଁ। ଯାହାର ପରିଣାମ ସ୍ୱରୂପ ଦଳର ଉପକୂଳ ହେଉ କିମ୍ବା ଅନ୍ୟ ବରିଷ୍ଠ ନେତାମାନେ କେବେ ସେଠାକୁ ପ୍ରଚାରରେ ଯିବେ ଓ ଦଳର ପ୍ରଚାର ରଣନୀତି କିପରି ରହିବ ତାହା ଏଯାଏଁ ସ୍ପଷ୍ଟ ହୋଇ ନାହିଁ।

## ୨ ପୁଲିସ କର୍ମଚାରୀଙ୍କୁ ମାଡ଼

ଛେଣ୍ଡିପଦା, ୨୪।୧୦ (ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଷ୍ଟେସନ ନିକଟରେ ମେଟା କମ୍ପାନୀ କର୍ମଚାରୀଙ୍କ ମାଡ଼ରେ ୨ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ, ଜରପଡ଼ା ଥାନା ଏଏସଆଇ ଲଳିତ ବିଶ୍ୱାଳ ଓ କନେଷ୍ଟବଳ ରୁନମାଝି। ଉଭୟଙ୍କୁ ଜରପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଜରପଡ଼ାରେ ଟ୍ରେନ ଯୋଗେ କୋଇଲା ପରିବହନ ପାଇଁ ବିଭିନ୍ନ କମ୍ପାନୀ ଜରପଡ଼ା ରେଳ ଷ୍ଟେସନ ପାର୍ଶ୍ୱରେ ଡେରା ପକାଇ କାର୍ଯ୍ୟାଳୟ କରିଛନ୍ତି। ଏହି କୋଇଲା ଡିପୋକୁ ନେଇ ଦୀର୍ଘଦିନ ହେବ ବିବାଦ ଲାଗି ରହିଥିବା ବେଳେ ଶୁକ୍ରବାର ଏଏସଆଇ ବିଶ୍ୱାଳ ଓ କନେଷ୍ଟବଳ ମାଝି ଘଟଣାସ୍ଥଳକୁ ଯାଇଥିଲେ। ତଦନ୍ତ ନିମନ୍ତେ ଉଭୟ ମେଟା କମ୍ପାନୀ ପରିସରରେ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ କମ୍ପାନୀର କିଛି କର୍ମଚାରୀ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।

## ଦୁଇ କନେଷ୍ଟବଳ ନିଲମ୍ବିତ

ସୋର, ୨୪।୧୦ (ସମିସ): କାର୍ଯ୍ୟରେ ଅବହେଳା ପାଇଁ ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡିର ଦୁଇଜଣ କନେଷ୍ଟବଳଙ୍କୁ ବାଲେଶ୍ୱର ଏସ୍‌ପି ନିଲମ୍ବିତ କରିଛନ୍ତି। ସେମାନେ ହେଲେ, କନେଷ୍ଟବଳ ପୂର୍ଣ୍ଣେନ୍ଦୁ ସିଂ ଓ ପୁରୁଷୋତ୍ତମ ସିଂ। ସୂଚନାନୁସାରେ, କାର୍ଯ୍ୟରେ ଅବହେଳା ନେଇ ଦୁହିଁଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଏ ବାବଦରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ନାୟକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହାପରେ ତାହାକୁ ଆଧାର କରି ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଉଭୟଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି।

# ଜୀବିକା ହରାଇବେ ୫୦ ହଜାର ପାନ ଚାଷୀ!

ନୟାହାଟ,୨୪।୧୦(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଅଞ୍ଚଳରୁ ପ୍ରତି ହାଟ ପାଳି ବିଭିନ୍ନ ଅଞ୍ଚଳରୁ ବା ବିଭିନ୍ନ ଜିଲ୍ଲାରୁ ନୟାହାଟ ବଜାରକୁ ପାନ କିଣା ବିକା କରିବା ପାଇଁ ଆସିଥାଆନ୍ତି। ନୟାହାଟ ପାନ ଚାଷୀଙ୍କ ଅଞ୍ଚଳ ବୋଲି କୁହାଯାଏ। ପାନ ବିକ୍ରି ବଟା ଉପରେ ସବୁ ବ୍ୟବସାୟୀ ନିର୍ଭର କରିଥାନ୍ତି। ପାନ ବିକ୍ରି ମାନ୍ଦା ହେଲେ ସବୁ ବ୍ୟବସାୟୀ ହାତ ବାନ୍ଧି ବସିଥାନ୍ତି। ନୟାହାଟ ଉପରେ ପୁରୀ, କଟକ, ଜଗତସିଂହପୁର ତିନୋଟି ଜିଲ୍ଲାର ୭ଟି ବ୍ଲକ୍ ଅଞ୍ଚଳର ୫୦ ହଜାରରୁ ଊର୍ଦ୍ଧ୍ୱ ପାନ ଚାଷୀ ସୋମ, ବୁଧ, ଶୁକ୍ର, ରବିବାର ହାଟ ବାରି ମାନଙ୍କରେ ପାନ ବିକ୍ରି ପାଇଁ ଭିଡ ଜମାଇଥାନ୍ତି। ପାନ ହାଟରେ ବ୍ୟବସାୟୀ ଚାଷୀ ମାନଙ୍କ ଠାରୁ ପାନ କିଣି ଓଡ଼ିଶା ଭାରତ ଓ ଭାରତ ବାହାରକୁ ବାଂଲାଦେଶ, ଶ୍ରୀଲଙ୍କା, ପାକିସ୍ତାନ ଓ ସାଉଦି ଆରବକୁ ପଠାଯାଇଥାଏ। ବାହାର ଦେଶମାନଙ୍କରେ ଓଡ଼ିଶା ପାନର ଚାହିଦା ଥିବାବେଳେ ବର୍ତ୍ତମାନ ପାନ ଦର ଆଶାତୀତ ଭାବେ କମିଯାଇଥିବାରୁ ପାନ ଚାଷୀ ମୁଣ୍ଡରେ ହାତ ଦେଇ ବସିଲେଣି। ୧୦୦୦ ପାନ ର ମୂଲ୍ୟ ୫୦୦ରୁ ୮୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ ବର୍ତ୍ତମାନ ପାନର ଚାହିଦା ନଥିବାରୁ ପାନ ମୂଲ୍ୟ ହ୍ରାସ ପାଇ ୧୦୦୦ ପ୍ରତି ୫୦ ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ପାନ ବରଜ ପାଇଁ ଚାଷୀ ପିଡ଼ିଆ ପଖୁଡ଼ି ଔଷଧ ଓ ମାଟି କିଣିବା ଲାଗି ପଇସା ନାହିଁ। ପରିବାର ପ୍ରତିପୋଷଣ କରିବା ପାଇଁ ଚିନ୍ତାରେ ଚାଷୀ ପଡ଼ିଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ, ନଡ଼ିଆ ଓ ଅନ୍ୟାନ୍ୟ ଚାଷ ପାଇଁ ସୁବିଧା ଯୋଗାଇ ଦିଆଯାଉଥିବାବେଳେ ପାନ ଚାଷୀଙ୍କ ପାଇଁ କିଛି ନାହିଁ ବୋଲି ପାନ ଚାଷୀ ପାଗଳ ସାହୁ, ବାନା ବେହେରା, ପଦୁ ବିଶ୍ୱାଳ ପ୍ରମୁଖ ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି।

# ପାଚିଲା ଧାନ କ୍ଷେତ ଉଜାଡୁଛନ୍ତି ବନ୍ୟଜନ୍ତୁ



ବନାଞ୍ଚଳ ଅଧିକାରୀଙ୍କୁ ଚାଷୀଙ୍କ ଦାବିପତ୍ର

ଡେଲାଙ୍ଗ,୨୪।୧୦(ସମିସ): ଡେଲାଙ୍ଗ ବ୍ଲକ ଅଧୀନ ବିଭିନ୍ନ ଗାଁ ଗହିରରେ ବନ୍ୟଜନ୍ତୁ ପଶି ପାଚିଲାଧାନ ଫସଲ ନଷ୍ଟ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲାବେଳେ ଏ ନେଇ ବନ ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଶୁକ୍ରବାର କୃଷକ ନେତା ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ମୋଟରୀ, ସାଉରିଆ, ରେଙ୍ଗଲ, ଜେନାପୁର, ସୁଜନପୁର, କୋଠବାଡ଼ ଆଦି ପଞ୍ଚାୟତର ଶତାଧିକ ଚାଷୀ ଆଙ୍କୋଇସ୍ଥିତ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଦୀର୍ଘବର୍ଷ ଧରି ଡେଲାଙ୍ଗ ବ୍ଲକ୍‌ର ବିଭିନ୍ନ ଗହିରରେ ହରିଣ, ବାରହା, ମାଙ୍କଡ଼ ଆଦି ବନ୍ୟଜନ୍ତୁଙ୍କ ଉପଦ୍ରବ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଅନେକ ସମୟରେ ଚାଷୀମାନେ ଲହୁଲୁହାଣ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବନ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା। ତେବେ ଶୁକ୍ରବାର ବନ୍ୟଜନ୍ତୁଙ୍କ କାରଣରୁ କ୍ଷତି ସହିଥିବା ଚାଷୀମାନେ ଏକତ୍ରିତ ହୋଇ ଡେଲାଙ୍ଗ ବନାଞ୍ଚଳ ଦାୟିତ୍ୱରେ ଥିବା ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଜୟକୃଷ୍ଣ ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଜନ୍ତୁଙ୍କ କାରଣରୁ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୫୦ହଜାର ଟଙ୍କା ପ୍ରଦାନ ସହିତ ତୁରନ୍ତ ବନ୍ୟପ୍ରାଣୀଙ୍କ ଠାରୁ ଫସଲ କ୍ଷେତକୁ ସୁରକ୍ଷା ଦେବାପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଗତବର୍ଷ ବନ୍ୟଜନ୍ତୁଙ୍କ କାରଣରୁ କ୍ଷତି ସହିଥିବା ବିଭିନ୍ନ ଗ୍ରାମର ଚାଷୀମାନେ ଅନ୍‌ଲାଇନ୍‌ରେ ଆବେଦନ କରିଥିବାବେଳେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଚଳିତବର୍ଷ କ୍ଷତି ସହିଥିବା ଚାଷୀମାନେ ନିଜ ମୋବାଇଲରେ 'ଅନୁକମ୍ପା' ସାଇଟ୍‌ରେ କ୍ଷତିପୂରଣ ପାଇଁ ଆବେଦନ କରିପାରିବେ ଓ ବନବିଭାଗ ପକ୍ଷରୁ ତଦନ୍ତ ପରେ ତୁରନ୍ତ ସେମାନଙ୍କ ବ୍ୟାଙ୍କ ଖାତାକୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଚାଷୀ ଚିତ୍ରସେନ ନିଶଙ୍କ, ବିଘ୍ନେଶ ସାମନ୍ତରାୟ, ରମେଶ ପାଟଶାଣୀ, ନବକିଶୋର ଚମ୍ପତି, ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମା' ଦକ୍ଷିଣକାଳୀ ପୂଜା କମିଟିର ସମ୍ବର୍ଦ୍ଧନା ଉତ୍ସବ



ଚାରିଛକ,୨୪।୧୦ (ସମିସ): ଚାରିଛକ ନିକଟସ୍ଥ ରତନପୁର ପଞ୍ଚାୟତ ପୋଡ଼ପଡ଼ା ଗ୍ରାମରେ ପ୍ରତିବର୍ଷଭଳି ଚଳିତବର୍ଷ ମା' ଦକ୍ଷିଣକାଳୀଙ୍କ ଯାନିଯାତ୍ରା ପାଳିତ ହୋଇଛି। ଗୁରୁବାର ଉଦ୍‌ଯାପନୀ ଦିବସରେ ମା' ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଡଃ କେଦାରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମା' କାଳୀଙ୍କ ମୁଖ୍ୟ ପୂଜକ ପଣ୍ଡିତ ରବୀନ୍ଦ୍ର କୁମାର ବାନାର୍ଜୀ, ମୁଖ୍ୟବକ୍ତା ଭାବେ ପୋଡ଼ପୋଡ଼ା ଗ୍ରାମ ମୁରବୀ କେଦାରନାଥ ସାହୁ, ଚାରିଛକ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସହ-ସମ୍ପାଦକ ସନ୍ତୋଷ ଦାସ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଚଳିତବର୍ଷ ମା' କାଳୀଙ୍କ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ପୂଜା କମିଟି ପକ୍ଷରୁ ଅତିଥି, ସାମ୍ବାଦିକ ଓ ପୂଜାକମିଟି ସଭାପତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଭୁବନେଶ୍ୱରରୁ ଆସିଥିବା ମେଲୋଡି ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମା' ଦକ୍ଷିଣକାଳୀ ପୂଜା କମିଟିର ସଭାପତି ସ୍ମୃତି ରଞ୍ଜନ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମା'ଦକ୍ଷିଣକାଳୀ ପୂଜା କମିଟି, ଯୁବକ ସଂଘ, ବାନାର୍ଜୀ ପରିବାର, ମୁଖାର୍ଜୀ ପରିବାର ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ପ୍ରସୂତିଙ୍କୁ ନ୍ୟାୟ ଦାବିରେ ମହମବତି ଶୋଭାଯାତ୍ରା

ନିମାପଡା,୨୪।୧୦(ସମିସ ) ନିମାପଡ଼ାରେ ଏକ ଘରୋଇ ନର୍ସିହୋମକୁ ଏହି ଥାନା ଅନ୍ତର୍ଗତ ଛତାହର ଗ୍ରାମର ଜଣେ ମହିଳା ପ୍ରସୂତି ପାଇଁ ଆସିଥିଲେ। ସେଠାରେ ମହିଳାଙ୍କର ଅସ୍ତ୍ରୋପ୍ରଚାର କରାଯିବା ପରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଅସ୍ତ୍ରୋପ୍ରଚାରରେ ଡାକ୍ତର ତ୍ରୁଟି କରିଥିବା ନେଇ ମହିଳାଙ୍କ ସ୍ୱାମୀ ଜିତେନ୍ଦ୍ର କୁମାର ନାୟକ ମଙ୍ଗଳବାର ଅପରେସନ କରିଥିବା ଡାକ୍ତର ଓ ନର୍ସିଂହୋମ ମାଲିକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ଘଟଣା ସଂପର୍କରେ ଡାକ୍ତର ଓ ନର୍ସିଂହୋମ କର୍ମଚାରୀଙ୍କ ଠାରୁ ପଚାରି ବୁଝିଥିଲେ। ମାତ୍ର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବା ଏବଂ ମୃତ ମହିଳାଙ୍କୁ ନ୍ୟାୟ ଦାବିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ନିମାପଡ଼ାସ୍ଥିତ ଜୟଗୁରୁ ଆଶ୍ରମ ନିକଟରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଥାନା ପର୍ଯ୍ୟନ୍ତ ଯାଇ ମୃତ ମହିଳାଙ୍କୁ ସଠିକ ନ୍ୟାୟ ପ୍ରଦାନ ଦାବିରେ ନାରାବାଜି କରିଥିଲେ।



## ନାବାଳିକାକୁ ଅପହରଣ ଅଭିଯୋଗ

ବ୍ରହ୍ମଗିରି,୨୪।୧୦(ସମିସ): ଜଣେ ନାବାଳିକା ନିଜ ଗାଁ ଭିତରକୁ ଟ୍ୟୁସନ ଯାଇ ଘରକୁ ନ ଫେରିବା ଯୋଗୁଁ ପରିବାର ଲୋକେ ବହୁ ଖୋଜାଖୋଜି ପରେ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଦୀର୍ଘ ୧୨ ଦିନ ହେଲାଣି ନାବାଳିକାର ଖୋଜଖବର ମିଳୁନଥିବାବେଳେ ପୁଲିସ ମଧ୍ୟ ବିଫଳ ହୋଇଛି। ନାବାଳିକା ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମଗିରି ଥାନା ସାତପଡ଼ା ଫାଣ୍ଡି କୃଷ୍ଣପ୍ରସାଦ ବ୍ଲକ୍ ଅଞ୍ଚଳରୁ ଗତ ୧୨ ତାରିଖରେ ନବମ ଶ୍ରେଣୀରେ ପଢୁଥିବା ରିମା (ଛଦ୍ମନାମ) ନିଜ ଗାଁ ଭିତରକୁ ଟ୍ୟୁସନ ଯାଇଥିଲା। କିନ୍ତୁ ଦୀର୍ଘ ସମୟ ଧରି ଛାତ୍ରୀ ଜଣଙ୍କ ଘରକୁ ଫେରି ନଥିଲେ। ପରିବାର ଲୋକେ ଦୁଇ ଦିନ ଧରି ରିମାକୁ ଖୋଜି ନ ପାଇବାରୁ ଗତ ୧୪ ତାରିଖରେ ସାତପଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ନାବାଳିକାକୁ ଅପହରଣ କରି ନିଆଯାଇଛି। ତାର ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଅଭିଯୋଗ କରିବା ପରେ ପୁଲିସ ୪୧୪/୨୫ରେ ୧୩୭ (୨) ବିଏନଏସ ଓ ଆଇପିସି ୩୬୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ନାବାଳିକାକୁ ଉଦ୍ଧାର କରିବାରେ ସଫଳ ହୋଇ ନ ଥିବା ଜଣାପଡ଼ିଛି।

## ଜୀବନ ବୀମା ନିଗମ ପିପିଲି ଶାଖାର ବାର୍ଷିକୋତ୍ସବ




ପିପିଲି,୨୪।୧୦(ସମିସ): ଭାରତୀୟ ଜୀବନ ବୀମା ନିଗମ ପିପିଲି ଶାଖାର ୧୭ ତମ ବାର୍ଷିକ ଉତ୍ସବ ଆଜି ପିପିଲି ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମସ୍ତଙ୍କୁ କିଭଳି ଜୀବନ ବୀମା ନିଗମର ସୁବିଧା ସୁଯୋଗ ଦିଆଯାଇପାରିବ ଶାଖାର ପରିଚାଳକ ପ୍ରଦୀପ କୁମାର ମଲିକ ସମସ୍ତ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସାଦ ପଣ୍ଡା, ଯୁଧିଷ୍ଠିର ପାଟଶାଣୀ, ବିଜୟ କୁମାର ମହାନ୍ତି, ଦେବରାଜ ପଣ୍ଡା, ପ୍ରତାପ ମହାପାତ୍ର, ଅଭିମନ୍ୟୁ ଦାସଙ୍କ ସମେତ ପିପିଲି ଶାଖାର ସମସ୍ତ କର୍ମଚାରୀ ଓ ଏଜେଣ୍ଟ ଉପସ୍ଥିତ ଥିଲେ।

# ଦେଉଳି ମଠରେ ସ୍ଥାପନ ହେବ ନନ୍ଦିଘୋଷ ରଥର ଚକ

ଅସ୍ତରଙ୍ଗ,୨୪।୧୦(ସମିସ): ବ୍ରହ୍ମଦାରୁ ସ୍ୱରୂପିଣୀ ମା' ମଙ୍ଗଳାଙ୍କ ନନ୍ଦିଘୋଷ ରଥର ଚକ। ଏ ନେଇ ଅସ୍ତରଙ୍ଗ ସାମ୍ବାଦିକ ସଂଘର ମଧ୍ୟରେ ନନ୍ଦିଘୋଷ ରଥର ଗୋଟିଏ ଚକ ପ୍ରଦାନ କରିବାକୁ ପତ୍ର ଆସୁଥିବା ଶତାଧିକ ଶ୍ରଦ୍ଧାଳୁ ଦର୍ଶନ କରିବାର ସୌଭାଗ୍ୟ ଲାଭ ତଟରେ ଏହି ପାବନ କ୍ଷେତ୍ରକୁ ବିଶ୍ୱ ପ୍ରସିଦ୍ଧ ବନଯାଗ ପର୍ବ ପରିଚାଳିତ କ୍ଷେତ୍ର ଦେଉଳି ମଠର ଗରିମା ବହୁଗୁଣିତ ହେବ ବୋଲି କୁହାଯାଉଛି। ଓ ଲୋକ ପ୍ରତିନିଧିଙ୍କୁ ନେଇ ଦୀର୍ଘ ଏକ ବର୍ଷ ଧରି ଏହି ଉଦ୍ୟମ ଜାରି ସ୍ୱପ୍ନେଶ୍ୱର ସାହୁ, ଗଦାଧର ବିଶ୍ୱାଳ, ପୂର୍ବତନ ବିଧାୟକ ରବି ମଲ୍ଲିକ, ସ୍ୱାଇଁ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ବିଭିନ୍ନ ସମୟରେ ଶ୍ରୀମନ୍ଦିର କରିଥିଲେ। ତାହା ଏବେ ସାକାର ହେବାକୁ ଯାଉଥିବାରୁ ଅଞ୍ଚଳରେ ଆଗତ ୪ ବାଡ଼ର ସେବକ ମଣ୍ଡଳି ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ, ବିଗ୍ରହ ସଯତ୍ନେ ଆଣି ଦେଉଳି ମଠରେ ପହଞ୍ଚି ବିଶ୍ରାମ ନିଅନ୍ତି ଓ ଶ୍ରୀମନ୍ଦିର ଓ ମା'ମଙ୍ଗଳା ମନ୍ଦିର ମଧ୍ୟରେ ସଂଯୋଗ ରକ୍ଷା କରୁଥିବା ମନ୍ଦିରର ଅନତି ଦୂରରେ ଥିବା ଦେଉଳି ମଠରେ ସ୍ଥାପନ ହେବ ଶ୍ରୀଜଗନ୍ନାଥଙ୍କ ନିବେଦନକ୍ରମେ ଶ୍ରୀମନ୍ଦିର ପ୍ରଶାସନ ସମ୍ମତି ପ୍ରଦାନ କରି ଆସନ୍ତା ୧୫ ଦିନ ମାଧ୍ୟମରେ ଜଣାଇଛନ୍ତି। ରଥ ଚକ ସ୍ଥାପନ ହେଲେ ଦେଉଳି ମଠକୁ ପ୍ରତ୍ୟେହ କରିପାରିବେ। ଶ୍ରୀଜଗନ୍ନାଥଙ୍କ ନବକଳେବର ଅବସରରେ ଶ୍ରୀକ୍ଷେତ୍ରରୁ ପ୍ରାଚୀ ହୋଇଥାଏ। ରଥ ଚକ ସ୍ଥାପନ ହେଲେ ନବକଳେବର ସମୟର ମହାନ ସ୍ମାରକୀ ଅସ୍ତରଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଅସ୍ତରଙ୍ଗ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ ରହିଥିଲା। ସଙ୍ଘର ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡ଼ା, ସଙ୍ଘର ସଭାପତି ବିଶ୍ୱ ରଞ୍ଜନ ବିଶ୍ୱଶ୍ରୀ, ଆର୍ଯ୍ୟ ବିଶ୍ୱାଳ, ନିରଞ୍ଜନ ଦାଶ, ଲୋକନାଥ ପ୍ରଶାସନ ନିକଟରେ ଦେଉଳି ମଠରେ ରଥଚକ ସ୍ଥାପନର ଯଥାର୍ଥ ଦାବି ଉପସ୍ଥାପନ ଆନନ୍ଦର ଲହରୀ ଖେଳିଯାଇଛି। ବନଜାଗ ପର୍ବ ଅବସରରେ ଶ୍ରୀକ୍ଷେତ୍ରରୁ ମା'ମଙ୍ଗଳାଙ୍କ ପାଇଁ ପୂଜା ଉପଚାର, ରକ୍ତ ବର୍ଣ୍ଣ ଧ୍ୱଜା ସହ ଶ୍ରୀସୁଦର୍ଶନଙ୍କର ଚଳନ୍ତି ଆଗମନର ଦେବ ବାର୍ତ୍ତା ମା'ମଙ୍ଗଳାଙ୍କ ନିକଟକୁ ପ୍ରେରଣ କରନ୍ତି। ଏକଦା ଏହି ମଠ ରାଜ୍ୟ ମଠ ସଂସ୍କୃତିର ଏକ ଅନନ୍ୟ ସମ୍ପଦ ଭାବେ ବିବେଚିତ ହୁଏ।



# ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶିକାଙ୍କ କଣାସ ଅଞ୍ଚଳ ଗସ୍ତ



କଣାସ,୨୪।୧୦(ସମିସ): ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶିକା ପ୍ରଜ୍ଞାପରମିତା ଜେନା ଆଜି ଅଚାନକ କଣାସ ବ୍ଲକ୍ ପରିଦର୍ଶନରେ ଆସି କଣାସ ବ୍ଲକ୍ ଶିକ୍ଷା ବିଭାଗ କାର୍ଯ୍ୟାଳୟ ଓ କଣାସ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଆଜି ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ସାଧାନକେନ୍ଦ୍ର ସଂଯୋଜକମାନଙ୍କର ମାସିକ ସମୀକ୍ଷା ବୈଠକ ଚାଲିଥିବାବେଳେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶିକା ପ୍ରଜ୍ଞାପରମିତା ଜେନା ହଠାତ୍ ପହଞ୍ଚିଥିଲେ। କଣାସ ବ୍ଲକ୍‌ରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମର କାର୍ଯ୍ୟକାରିତାର ଉପନିର୍ଦ୍ଦେଶିକା ତଦାରଖ କରିବା ସହ ଉପସ୍ଥିତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକମାନଙ୍କ ସହିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ କଣାସ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଏଫ୍‌ଏଲ୍‌ଏନ୍ ଶ୍ରେଣୀ ଗୃହ ବୁଲି ଦେଖିଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନର ଗୁଣବତ୍ତା ସମ୍ପର୍କରେ ତଦାରଖ କରିବା ସହିତ ତତ୍‌ସମ୍ପର୍କୀୟ କାଗଜପତ୍ର ଯାଞ୍ଚ କରିଥିଲେ। ତାଙ୍କ ସହିତ କଣାସ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶିକା କଣାସ ବ୍ଲକର ଦୁଇଟି ମହାବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିବା ଜଣାପଡ଼ିଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା

ଗୋପ,୨୪।୧୦(ସମିସ): ଶୁକ୍ରବାର ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟ ଓ ଗୋପ ବ୍ଲକ୍ ପ୍ରଶାସନ ମିଳିତ ଆନୁକୂଲ୍ୟରେ ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋପ ବିଡିଓ ଛବିରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ପୁରୀ ଜିଲ୍ଲାର ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କ ଦ୍ୱାରା ଶାରୀରିକ ଭିନ୍ନକ୍ଷମ ଥିବା ଦୃଷ୍ଟିହୀନ ୮୩ ଜଣ ୧୧୬ ମାନସିକ ଅନଗ୍ରସର, ୧୩୧ ଜଣ କର୍ଣ୍ଣ ନାସା ଗଳା ବିଭାଗର, ୮ଜଣ ଶିଶୁ ରୋଗ ଓ ୩୧ ଜଣ ମେଡିସିନ, ଅସ୍ଥି ଶଲ୍ୟ ବିଭାଗର ୩୭୩ ଜଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ମୋଟ ୭୪୨ ଜଣ ବ୍ୟକ୍ତିଙ୍କ ପଞ୍ଜୀକରଣ କରାଯାଇଥିଲା। ତେବେ ଏହି ଶିବିରରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ପଞ୍ଜୀକରଣ କରିବାକୁ ଆସିଥିବା ଭିନ୍ନକ୍ଷମ ଓ ସମ୍ପର୍କୀୟ ବ୍ୟାପକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି କେତେକ ଭିନ୍ନକ୍ଷମ ବ୍ୟକ୍ତି ଘଣ୍ଟା ଘଣ୍ଟା ଧରି ଖରାରେ ଛିଡ଼ାହୋଇଥିବା ଦେଖିବାକୁ ମିଳିଥିଲା। ଶିବିର ସଠିକ ଭାବେ ପରିଚାଳନା ଲାଗି ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇ ଥିବାବେଳେ ଏହି ଶିବିରରେ ବ୍ୟାପକ ଅବବ୍ୟସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇ ଥିଲା।

## ଗୋଟିଏ ରାତିରେ ଦୁଇଟି ସ୍ଥାନରୁ ଚୋରି

ବଳଙ୍ଗା,୨୪।୧୦(ସମିସ): ବଳଙ୍ଗା ଥାନା ଅରେଇ ସାହି ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ବଳରାମ ରାଉତଙ୍କ କୁକୁଡ଼ା ଫାର୍ମରୁ ଚାରିଶହ କୁକୁଡ଼ା ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଅରେଇ ସାହି ଗ୍ରାମର ବଳରାମ ରାଉତ ସବୁଦିନ ଭଳି ଫାର୍ମରେ କାମସାରିବା ପରେ ଘରକୁ ଯାଇଥିଲେ। ରାତି ୨ଟା ସମୟରେ କୁକୁଡ଼ା ଫାର୍ମକୁ ଦେଖିବାକୁ ଯାଇଥିବାବେଳେ ଦେଖନ୍ତି ଯେ ଫାର୍ମର କବାଟ ମେଲା ହୋଇଛି। ଭିତରକୁ ଯାଇ ଦେଖିଲା ବେଳକୁ ୨ ଜଣ ଲୋକ ଫାର୍ମରେ ଥିବା କୁକୁଡ଼ା ଚୋରି କରି ନେଉଛନ୍ତି। ବଳରାମ ଏମାନଙ୍କୁ ଦେଖି ନିଜ ମୋବାଇଲରେ ଫଟୋ ଉଠାଉଥିବା ସମୟରେ ସେମାନେ ଦୌଡ଼ି ପଳାଇଥିଲେ। ସେ ତାଙ୍କ ପଛେ ପଛେ ଗଲାବେଳକୁ ସେମାନେ ଆଣିଥିବା ଗୋଟିଏ ଅଟୋ ଓ ଗୋଟିଏ ମଟରସାଇକେଲରେ ଖସି ପଳାଇଥିଲେ। ଘଟଣାସ୍ଥଳରେ ଦୁଇଟି ବରଫ ଅଖା ଛାଡ଼ି ଯାଇଥିଲେ। ସେହିପରି ଅରେଇସାହି ଗ୍ରାମ ପାଖକୁ ଲାଗି ଗଡ଼ଚାନ୍ଦପୁର ଗ୍ରାମର କୋଠ ପୋଖରୀରୁ ମାଛ ଚୋରି କରିଥିବା ନେଇ ପବିତ୍ର ପରିଡ଼ା ଅଭିଯୋଗ କରିଛନ୍ତି। ପବିତ୍ରଙ୍କର ଏକ ବରଫ କଳ ଅଛି, ତାଙ୍କ ଠାରୁ ସେମାନେ ଦୁଇ ଅଖା ବରଫ କିଣିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ବଳଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ତଦନ୍ତ ଜାରି ରଖିଛି।

# ରାତି ଅଧରେ ଘରେ ପଶି ମହିଳାଙ୍କୁ ହତ୍ୟା ଉଦ୍ୟମ

ଗୋପ,୨୪।୧୦(ସମିସ): ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତସ୍ଥିତ ବେଦପୁର ମଲିକ ସାହି ଗ୍ରାମରେ ଜଣେ ମହିଳାଙ୍କୁ ରାତି ଅଧରେ ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରିଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଯୁବକ ଜଣକୁ ରାଜନୈତିକ ଚାପରେ କିମ୍ବା ମୋଟା ଅଙ୍କର ଅର୍ଥ କାରବାର କରି ଛାଡି ଦେଇଥିବା ଚର୍ଚ୍ଚା ଜୋର ଧରିଛି। ସୂଚନା ମୁତାବକ ବେଦପୁର ମଲିକ ସାହି ଗ୍ରାମର ବଂଶୀଧର ମଲିକଙ୍କ ପତ୍ନୀ ସଖି ମଲିକ ଘରେ ସୋଇଥିବା ସମୟରେ ସେହି ଗ୍ରାମର ମଙ୍ଗୁ ମଲିକ ରାତି ୨ ଟା ସମୟରେ ମହିଳାଙ୍କ ଘରେ ପଶି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ପରେ ମହିଳାଙ୍କୁ ମରାନାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ମହିଳାଙ୍କ ଦାନ୍ତ ଭାଙ୍ଗି ଯାଇଥିଲା। ମହିଳା ଚିତ୍କାର କରିବାପରେ ଗ୍ରାମର ଜଗନ୍ନାଥ ମଲିକ ଓ ସୁନ୍ଦର ମଲିକ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରୁ ଯୁବକ ଜଣଙ୍କ ଫେରାର ହୋଇ ଯାଇଥିଲା। ପରେ ମହିଳା ଗୋପ ଥାନାରେ ଅଭିଯୋଗ କରିବାପରେ ଗୋପ ପୋଲିସ ୩୬୦/୨୫ ରେ ମାମଲା ରୁଜୁ କରି ତଦନ୍ତ କରିଥିବା ବେଳେ କେତେକ ରାଜନୈତିକ ବ୍ୟକ୍ତି ଏଭଳି ସମ୍ବେଦନଶୀଳ ଘଟଣା ରେ ହସ୍ତକ୍ଷେପ କରି ଯୁବକ ଜଣଙ୍କୁ ଥାନାରୁ ମୁକାଳିଥିବା ଜଣାପଡିଛି। ମହିଳାଙ୍କ ପ୍ରତି ହେଇଥିବା ଏଭଳି ଘଟଣାରେ ଯୁବକୁ ପୁଲିସ ଛାଡି ଦେଇଥିବାରୁ ତାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ଏନ୍‌ଏସିରେ ମିଶ୍ରଣକୁ ଗ୍ରାମବାସୀଙ୍କ ବିରୋଧ



ନିମାପଡ଼ା,୨୪।୧୦(ସମିସ): ନିମାପଡ଼ା ଏନ୍‌ଏସି ପକ୍ଷରୁ ନିମାପଡ଼ା ବ୍ଲକ୍‌ର କେତେକ ଗ୍ରାମକୁ ଏନ୍‌ଏସିରେ ମିଶାଇବା ପାଇଁ ନିମାପଡ଼ା ବିଡିଓଙ୍କୁ ଏନ୍‌ଏସି ପକ୍ଷରୁ ଏକ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ଆଜି ଏହାକୁ ବିରୋଧକରି ଉକ୍ତ ବ୍ଲକ୍‌ର ତାଲିକାରେ ନାମଥିବା ଗ୍ରାମବାସୀମାନେ ନଗର ଉନ୍ନୟନ ବିଭାଗ ସଚିବ ଓ ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିମାପଡ଼ା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀଙ୍କୁ ପ୍ରଦାନ କରିଛନ୍ତି। ଏହି ତାଲିକାରେ ବ୍ଲକ୍‌ର ଅନ୍ଧୁଆର, ଅରିଷଣ୍ଡ, ଧଳେଶ୍ୱର, ଡେଣୁଆଁ, ଭିଲିଗ୍ରାମ, ଚଅଁରପଦା, ଉହାଙ୍ଗ, ଅଲଣ୍ଡି, ତରଡ଼ାପଡ଼ା, କୁଆଁସ, ବିଜିପୁର, ମହାନ୍ତି ସାହି, ହଁସପଡ଼ା, ବେହେରା ସାହି, ବିଷ୍ଣୁପୁର, ଝାମ୍ପୁଲାକୁଦ, ଶ୍ୟାମ ସୁନ୍ଦରପୁର ଓ ରାସବାଡ଼ି ମଠସାହି ଆଦି ଗ୍ରାମଗୁଡ଼ିକୁ ଏନ୍‌ଏସିରେ ମିଶ୍ରଣ ପାଇଁ ଜଣାପଡ଼ିବା ପରେ ଆଜି ଶତାଧିକ ଗ୍ରାମବାସୀ ଏହାକୁ ବିରୋଧକରି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଏଠାରେ ସୂଚନା ଥାଉକି ନିମାପଡ଼ାକୁ ଏକ ମ୍ୟୁନିସିପାଲଟି କରାଯିବାକୁ ଗତ ୧୫ ତାରିଖରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଚିଠି ନଂ ୩୧୫୮ରେ ଏହି ଗ୍ରାମ ସବୁ ଏନଏସିରେ ମିଶ୍ରଣ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲ। ମାତ୍ର ଗ୍ରାମର ଲୋକମାନେ ସେମାନଙ୍କର ସାମାଜିକ ବିକାଶ ଓ ନିରାପତ୍ତା ପାଇଁ ଗ୍ରାମ ପଞ୍ଚାୟତ ଅଧୀନରେ ରହିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟ/ସଭ୍ୟା ଓ ଶତାଧିକ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କୈଳାଶ ଚନ୍ଦ୍ର ଅଗ୍ରୱାଲ
ବେତନଟୀ, ମୟୂରଭଞ୍ଜ
ଆବିର୍ଭାବ -୧୩/୧୧/୧୯୫୦ / ତିରୋଧାନ -୧୩/୧୦/୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଆମ ମାନଙ୍କ ପାଇଁ ଆପଣଙ୍କ ଜୀବନବ୍ୟାପୀ ତ୍ୟାଗ ସଦା ସର୍ବଦା ଆମକୁ ଋଣୀ କରି ରଖିବ। ଆପଣଙ୍କ ଅଭୁଲା ସ୍ମୃତି ଚିରଦିନ ପାଇଁ ହୃଦୟରେ ଉଦ୍ଜୀବିତ ହୋଇ ରହିଥିବ। ଆପଣଙ୍କ ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶ୍ରୀରାମ ଆପଣଙ୍କ ଅମରଆତ୍ମାକୁ ପାଦପଦ୍ମରେ ଚରଣାଶ୍ରିତ କରାନ୍ତୁ। ଆପଣ ଯୋଉଠି ଥାଆନ୍ତୁ ଭଲରେ ଥାଆନ୍ତୁ, ଶାନ୍ତିରେ ଥାଆନ୍ତୁ କେବଳ ଏତିକି ପ୍ରାର୍ଥନା।

ଆପଣଙ୍କ ହତଭାଗିନୀ ଧର୍ମପତ୍ନୀ ପ୍ରେମଲତା ଅଗ୍ରୱାଲ, ପୁଅ ସିଦ୍ଧାର୍ଥ ଅଗ୍ରୱାଲ, ପୁତ୍ରବଧୂ, ନାତିନାତୁଣୀ, ଝିଅ, ଜ୍ୱାଇଁ, ଭାଇ, ଭଗିନୀ, ବନ୍ଧୁ ପରିଜନ ଏବଂ ଶୋକାସନ୍ତପ୍ତ ପରିବାରବର୍ଗ

୨୪/୧୦/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୨୯,୮୧୧/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



# ଇଣ୍ଡିଆ ବୁକ ଅଫ୍ ରେକର୍ଡରେ କୁନି ଝିଅ ସମନ୍ୱିତା

**ପୁରୀ,୨୪।୧୦(ସମିସ):** ପ୍ରତିଭା ପ୍ରସ୍ଫୁଟିତ ହେବା ପାଇଁ କୌଣସି ବାଧା କେବେ ପ୍ରତିବନ୍ଧକ ସାଜିପାରେ ନାହିଁ। ସେହିପରି ବୟସ ମଧ୍ୟ ଏଥିରେ ବାଧକ ହୁଏ ନାହିଁ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ୨ ବର୍ଷ ୭ ମାସର କୁନି ଝିଅ ସମନ୍ୱିତା ଦାସ। ପୁରୀ ଚକ୍ରତୀର୍ଥ ରୋଡ ନୂଆସାହିର ଶିବପ୍ରସାଦ ଦାସ ଓ ମନସ୍ମିତା ମହାନ୍ତିଙ୍କ ଝିଅ ସମନ୍ୱିତା ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସମନ୍ୱିତା ୮୫ଟି ଇଂରାଜୀ ବିପରୀତ ଶବ୍ଦ, ଭାରତର ରାଜ୍ୟର ରାଜଧାନୀ ନାମ, ଭାରତର ୯ଟି ପଡୋଶୀ ଦେଶର ନାମ, ୭ଟି ମହାଦେଶ, ୫ଟି ମହାସାଗର, ୮ଟି ଗ୍ରହ, ଭାରତର ଜାତୀୟ ସଙ୍ଗୀତ, ୨୦ଟି ଜାତୀୟ ସଙ୍କେତ, ଭାରତର ବିଭିନ୍ନ ରାଜ୍ୟର ନୃତ୍ୟର ନାମ ପରି ବହୁତ କିଛି ମନେ ରଖି ଅନର୍ଗଳ କହି ପାରୁଛନ୍ତି। ଝିଅର ଏମିତି ପ୍ରତିଭା ଦେଖି ବାପା ଶିବପ୍ରସାଦ ଗତ ସେପ୍ଟେମ୍ବର ୩ ତାରିଖରେ ଅନ୍‌ଲାଇନ ଜରିଆରେ ଇଣ୍ଡିଆ ବୁକ୍ ଅଫ ରେକର୍ଡ଼ରେ ନିଜ ଝିଅର ଦକ୍ଷତାକୁ ନେଇ ୨୦ଟି ଭିଡିଓ ଅପ୍‌ଲୋଡ୍ କରି ଆବେଦନ କରିଥିଲେ। ଏହି ସମୟରେ ବଛାଯାଇଥିବା ୧୨୦ଟି ସାଧାରଣ ଜ୍ଞାନ, ମଣିଷ ଶରୀରର ୩୨ଟି ଅଙ୍ଗ, ୮ଟି ଗ୍ରହ, ରାଜ୍ୟ ରାଜଧାନୀ ନାମ, ଜିଲ୍ଲାର ନାମ ସହ, ୨ମିନିଟରୁ କମ୍ ସମୟରେ ୮୫ଟି ଇଂରାଜୀର ବିପରୀତ ଶବ୍ଦ, ଇଂରାଜୀକୁ ନାମ ସହିତ ଋତୁ, ବର୍ଷ, ମାସ, ସପ୍ତାହ, ମହାଦେଶ, ମହାସାଗର ଆଦି ପ୍ରଶ୍ନର ସଠିକ ଉତ୍ତର ରଖିଥିବାରୁ ତାଙ୍କୁ ଇଣ୍ଡିଆ ବୁକ ଅଫ୍ ରେକର୍ଡ ପାଇଁ ମନୋନୀତ କରାଯାଇଥିଲା। ପରେ ତାଙ୍କ ଘର ଠିକଣାରେ ଇଣ୍ଡିଆ ବୁକ ଅଫ୍ ରେକର୍ଡର ମାନପତ୍ର, ପରିଚୟ ପତ୍ର ଓ ମେଡାଲ ଆଦି ପଠାଯାଇଛି।



# ପୁରୀ ବନଖଣ୍ଡରେ ଅଲିଭ୍‌ରିଡ୍‌ଲେଙ୍କ ପ୍ରଥମ ଅଣ୍ଡାଦାନ

## ନୟରା ନିକଟ ସମୁଦ୍ର କୂଳରେ ଦେଲେ ୧୨୪ ଅଣ୍ଡା

**ପୁରୀ,୨୪।୧୦(ସମିସ)**

ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ସମୟକୁ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଭାବେ ଧରାଯାଏ । ହେଲେ ଏ ବର୍ଷ ପ୍ରଜନନ ଋତୁ ପୂର୍ବରୁ ପୁରୀ ଉପକୂଳରେ ଅଲିଭ୍‌ରିଡ୍‌ଲେଙ୍କ ଉପସ୍ଥିତ ଦେଖିବାକୁ ମିଳିଲାଣି। କେବଳ ଦେଖାଯାଇ ନାହାନ୍ତି, ପୁରୀ ବନଖଣ୍ଡ ଅଞ୍ଚଳରେ ପ୍ରଥମକରି ଅଣ୍ଡାଦାନ ମଧ୍ୟ କଲେଣି। ଶୁକ୍ରବାର ସକାଳେ କୋଣାର୍କ ରେଞ୍ଜ ଅନ୍ତର୍ଗତ ଚିତ୍ରେଶ୍ୱରୀ ପିଆରଏଫର ନୟରା ନିକଟ ପ୍ରକାଶ କରିଛନ୍ତି ପ୍ରକୃତିବନ୍ଧୁ।

ପ୍ରାୟ ପ୍ରତିବର୍ଷ ନଭେମ୍ବର ଆରମ୍ଭରୁ ଅଲିଭରିଡ୍‌ଲେ ଓଡିଶା ଉପକୂଳକୁ ଆସିବା ଆରମ୍ଭ କରିଥାନ୍ତି। ହେଲେ ପ୍ରାୟ ୫ ବର୍ଷ ହେବ ଗୋଟିଏ କଇଁଛ ଆଗୁଆ ଆସି ଅକ୍ଟୋବର ୧୫ରୁ ୨୦ ତାରିଖ ଭିତରେ କେଲୁଣୀ ମୁହାଣ ନିକଟରେ ଅଣ୍ଡା ଦେଇଥାଏ। ଚଳିତବର୍ଷ ମଧ୍ୟ ଏହି କଇଁଛ ଅଣ୍ଡା ଦେଇଥିବାବେଳେ ତା’ ଅଣ୍ଡା ସଂଗ୍ରହ ହୋଇପାରି ନ ଥିଲା, ଯାହାକୁ ବିଲୁଆ, କୁକୁର ଖାଇଦେଇଥିବା କୁହାଯାଉଛି। ତେବେ ଶୁକ୍ରବାର ସକାଳେ ଗୋଟିଏ





### ସଂଗ୍ରହ ପରେ କଅଁରପୁର କୃତ୍ରିମ ହାଚେରୀରେ ରଖାଗଲା

### ତଣ୍ଡାହାର ନିକଟ ବେଳାଭୂମିରେ ୨ ମଲା କଇଁଛ

ସମୁଦ୍ର କୂଳ ବାଲିରେ ଗୋଟିଏ କଇଁଛ ୧୨୪ଟି ଅଣ୍ଡାଦାନ କରିଥିଲା। ଏହି ଅଣ୍ଡାକୁ ସଂଗ୍ରହ କରାଯାଇ ନିକଟସ୍ଥ କଅଁରପୁର କୃତ୍ରିମ ହାଚେରୀରେ ସୁରକ୍ଷିତ ଭାବେ ପୋତି ଦିଆଯାଇଛି। ଅନ୍ୟପକ୍ଷରେ ପ୍ରଜନନ ଋତୁ ପୂର୍ବରୁ ବେଳାଭୂମିରେ ମଲା କଇଁଛ ଲାଗିବା ଘଟଣା ନେଇ ଉଦ୍‌ବେଗ କଇଁଛ ଚିତ୍ରେଶ୍ୱରୀ ପିଆରଏଫ୍‌ର ନୟରା ନିକଟ ସମୁଦ୍ର କୂଳ ବାଲିରେ ଅଣ୍ଡାଦାନ କରିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଜଣେ ଅସ୍ଥାୟୀ ବନ କର୍ମଚରୀ ପହଞ୍ଚି ୧୨୪ଟି ଅଣ୍ଡା ସଂଗ୍ରହ କରିଥିଲେ। ସେହି ଅଣ୍ଡାକୁ କଅଁରପୁର କୃତ୍ରିମ ହାଚେରୀରେ ସୁରକ୍ଷିତ ଭାବେ ପୋତି ଦିଆଯାଇଛି।

ଅନ୍ୟପକ୍ଷରେ ଦୁଇଦିନ ହେବ ତଣ୍ଡାହାର ନିକଟ ବେଳାଭୂମିରେ ୨ଟି ମଲା କଇଁଛ ଆସି ଲାଗିଛନ୍ତି। କଇଁଛଙ୍କ ଆଗମନ ଆରମ୍ଭରୁ ସେମାନଙ୍କ ମୃତ୍ୟୁ ହେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସେଭ୍ କୋଷ୍ଟାଲ ଲାଇଫ୍‌ର ସ୍ୱେଚ୍ଛାସେବୀ ପ୍ରକୃତି ବନ୍ଧୁ ସରୋଜ କୁମାର ଜେନା। ସେ କହିଛନ୍ତି, ପ୍ରଜନନ ରିତୁ ପୂର୍ବରୁ ଯେଉଁଭଳି ଉପକୂଳ ସଫା ହେବା କଥା ତାହା ହୋଇନାହିଁ। ବିଶେଷକରି କୋଣାର୍କ ରେଞ୍ଜର କେଲୁଣୀ ମୁହାଣ ଓ ଅସ୍ତରଙ୍ଗର ଦେବୀନାସୀ ବେଳାଭୂମିକୁ ସାମୁଦ୍ରିକ କଇଁଛମାନେ ଗଣ ଅଣ୍ଡାଦାନ ପାଇଁ ଆସିଥାନ୍ତି। କିନ୍ତୁ ଏହି ବେଳାଭୂମିକୁ ଏ ପର୍ଯ୍ୟନ୍ତ ବନ ବିଭାଗ ସଫା କରିନାହିଁ। ଗତ କିଛିବର୍ଷ ହେବ ଯେହେତୁ ଅକ୍ଟୋବର ମାସରେ କଇଁଛମାନେ ଅଣ୍ଡାଦାନ ପାଇଁ ଆସୁଛନ୍ତି ତେଣୁ ଅକ୍ଟୋବର ମାସରୁ ବନ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରାଯିବା ଦରକାର। ଏତଦ୍‌ବ୍ୟତୀତ କଇଁଛଙ୍କ ସୁରକ୍ଷା ପାଇଁ ଦେବିନାସୀଠାରୁ ନୂଆନଇ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଛଧରା ନିଷିଦ୍ଧ କରାଯାଉ। ଉପକୂଳରେ ଡ୍ରୋନ ଉଡ଼ିବା ଉପରେ କଟକଣା ଲଗାଯାଉ। ସେହିପରି ବିଭିନ୍ନ ସ୍ଥାନରେ ଫଳକ ମାଧ୍ୟମରେ ସଚେତନ ବାର୍ତ୍ତା ଉଲ୍ଲେଖ କରାଯାଉ। ଏହାଦ୍ୱାରା ସାମୁଦ୍ରିକ କଇଁଛମାନେ ନିରାପଦରେ ଅଣ୍ଡାଦାନ କରିବେ ବୋଲି ପ୍ରକୃତିବନ୍ଧୁ ଶ୍ରୀ ଜେନା କହିଛନ୍ତି।

# ସମାଜ ପାଇଁ ସାଇବର ଅପରାଧ ଏକ ବଡ଼ ଆହ୍ୱାନ

**ପୁରୀ,୨୪।୧୦(ସମିସ):** ଆଗେ ଚୋରି, ଡକାୟତି ବା ଅପରାଧ ପାଇଁ ଘଟଣାସ୍ଥଳରେ ଅପରାଧୀମାନଙ୍କୁ ଉପସ୍ଥିତ ରହିବାକୁ ପଡୁଥିଲା। କିନ୍ତୁ ବର୍ତ୍ତମାନ ସାଇବର ଅପରାଧ ମାଧ୍ୟମରେ ବିଶ୍ୱର ଯେ କୌଣସି ସ୍ଥାନରୁ ଆଖି ପିଛୁଳାକେ ଠକେଇ କରିହେଉଛି। କେବଳ ବ୍ୟାପକ ସଚେତନତା ଏହାକୁ ରୋକିପାରିବ ବୋଲି ଆହ୍ୱାନ ଦେଇଛନ୍ତି ସାଂସଦ ଡା. ସମ୍ବିତ ପାତ୍ର। ଶୁକ୍ରବାର ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ଓ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ ଡା. ପାତ୍ର ସାଇବର ଅପରାଧୀମାନେ ପ୍ରତି ମୁହୂର୍ତ୍ତରେ ସେମାନଙ୍କ ଜାଲ ବିଛାଇ, ମିଥ୍ୟା ପ୍ରଲୋଭନ ଦେଖାଇ ବ୍ୟକ୍ତି ବିଶେଷଙ୍କୁ ଲୁଟି ନେବାର ପ୍ରୟାସ କରୁଛନ୍ତି। ଏଥିପାଇଁ ସରକାର, ପୁଲିସ ପ୍ରଶାସନ ଲୋକମାନଙ୍କୁ ସଚେତନ କରାଉଛନ୍ତି। ତେବେ କମ୍ ସମୟରେ ଅଧିକ ଲାଭବାନ ଲୋଭରେ ସାଧାରଣ ବା ଶିକ୍ଷିତ ଲୋକ ଠକେଇର ଶିକାର ହେଉଛନ୍ତି। ସରକାର ସଚେତନ କରିବା ସହ ୧୯୩୦ ହେଲ୍ପ ଲାଇନ ନମ୍ବର ମାଧ୍ୟମରେ ସତର୍କ କରାଉଛନ୍ତି।




ତେଣୁ କୌଣସି ଲୋଭର ବଶବର୍ତ୍ତୀ ନ ହୋଇ ବା ଅଜଣା ଆପ୍, ଫ୍ରଡ୍ କଲ୍, ମେସେଜ୍‌କୁ ଗ୍ରହଣ ନ କରି ତାହାର ସତ୍ୟାସତ୍ୟ ଯାଞ୍ଚ କରି ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ସଚେତନତା ହିଁ ସତର୍କତା ବୋଲି କହିବା ସହ ସାଇବର ଅପରାଧ ଦ୍ରୁତ ଗତିରେ ଘଟୁଥିବାରୁ ଇଣ୍ଟରନେଟ୍ ବ୍ୟବହାର କରୁଥିବା ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ସତର୍କ ଭାବେ ଏହାକୁ ପରିଚାଳନା କରିବାକୁ କହିଥିଲେ।

ଏସ୍‌ପି ପ୍ରତୀକ ସିଂ, ଉପଜିଲ୍ଲାପାଳ ରାଜ କିଶୋର ଜେନା ସାଇବର ଅପରାଧ ବିଶ୍ୱର ଯେ କୌଣସି ସ୍ଥାନରୁ ଅପରାଧୀମାନେ ନିୟନ୍ତ୍ରଣ କରୁଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ତେଣୁ ସତର୍କ ଓ ସଚେତନ ରହିବା ସହ କିଛି ଘଟିଗଲେ ତୁରନ୍ତ ପୋଲିସ ଓ ସାଇବର ଥାନାର ସହାୟତା ନେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡା. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ସଦର ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ ସମସ୍ତଙ୍କୁ ସ୍ୱାଗତ ସହ ବିଷଦ ବିବରଣୀ ମାଧ୍ୟମରେ ସାଇବର ଅପରାଧ ସମ୍ପର୍କରେ ସୂଚନା ଦେଇଥିଲେ। ବିଗତ ବର୍ଷ ସାଇବର ଅପରାଧୀମାନେ ୨୨,୮୪୫ କୋଟି ଟଙ୍କା ସାଧାରଣ ଲୋକ ମାନଙ୍କଠାରୁ ଲୁଟି ନେଇଥିଲେ। ସାଇବର ଅପରାଧରୁ ଦୂରେଇ ରହିବା ପାଇଁ ଲୋକ ମାନଙ୍କୁ ସଚେତନ ପାଇଁ ସରକାର ୨୨ ହଜାର କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୪ଟି ସାଇବର ଥାନା କାର୍ଯ୍ୟକ୍ଷମ ଥିବାବେଳେ ଆଉ ୨୦ ଗୋଟି ଖୋଲିବା ବ୍ୟବସ୍ଥା ରହିଛି ବୋଲି ସେ କହିଥିଲେ। ଅତିଥିମାନେ ସାଇବର ସଚେତନତା ଶପଥ ପାଠ ସମସ୍ତଙ୍କୁ କରାଇଥିବାବେଳେ ସଚେତନତା ବାର୍ତ୍ତାର ଲିଫଲେଟ ଉନ୍ମୋଚନ କରିଥିଲେ। ଏହି ଅବସରରେ ସଚେତନତା ରଥ ଜିଲ୍ଲା ପରିକ୍ରମା କରି ଲୋକମାନଙ୍କୁ ସଚେତନ କରାଇବାର ବ୍ୟବସ୍ଥା କରାଯାଇଛି। ଶେଷରେ କାନରା ବ୍ୟାଙ୍କର ଡିଜିଏମ୍ ଶରତ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ, ଦେବୀ ଶଙ୍କର ପ୍ରତାପ, ସଚିନ ପଟେଲଙ୍କ ସମେତ ବିଭିନ୍ନ ଥାନାର ଆଇଆଇସି ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ।

#### ଦିବ୍ୟାଙ୍ଗ ଭକ୍ତଙ୍କୁ ଦର୍ଶନରେ ସହଯୋଗ କଲା କୁମାର ଉତ୍ସବ ସମିତି

## ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

**ପୁରୀ,୨୪।୧୦(ସମିସ):** ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଛନ୍ତି। ସେମାନଙ୍କ ଭିତରେ ଅନେକ ଭକ୍ତ ଅଛନ୍ତି ଯେଉଁମାନେ ଦିବ୍ୟାଙ୍ଗ। କିଏ ଚାଲିବାକୁ ସକ୍ଷମ ନଥାନ୍ତି ତ ପୁଣି କାହାର ଦୃଷ୍ଟିଶକ୍ତି କମ୍ ଥାଏ। ତେଣୁ ଏମାନଙ୍କୁ ଦର୍ଶନରେ ନିଶ୍ଚିତ ସହଯୋଗ ଲୋଡା। ହେଲେ ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦିବ୍ୟାଙ୍ଗମାନଙ୍କ ଦର୍ଶନ ପାଇଁ ସେଭଳି କିଛି ସ୍ଥାୟୀ ସୁବିଧା ଉପଲବ୍ଧ କରାଯାଇ ପାରିନାହିଁ। ପ୍ରତ୍ୟେକ ଦିନ ଏମିତି କିଛି ଦିବ୍ୟାଙ୍ଗ ଭକ୍ତଙ୍କୁ ପୁଲିସ, ସ୍ୱେଚ୍ଛାସେବୀ ଏବଂ ନିଜ ସମ୍ପର୍କୀୟମାନେ ସହଯୋଗ କରିଆସୁଛନ୍ତି। ଏହି କ୍ରମରେ ଶୁକ୍ରବାର ଜଣେ ଦିବ୍ୟାଙ୍ଗ ଭକ୍ତଙ୍କୁ ଦର୍ଶନରେ ସହଯୋଗ କରିଛି କୁମାର ଉତ୍ସବ ସମିତି। ବାଲେଶ୍ୱର ଜିଲ୍ଲାର ବିଜୟ ମହାରଣାଙ୍କୁ ପୁଲିସ ସହଯୋଗରେ ମହାପ୍ରଭୁଙ୍କ ଦର୍ଶନ କରାଇଛନ୍ତି ସମିତି ସଦସ୍ୟ। ଏଥିପାଇଁ କୁମାର ଉତ୍ସବ ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପୁରୀ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି। ଶୀଘ୍ର ଦିବ୍ୟାଙ୍ଗ ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ଏହାଦ୍ୱାରା ସେମାନେ ସହଜ ଓ ସମ୍ମାନର ସହ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ରାଜ୍ୟ ସରକାର, ଶ୍ରୀମନ୍ଦିର ପରିଚାଳନା କମିଟି ଓ ମନ୍ଦିର ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି ଶ୍ରୀ ପଣ୍ଡା।

#### ● ଭିତରକାଠରେ ରକ୍ତ

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୨୪।୧୦(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ରକ୍ତ ଛିଟା ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଛି। ବର୍ତ୍ତମାନ ଚାଲିଛି କାର୍ତ୍ତିକ ମାସ। ଶ୍ରୀମନ୍ଦିରରେ ଦୈନନ୍ଦିନ ନୀତିକାନ୍ତି ସହ ସ୍ୱତନ୍ତ୍ର ନୀତି ବି କରାଯାଉଛି। ତେଣୁ ନୀତିକାନ୍ତି ଯେପରି ନିର୍ଘଣ୍ଟ ସମୟରେ ହେବ ତା’ ଉପରେ ଗୁରୁତ୍ୱ ଦେଉଛି ମନ୍ଦିର ପ୍ରଶାସନ। ତେଣୁ ଶୁକ୍ରବାର ଭୋର ୫ଟା ୫ରେ ଦ୍ୱାର ଫିଟାଯାଇ ନୀତିକାନ୍ତି ଚାଲିଥିଲା। ସନ୍ଧ୍ୟା ୬ଟା ୨୦ରେ ଦ୍ୱିତୀୟ ଭୋଗ ମଣ୍ଡପ ସରି ମଇଲମ କରାଯାଇଥିଲା। ଏହି ସମୟରେ ଭିତରକାଠରେ ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତିକୁ ଅଟକାଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡିଥିଲା। ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ପୂଜା ବଢିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ପୁନଶ୍ଚ ଯେଉଁଠାରେ ନୀତି ଅଟକା ଯାଇଥିଲା ସେହିଠାରୁ ଆରମ୍ଭ କରାଯାଇଥିଲା। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ ଘଣ୍ଟାରୁ ଉର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।



# ପୋଷ୍ଟ ଅଛି; ନାହାନ୍ତି ଟ୍ରାଫିକ୍ କର୍ମଚାରୀ

#### ଯମଯନ୍ତ୍ରଣା ଭୋଗୁଛନ୍ତି ଲୋକେ

**ପୁରୀ,୨୪।୧୦(ସମିସ):**

ଟ୍ରାଫିକ ପୋଷ୍ଟ ଅଛି, ହେଲେ ଟ୍ରାଫିକ ପୁଲିସ ସେଠାରେ ଡ୍ୟୁଟି କରୁନାହାନ୍ତି। ଫଳରେ ବିଭିନ୍ନ ସମୟରେ ସେଠାରେ ଟ୍ରାଫିକ ଜାମ୍ ହେଉଛି। ବିଶେଷକରି କୌଣସି ଟ୍ରେନ୍ ପହଞ୍ଚିବା ପରେ ସେହି ଛକରେ ଜାମ୍ ଏମିତି ହେଉଛି ଯେ, ଲୋକେ ଏକପ୍ରକାର ଯମଯନ୍ତ୍ରଣା ଭୋଗୁଛନ୍ତି। ଘୋଡ଼ାବଜାର ଛକ (ଷ୍ଟେଶନ ସମ୍ମୁଖ)ରେ ଏକ ଟ୍ରାଫିକ ପୋଷ୍ଟ ରହିଛି। ଏହି ଛକରେ ଚାରି ପଟକୁ ରାସ୍ତା ପଡ଼ିଛି। ଶ୍ରୀକ୍ଷେତ୍ର କଲୋନୀ, ମହିଳା ମହାବିଦ୍ୟାଳୟ, କମଳାଦେବୀ ମାତୃମଙ୍ଗଳ ଏବଂ ରେଡକ୍ରସ ରୋଡକୁ ଏହିଭଳି ଚାରି ପଟକୁ ଯୋଗାଯୋଗ ଥିବାରୁ ଅଧିକାଂଶ ସମୟ ଏଠାରେ ଗାଡିମୋଟର ଜାମ୍ ହୋଇଥାଏ। ଯେତେବେଳେ କୌଣସି ଟ୍ରେନ୍ ଲାଗେ ଏବଂ ଯାତ୍ରୀ ଓହ୍ଲାଇ ଅଟୋ କିମ୍ବା ଚାଲି ଚାଲି ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯାତ୍ରା କରନ୍ତି ସହି ସମୟରେ ଏହି ଛକରେ ଯିବାଆସିବା ଏକପ୍ରକାର କାଠିକର ପାଠ ହୋଇପଡେ। ଟ୍ରାଫିକ ପୋଷ୍ଟରେ କୌଣସି ପୁଲିସ ରହୁ ନ ଥିବାରୁ ଯିଏ ଯେଉଁଆଡେ ଚାହିଁଲା ସେହି ବାଟେ ଗାଡି ପୂରାଇ ଦେବାରୁ ଜାମ୍ ସ୍ଥିତି ଅଧିକ ସଙ୍ଗୀନ ହୋଇପଡ଼େ। ଏମିତି କି ଦିନେ ଦିନେ ଜାମ୍ କ୍ଲିୟର ହେବା ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗିଯାଏ। ଅନେକ ସମୟରେ ସ୍ଥାନୀୟ ଲୋକେ ଟ୍ରାଫିକ ପରିଚାଳନା ମଧ୍ୟ କରିଥାନ୍ତି। ତୁରନ୍ତ ଏହି ପୋଷ୍ଟର ଟ୍ରାଫିକ ପୁଲିସ ନିୟୋଜିତ କରି ଯାତାୟାତକୁ ସୁବ୍ୟବସ୍ଥିତ କରିବା ପାଇଁ ଦାବି କରିଛନ୍ତି ଯୁବ ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପଣ୍ଡା।

# ତମାଖୁ ଦୋକାନରେ ଚଢ଼ଉ କେବଳ ଲୋକ ଦେଖାଣିଆ

**ପୁରୀ,୨୪।୧୦(ସମିସ):** ବାରମ୍ବାର ତାଗିଦ ସତ୍ତ୍ୱେ କୋଟପା ଆଇନର ଧାରା ୬(ଖ) ଉଲ୍ଲଂଘନ କରି ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରି ବେଧଡ଼କ ଚାଲିଛି। ଏ ନେଇ ଶୁକ୍ରବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସହକାରୀ ପରିଚାଳିକା ଅନୀତା ଦାସ, ଡ୍ରଗ୍‌ସ ଇନ୍ସପେକ୍ଟର ଜ୍ଞାନଦା ଶଙ୍କର ନନ୍ଦ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ, ଅବକାରୀ ବିଭାଗର ଅଧିକାରୀ ସୟଦ ନୁମାନ ରହିମ, ମାନସ ରଞ୍ଜନ ମିଶ୍ର ଓ ଜଗନ୍ନାଥ ଦାସ, ପୁଲିସ ବିଭାଗର ଅଧିକାରୀ ପୁନମ୍ ଲରାଙ୍ଗ ଓ ସୁବ୍ରତ ସାହୁ ପୁରୀର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟ ଦୋକାନ ଉପରେ ମିଳିତ ଚଢାଉ କରି ଜରିମାନା ଆଦାୟ କରିଛନ୍ତି। ତେବେ ତମାଖୁ ଦୋକାନରେ ଚଢାଉ କେବଳ ଲୋକ ଦେଖାଣିଆ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଶିକ୍ଷାନୁଷ୍ଠାନ, ମନ୍ଦିର ନିକଟରେ ମାଳ ମାଳ ଦୋକାନରେ ତମାଖୁ ବିକ୍ରି ହେଉଛି। ହେଲେ କାଁ ଭାଁ ଚଢ଼ଉ କରି ଜରିମାନା ଆଦାୟ କରି ଦେବା ପରେ ଅଧିକାରୀମାନେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଦେଲେ ଭାବି ଚୁପ୍ ରହିଯାଉଛନ୍ତି। ଫଳରେ ଏହି ବେଆଇନ ତମାଖୁ ବିକ୍ରି ପରିମାର ବଢ଼ିବାରେ ଲାଗିଛି।



#### ସାଇବର ଅପରାଧ ଓ ପର୍ଯ୍ୟଟକଙ୍କ ସୁରକ୍ଷା ସମ୍ପର୍କିତ ବୈଠକ

# ନିୟମାବଳୀ ପାଳନ କରିବାକୁ ପରାମର୍ଶ

**ପୁରୀ,୨୪।୧୦(ସମିସ)**

ପୁରୀ ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ ସହର। ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ ସାଇବର ଅପରାଧ ରୋକିବା ନେଇ ପୁରୀ ପୁଲିସ ହୋଟେଲିୟରଙ୍କୁ ସଚେତନ କରିଛି। ଏ ନେଇ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ପର୍ଯ୍ୟଟନ ଋତୁକୁ ନଜରରେ ରଖି ପୁଲିସ ପକ୍ଷରୁ ସମସ୍ତ ହୋଟେଲ ମାଲିକ, ପରିଚାଳକ ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ନେଇ ବୈଠକ କରାଯାଇଛି। ବିଶେଷକରି ପର୍ଯ୍ୟଟକଙ୍କ ସୁରକ୍ଷା, ହୋଟେଲରେ ଶୃଙ୍ଖଳା ଏବଂ ଅନ୍‌ଲାଇନ ଠକେଇ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏଥିରେ ହୋଟଲଗୁଡ଼ିକ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶମାନ ଦିଆଯାଇଛି। ଏହାକୁ ପାଳନ କଲେ ପର୍ଯ୍ୟଟକ ସୁରକ୍ଷିତ ରହିବା ସହ




ହୋଟେଲରେ ଶୃଙ୍ଖଳା ଆସିପାରିବ ଏବଂ କେହି ସାଇବର ଅପରାଧ ରୋକିହେବ ବୋଲି କୁହାଯାଇଛି।

ପ୍ରତ୍ୟେକ ହୋଟେଲର ପ୍ରବେଶ ଦ୍ୱାର, କରିଡର, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ସିସିଟିଭି ଫୁଟେଜ୍‌କୁ ଅତି କମ୍‌ରେ ୩୦ ଦିନ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବା ପାଇଁ କୁହାଯାଇଛି। ସମସ୍ତ ହୋଟେଲ ବୈଧ ଫାୟାର ସେଫ୍ଟି ଓ ଇଲେକ୍ଟ୍ରିକାଲ ସେଫ୍‌ଟି ସାର୍ଟିଫିକେଟ ରଖିବେ। ହୋଟେଲର ପ୍ରତ୍ୟେକ କର୍ମଚାରୀଙ୍କୁ ନିରୀକ୍ଷଣ କରିବାକୁ କୁହାଯାଇଛି। ପ୍ରତିଦିନ ଅତିଥି ତାଲିକା (ଲଗ୍ ବୁକ) ରଖିବା ସହିତ ଅଧାର ସଂଖ୍ୟା ଓ ଯୋଗାଯୋଗ ନମ୍ବର ରଖିବା ଜରୁରୀ। ଅଭିଭାବକ ବିନା କୌଣସି ଅପ୍ରାପ୍ତ ବୟସ୍କ (ମାଇନର) ଅତିଥିଙ୍କୁ ରଖାଯିବ ନାହିଁ। ଚେକ୍-ଇନ ସମୟରେ ଯଦି କୌଣସି ଅତିଥିଙ୍କ ଉପରେ ସନ୍ଦେହ ଆସେ ସଙ୍ଗେ ସଙ୍ଗେ ସ୍ଥାନୀୟ ଆଇଆଇସିଙ୍କୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ବିଦେଶୀ ନାଗରିକ ହୋଟେଲରେ ରହନ୍ତି ତେବେ ତାଙ୍କ ସୂଚନା ଏଫ୍‌ଆରଓ ମାଧ୍ୟମରେ ଏସ୍‌ପି ଅଫିସକୁ ପଠାଇବା ପାଇଁ କୁହାଯାଇଛି। ପ୍ରତ୍ୟେକ ହୋଟେଲ ମାଲିକ ନିଜ ହୋଟେଲ ନାମରେ ନକଲି ୱେବସାଇଟ କିମ୍ବା ଅନ୍‌ଲାଇନ ଲିଷ୍ଟିଂ ଥିଲେ ନିୟମିତ ଭାବେ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ଠକେଇ ୱେବସାଇଟ ଚିହ୍ନଟ ହୁଏ ତେବେ ସଙ୍ଗେ ସଙ୍ଗେ ସାଇବର ଥାନା ପୁରୀ (୮୨୮୦୪୯୧୩୦୦) ନମ୍ବରକୁ ଅବଗତ କରାଇବେ।

ବେଳାଭୂମି କଡ଼ରେ ଥିବା ହୋଟେଲଗୁଡ଼ିକ ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ପର୍ଯ୍ୟଟକମାନେ ସମୁଦ୍ର ସ୍ନାନ କରିବାକୁ ଗଲାବେଳେ ଅଧିକ ଗଭୀରକୁ ନ ଯିବା ଲାଗି ସେମାନଙ୍କୁ ସତର୍କ କରାଇବେ। ସେହିପରି ହୋଟେଲ ଆଖପାଖରେ ଯଦି କୌଣସି ଅସାମାଜିକ କାର୍ଯ୍ୟ ହୁଏ ସଙ୍ଗେ ସଙ୍ଗେ ସ୍ଥାନୀୟ ଥାନା କିମ୍ବା ୧୧୨କୁ କଲ୍ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପୁଲିସ ପର୍ଯ୍ୟଟକ ସହାୟତା ନମ୍ବର ୬୩୭୦୯୬୭୧୦୦ ସହ ସ୍ଥାନୀୟ ଥାନା ଯୋଗାଯୋଗ ନମ୍ବର ପ୍ରତ୍ୟେକ ପର୍ଯ୍ୟଟକଙ୍କୁ ଦେବା ପାଇଁ କୁହାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ଓ ପୁରୀର ସକାରାତ୍ମକ ପର୍ଯ୍ୟଟନ ପରିଚୟ ରକ୍ଷା ଦିଗରେ ଏମିତି ସବୁ ପରାମର୍ଶ ପାଳନ କରିବା ଲାଗି ପୁଲିସ ପକ୍ଷରୁ ସମସ୍ତ ହୋଟେଲ ମାଲିକ, ପରିଚାଳକ ଓ କର୍ମଚାରୀଙ୍କୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଏସ୍‌ପି ପ୍ରତୀକ ସିଂ, ପୁରୀ ହୋଟେଲ ଆସୋସିଏଶନ ପକ୍ଷରୁ ରାଜକିଶୋର ପାତ୍ର, ରାମକୃଷ୍ଣ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ସର୍ବଦା ଆହ୍ୱାନକୁ ଗ୍ରହଣ କର। ସଫଳ ହେଲେ ତୁମେ ନେତୃତ୍ୱ ନେବ ଏବଂ ବିଫଳ ହେଲେ ପଥପ୍ରଦର୍ଶକ ଭୂମିକା ନିର୍ବାହ କରିପାରିବ।
-ସ୍ୱାମୀ ବିବେକାନନ୍ଦ

ସକାଳ THE SAKALA

## ଜେଲ ପ୍ରଶାସନ ଢିଲା

ଗୁରୁତର ଅପରାଧରେ ଅଭିଯୁକ୍ତ ଓ ଦୋଷୀସାବ୍ୟସ୍ତ ହୋଇ ଦଣ୍ଡ ଭୋଗୁଥିବା କଏଦୀଙ୍କ ପାଇଁ ରାଜ୍ୟରେ ଥିବା କାରାଗାରଗୁଡ଼ିକରେ ପରିଲକ୍ଷିତ ବିଶୃଙ୍ଖଳା ତଥା ଅନିୟମିତାର ସୁଯୋଗ ନେଉଛନ୍ତି କିଛି ପେସାଦାର ତତ୍ତ୍ୱ। କିଏ କେତେବେଳେ ଚମ୍ପଟ ମାରିଲାଣି ତ ଅନ୍ୟ କିଏ ମାନସିକ ଅବସାଦରୁ ଆତ୍ମହତ୍ୟା କଲାଣି। ରାଜ୍ୟ ପୁଲିସର ଅପରାଧ ନିୟନ୍ତ୍ରଣ ସହ କାରାଗାର ବ୍ୟବସ୍ଥାର ସିଧାସଳଖ ସଂପର୍କ ରହୁଥିବାରୁ ଗୋଟିଏ ଢିଲା ହେଲେ ଅନ୍ୟଟିର କାର୍ଯ୍ୟଧାରା ପ୍ରଭାବିତ ହେବ। ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥାରେ କ୍ରମାଗତ ଅବନତି ପରିଲକ୍ଷିତ ହେଉଥିବା ବେଳେ ଯଦି ଧରାପଡୁଥିବା ଅପରାଧୀ କାରାଗାରରୁ ନିର୍ବାଧାରେ ଚମ୍ପଟ ମାରିବେ ତେବେ ବାପଘୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା ଭଳି ସ୍ଥିତି ଉପୁଜିବ। ଗତ କିଛିଦିନର ଘଟଣାବଳୀରୁ ତାହାହିଁ ଅନୁଭୂତ ହେଉଛି। ସରକାର ଏବେ ଜେଲ ପ୍ରଶାସନରେ ସଂସ୍କାର ଆଣିବାକୁ ଚିନ୍ତା କରୁଛନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, କାରାଗାରଗୁଡ଼ିକରେ କର୍ମଚାରୀ ଅଭାବ ପ୍ରତି ଧ୍ୟାନ ନଦେଇ ସରକାର କିପ୍ରକାର ସଂସ୍କାର ଆଣିବେ ଏବଂ ତାହାକୁ କାର୍ଯ୍ୟକାରୀ କରିବ କିଏ ? ରାଜ୍ୟରେ ଥିବା ୮୭ ଟି ଜେଲରେ ୪୦ ପ୍ରତିଶତ ୱାର୍ଡେନ ପଦବୀ ଖାଲିପଡିଛି। ଜେଲ ଅନ୍ତେବାସୀଙ୍କୁ ଜଗାରଖା ଓ ସେମାନଙ୍କ କାର୍ଯ୍ୟକଳାପ ନିୟୋଜିତ କରିବ କିଏ? ଏହି ଖାଲି ପଡ଼ିଥିବା ପଦବୀରେ ଗୃହରକ୍ଷୀ କିମ୍ବା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିୟୋଜନ କରାଯିବା ପରାମର୍ଶ ପ୍ରତି ଜେଲ କର୍ତ୍ତୃପକ୍ଷ ମଧ୍ୟ ଧ୍ୟାନ ଦେଉନାହାନ୍ତି। ଦିଆଯାଉଥିବା ନିର୍ଦ୍ଦେଶ ବା ପରାମର୍ଶ କାହିଁକି କାର୍ଯ୍ୟକାରୀ ହେଲା ନି ତାହାର ମଧ୍ୟ ଖୋଳତାଡ଼ ହେଉନି। ପରିସ୍ଥିତି ଏପରି ହୋଇଛି ଯେ ଜେଲ ପ୍ରଶାସନର ଏହି ଢିଲାପଣ ପ୍ରତି ଙ୍ଗୁଳି ନିର୍ଦ୍ଦେଶ କଲାଭଳି ସ୍ଥିତିରେ କର୍ତ୍ତୃପକ୍ଷ ନାହାନ୍ତି।

ଚୌଦ୍ୱାର ହେଉକି ସୋର ଜେଲ, ରାଜ୍ୟ ବାହାରର ଅପରାଧୀମାନେ କାହିଁକି ଖସିଯିବାର ସୁଯୋଗ ପାଉଛନ୍ତି? ଏହାପଛରେ ଅନ୍ୟ କିଛି ରହସ୍ୟ ଅଛିକି? ଏକ୍ଷେତ୍ରରେ ସେମାନଙ୍କର ଥିବା ପେସାଦାର ଦକ୍ଷତା ହିସାବ ପାଉନାହାନ୍ତି ଆମଜେଲ କର୍ତ୍ତୃପକ୍ଷ। ସୋର ଘଟଣା ସବୁଠାରୁ ନିଆରା। କଏଦୀ କେତେବେଳେ ଚମ୍ପଟ ମାରିଲା ତାହାର ଖବର ନାହିଁ ଉପକାରାଗାର କର୍ତ୍ତୃପକ୍ଷଙ୍କୁ। ସନ୍ଧ୍ୟାରେ କଏଦୀଙ୍କ ଗଣନାବେଳେ ଏସଂପର୍କରେ ଜଣାପଡ଼ିଥିଲା। ତାହା ପୁଣି ପ୍ରାରମ୍ଭିକ ଗଣତି ବେଳେ ଜଣେ କି ଦୁଇଜଣ ଖସି ପଳାଇଛନ୍ତି ତାହା ସ୍ପଷ୍ଟ ହୋଇନଥିଲା। ଏହି ଉପକାରାଗାରରେ ଥିବା ୨୫୦ କଏଦୀଙ୍କ ଦେଖାଚାହାଁ କରିବା ସକାଶେ ମାତ୍ର ୩ ଜଣ ସୁରକ୍ଷା କର୍ମୀ ଅଛନ୍ତି। ଏଭଳି ପରିସ୍ଥିତିରେ କିଏ କାହା କଥା ବୁଝିବ? ଚୌଦ୍ୱାର ଜେଲରେ କଏଦୀଙ୍କ ମଧ୍ୟରେ ମାଡ଼ପିଟ ଘଟଣାକୁ ଆମେ ସେଭଳି ଗୁରୁତ୍ୱ ନଦେଲେ ମଧ୍ୟ ଯେଉଁ ଦୁଇବିହାରୀ ଅପରାଧୀ ଚମ୍ପଟ ମାରିଲେ ସେମାନଙ୍କ ସଂପର୍କ ଉନ୍ମୋଚନ କରିବା ପାଇଁ ଯେଉଁ ସୁଯୋଗ ଥିଲା ତାହା ହାତଛଡ଼ା ହୋଇଯାଇଛି। ବ୍ୟାଙ୍କ ଓ ଅଳଙ୍କାର ଦୋକାନ ତଥା ବେଆଇନ ମାରଣାସ୍ତ୍ର କାରବାର ସହ ବିହାରୀ ଅପରାଧୀ ସଂପୃକ୍ତ ଥିବାରୁ ସେମାନଙ୍କୁ ଜାଣିଶୁଣି ଖସାଇ ଦିଆଯାଇନି ତ? ଏଭଳି ବହୁ ପ୍ରଶ୍ନ ସାଧାରଣରେ ଉଙ୍କିମାରୁଛି। ବରଗଡ଼ ଜିଲ୍ଲା କାରାଗାରରେ କ୍ରମାଗତ ଦୁଇଜଣ କଏଦୀ ଆତ୍ମହତ୍ୟା କଲେଣି। କଏଦୀଙ୍କ ଆତ୍ମହତ୍ୟା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହା ପଛରେ ରହିଛି ଅନୁସଂଧାନର ଦିଗ। ଏପରିକି ନିର୍ଦ୍ଦେଶରେ ଅଟକ ରହିବାର ଆତ୍ମଗ୍ଳାନି ଓ ନିର୍ଯାତନା। ଏସଂପର୍କରେ ଅନୁସଂଧାନରେ ବୃହତ୍ତର ଦିଗ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

ଜେଲ ବ୍ୟବସ୍ଥାର ସଂସ୍କାର ନାମରେ ଅଧିକାରୀ ସ୍ତରୀୟ ତଦାରଖକୁ କେବଳ ଗୁରୁତ୍ୱ ଦିଆଯାଉଛି। ଏଣିକି ସବୁ ରେଞ୍ଜର ଡିଆଇଜି ଓ ଏସପି ମାନେ ନିୟମିତ ବ୍ୟବଧାନରେ କାରାଗାର ପରିଦର୍ଶନରେ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ। କାରାଗାରରେ ଯଦି ୱାର୍ଡେନ ନିଯୁକ୍ତି ନ ପାଇଲେ କେବେ ଖୋଦ ଜେଲର କ'ଣ କଏଦୀଙ୍କ କଥା ବୁଝିବେ ନା ସୁରକ୍ଷା ବ୍ୟବସ୍ଥାକୁ ସୁଧାରିବେ? ଇଏ କେବଳ ଧର୍ମକୁ ଆଖିଠାର, ଯାହା ଯେମିତି ଚାଲୁଛି ସେମିତି ଚାଲିଥାଉ।

## ଅସୁରକ୍ଷିତ ବିମାନ ସେବା

ସମୟ ଥିଲା, ବ୍ୟୟବହୁଳତା ଦୃଷ୍ଟିରୁ ବିମାନଯାତ୍ରା କେବଳ ଉଚ୍ଚବର୍ଗଙ୍କ ମଧ୍ୟରେ ସୀମିତ ଥିଲା। ସମୟ ବଦଳିବା ସହ ବ୍ୟୟଭାର କମିଛି ଏବଂ ବିମାନଯାତ୍ରା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି। ଚାହିଦାକୁ ଆଖିରେ ରଖି ଆମ ଦେଶରେ ମଧ୍ୟ ଏୟାରଲାଇନ୍ସ ସେବା ସମ୍ପ୍ରସାରିତ ହେଉଛି। କିନ୍ତୁ ସେବା ସଂପ୍ରସାରିତ ହେବା ସହ ସୁରକ୍ଷିତ ଯାତାୟତ ପ୍ରତି ଯେତିକି ଧ୍ୟାନ ଦିଆଯିବା କଥା ତାହା ହେଉନାହିଁ। ଗତ ଜୁନ ୧୨ ତାରିଖରେ ଅହମ୍ମଦାବାଦରେ ଏୟାର ଇଣ୍ଡିଆର ବୋଇଂ ବିମାନ ୭୮୭-୮ ଯେଭଳି ପରିସ୍ଥିତିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ତାହାର ଦୁଃଖଦ ଦୃଶ୍ୟକ୍ରମ ଦେଶବାସୀଙ୍କ ମନରୁ ଏପର୍ଯ୍ୟନ୍ତ ଲିଭିନାହିଁ। ଦୁର୍ଘଟଣାର କାରଣ ସଂପର୍କରେ ପ୍ରାରମ୍ଭିକ ଅନୁସଂଧାନ ରିପୋର୍ଟରେ ପ୍ରାଣ ହରାଇଥିବା ଦୁଇଜଣ ପାଇଲଟଙ୍କ ଉପରେ ଦୋଷ ଲଦି ଦେଇ ବୋଇଂ କମ୍ପାନୀକୁ ଯେଭଳି ସୁରକ୍ଷା ଦିଆଗଲା ସେଥିରେ ଯେ ବ୍ୟବସ୍ଥା ସୁଧୁରିବ ଓ ସଂଶୋଧନୀ ପଦକ୍ଷେପ ଗ୍ରହଣ କରାଯାଇପାରିବ, ଏନେଇ ସନ୍ଦେହ ମୁଣ୍ଡ ଟେକିବା ସ୍ୱାଭାବିକ।

ନିକଟରେ ଏଭଳି କିଛି ଘଟଣା ଦୃଷ୍ଟିକୁ ଆସିଛି, ଯାହା ସୁରକ୍ଷିତ ବିମାନସେବା ନେଇ ସନ୍ଦେହ ଦୃଢ଼ୀଭୂତ କରିଛି। ବିମାନଯାତ୍ରା ପୂର୍ବରୁ ବୈଷୟିକ ଯାଞ୍ଚ ଓ ସୁରକ୍ଷିତ ଉଡ଼ାଣ ନେଇ ଆବଶ୍ୟକ ତ୍ରୁଟି ସଂଶୋଧନ ସକାଶେ ଯେଉଁ କଠୋର ନିୟମ ଓ ଶୃଙ୍ଖଳା ଅନୁପାଳନ ହେବା ଉଚିତ ସେଥିପ୍ରତି ଯଥେଷ୍ଟ ଦୃଷ୍ଟି ଦିଆଯାଉଥିବା ଭଳି ମନେ ହେଉନାହିଁ। ଏଭଳି ବହୁତ ଦିଗ ଅଛି ଯାହାକୁ ଠିକଣା ସମୟରେ ସୁଧାରିବାର ପର୍ଯ୍ୟାପ୍ତ ଅବକାଶ ଥିଲେ ମଧ୍ୟ ବ୍ୟାବସାୟୀକରଣ ଓ ପ୍ରତିଯୋଗିତାପୂର୍ଣ୍ଣ ଉଡ଼ାଣ ଯୋଗୁଁ ସେସବୁକୁ ଅଣଦେଖା କରାଯାଉଛି। ଅନ୍ୟ ଗୋଟିଏ ଦିଗ ହେଲା, ବ୍ୟୟବହୁଳତା ଦୃଷ୍ଟିରୁ ଠିକଣା ସମୟରେ ପୁରୁଣା ସ୍ଥାନରେ ନୂଆ ବିମାନ କାର୍ଯ୍ୟରେ ନିୟୋଜନ କରିବାର ଜରୁରୀ ଆବଶ୍ୟକତା ଥିଲେ ମଧ୍ୟ କାମଚଳା ବ୍ୟବସ୍ଥା ଜାରି ରହିଛି। ସେହିଭଳି ଅସାବଧାନତା ପାଇଁ ଯେଉଁ ତ୍ରୁଟି ପରିଲକ୍ଷିତ ହୁଏ ତାହା ମଧ୍ୟ ଅକ୍ଷମଣୀୟ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନେଇ ଯାଉଥିବା ହେଲିକପ୍ଟରରେ ଗୋଟିଏ ଚକ ହେଲିପ୍ୟାଡ୍‌ରେ ଯେଭଳି ପରିସ୍ଥିତିରେ ଦବିଗଲା ତାହାକୁ ଏଡ଼ାଇ ଯାଇପାରିଥା'ନ୍ତା। ଏହାକୁ ମଧ୍ୟ ଅସାବଧାନତା କୁହାଯାଇପାରେ। ବୁଧବାରର ଘଟଣାକ୍ରମରେ ଆମେ ଆଉ ଦୁଇଟି ବିମାନଯାତ୍ରା ସଂପର୍କରେ ଉଲ୍ଲେଖ କରୁଛି। ମୁମ୍ବାଇରୁ ଆମେରିକାର ନ୍ୟୁୱାର୍କ ଲିବର୍ଟି ଆନ୍ତର୍ଜାତିକ ବିମାନ ବନ୍ଦର ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିବା ଏୟାର ଇଣ୍ଡିଆର ବୋଇଂ. ୭୭୭-୨୦୦ ଏଆଇଏଲଆଇ ବିମାନରେ ୧୫୦ ଜଣ ଯାତ୍ରୀ ଥିଲେ। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୨ଘଣ୍ଟା ୧୬ ମିନିଟ ଉଡ଼ାଣ ପରେ ପୁଣି ମୁମ୍ବାଇରେ ନିରାପଦ ଅବତରଣ କରିଛି। ଆରବ ସାଗରରେ ପ୍ରାୟ ୧୦,୦୦୦ କିଲୋମିଟର ଉଚ୍ଚରେ ଉଡ଼ାଣ କରୁଥିବାବେଳେ ଏହି ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସେହିଭଳି ଇଣ୍ଡିଗୋ ବିମାନ କଲକାତାରୁ ଶ୍ରୀନଗର ଅଭିମୁଖେ ୧୬୬ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ବିମାନରୁ ଇନ୍ଧନ ଲିକ୍ ହେଉଥିବାରୁ ଯାତ୍ରା ବାତିଲ କରି ବାରଣାସୀ ବିମାନ ବନ୍ଦରେ ଜରୁରୀ ଅବତରଣ କରିଛି। ଏହି ଭଳି ଛୋଟବଡ଼ ଘଟଣା ନିୟମିତ ଘଟୁଥିବାର ଦୃଷ୍ଟିକୁ ଆସୁଛି।

ଏପ୍ରକାର ବିମାନଯାତ୍ରାକୁ ଆମେ କିଭଳି ସୁରକ୍ଷିତ ସେବା ରୂପେ ପରିଗଣିତ କରିବା? ଏକଥା ସତ ଯେ ଦୁର୍ଘଟଣାମୁକ୍ତ ଯାତାୟତ ବ୍ୟବସ୍ଥା ନିଶ୍ଚିତ କରିବା ସମ୍ଭବ ନୁହେଁ। କିନ୍ତୁ ପ୍ରଚଳିତ ବ୍ୟବସ୍ଥା ଓ ଶୃଙ୍ଖଳାର ଉଲ୍ଲଙ୍ଘନକୁ କୌଣସିପ୍ରକାରେ ବରଦାସ୍ତ କରାଯିବା ଉଚିତ ନୁହେଁ। ଯେତେଦୂର ମନେ ହୁଏ ସେଥିପ୍ରତି ଉଚିତ ଧ୍ୟାନ ଦିଆଯାଉନାହିଁ।

# ଫାଶୀଦଣ୍ଡର ବିକଳ୍ପ: ନ୍ୟାୟ ବନାମ ନିଷ୍ଠୁରତା

**ଅବଶ ପରିଡ଼ା**

'ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡ ହେଉଛି ଏକ କଷ୍ଟଦାୟକ, ବର୍ବର ଏବଂ ଯନ୍ତ୍ରଣାପୂର୍ଣ୍ଣ ନିଷ୍ଠୁର ପ୍ରଥା। ଘାତକ ଇଞ୍ଜେକ୍ସନ, ଗୁଳି କିମ୍ବା ଗ୍ୟାସ ଚାମ୍ବର ଭଳି ପ୍ରକ୍ରିୟାକୁ ଫାଶୀର ବିକଳ୍ପ ଭାବରେ ବ୍ୟବହାର କରିବାକୁ ଅନୁମତି ଦିଆଯାଉ।' ଏହା ଥିଲା ସର୍ବୋଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ଆବେଦନର ସାରାଂଶ। ଏହାକୁ ବିରୋଧ କରି ସରକାରଙ୍କ ତରଫରୁ ଯୁକ୍ତି ଆସିଲା ଯେ ଫାଶୀର ବିକଳ୍ପ କଥା ଚିନ୍ତା କରିବା କେବଳ ନ୍ୟାୟିକ ନୁହେଁ, ବରଂ ଏକ ନୀତିଗତ ପ୍ରସଙ୍ଗ। କାରଣ ଏଥିରେ ଅନେକ ତ୍ରୁଟି, ବିପଦ, ସମ୍ବଳ ଓ ବୈଷୟିକ ପ୍ରତିବନ୍ଧକ ଭଳି ସମସ୍ୟା ଆସିପାରେ। ଏହି ବିବୃତ୍ତି ପରେ ସର୍ବୋଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି ଯେ 'ସମୟ ବଦଳୁଛି ଏବଂ ଅନେକ ପରିବର୍ତ୍ତନ ଘଟୁଛି। କିନ୍ତୁ ସରକାର ବିବର୍ତ୍ତିତ ହେବାକୁ ପ୍ରସ୍ତୁତ ନୁହନ୍ତି।'

ଫାଶୀ ପଦ୍ଧତିର ସାମ୍ବିଧାନିକ ବୈଧତା, ଆଧୁନିକ ଆବଶ୍ୟକତା ଓ ପରିବର୍ତ୍ତନ ପାଇଁ ଏହା ପ୍ରଥମ ଆବେଦନ ନୁହେଁ। ଏହା ପୂର୍ବରୁ ୧୯୮୩ ମସିହାରେ ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡକୁ ନେଇ ହୋଇଥିବା ଏକ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଫାଶୀ ଦ୍ୱାରା ଧାରା ୨୧ (ଜୀବନ ଓ ସମ୍ମାନର ଅଧିକାର) ଉଲ୍ଲଙ୍ଘନ ହୁଏ ନାହିଁ। ଏହା ହେଉଛି ଭାରତରେ ମୃତ୍ୟୁଦଣ୍ଡ ପାଇଁ 'ବୈଜ୍ଞାନିକ ଭାବରେ ନିରାପଦ ଏବଂ ମାନବୀୟ' ପଦ୍ଧତି। ଏଠାରେ ଜାଣି ରଖିବାକୁ ହେବ ଯେ ଭାରତୀୟ ସମ୍ବିଧାନର ଧାରା ୨୧ରେ ଜୀବନ ଏବଂ ବ୍ୟକ୍ତିଗତ ସ୍ୱତନ୍ତ୍ରତାର ସାମ୍ବିଧାନିକ ସୁରକ୍ଷା ସହିତ 'ମୃତ୍ୟୁଦଣ୍ଡର ପଦ୍ଧତି' କଥା ମଧ୍ୟ ଉଲ୍ଲେଖ ଅଛି। ଆଇନ ଆଖିରେ ବ୍ୟକ୍ତିର ମର୍ଯ୍ୟାଦା, ସ୍ୱାର୍ଥ ଓ ଶାରୀରିକ ଅଖଣ୍ଡତା ଗୁରୁତ୍ୱପୂର୍ଣ୍ଣ।

ଆମେ ଏଠାରେ 'ନ୍ୟାୟିକ ପ୍ରକ୍ରିୟାରେ ମୃତ୍ୟୁଦଣ୍ଡର ଆବଶ୍ୟକତା କିମ୍ବା ଆଇନଗତ ସଂସ୍କାର କଥା ଆଲୋଚନା କରୁନାହେଁ। ବରଂ ଭାରତରେ ମୃତ୍ୟୁଦଣ୍ଡର ପାରମ୍ପରିକ ପ୍ରକ୍ରିୟା ଏବଂ ଏହାର ବିକଳ୍ପ ବିଷୟରେ ଆଲୋଚନା କରୁଛେ। ତୁମ୍ଭକରେ ଏ ସବୁ ଶୁଣିଲା ପରେ ଆମ ମନକୁ କିଛି ପ୍ରଶ୍ନ ଆସିପାରେ। ଯେମିତିକି 'ଦୋଷୀକୁ ମୃତ୍ୟୁଦଣ୍ଡ ମିଳୁଛି, ତେବେ ଯେକୌଣସି ପ୍ରକାରରେ ହେଲେ ମଧ୍ୟ ପ୍ରଯୁଜ୍ୟ' କିମ୍ବା 'ଫାଶୀ ହେଉଛି ମୃତ୍ୟୁଦଣ୍ଡର ସବୁଠାରୁ ପାରମ୍ପରିକ ପ୍ରକାର। ତେଣୁ ଏହା ସରକାରଙ୍କ ନିଷ୍ପତ୍ତି ଯେ ସେ ପରିବର୍ତ୍ତନ କରିବେ ନା ନୂଆ ଉପାୟ ଲାଗୁ କରିବେ।' ଏହି ବିବାଦୀୟ ବିଷୟବସ୍ତୁକୁ ବ୍ୟାଖ୍ୟା କରିବା ପାଇଁ ଏବେ ଅନେକ ସମାଜତାତ୍ତ୍ୱିକ ଦୃଷ୍ଟିକୋଣ ଉଭା ହୋଇଛି। ନୀତି, ଆଧୁନିକତା, ମାନବିକ ଅଧିକାର, ରାଷ୍ଟ୍ରର କ୍ଷମତା ଓ ନୈତିକ କଳ୍ପନା ଭଳି ଅନେକ ବିନ୍ଦୁକୁ ନେଇ ଟଣାଓଟରା ଚାଲିଛି।

ସାମାଜିକ ଭାବରେ ଯାହା ଗ୍ରହଣୀୟ ତାହା ଭବିଷ୍ୟତରେ ସାମାଜିକ ଅନୁମୋଦନ ପାଇବ ବୋଲି କୌଣସି ସ୍ଥିର ନିୟମ ନାହିଁ। ପରମ୍ପରା ଓ ଆଧୁନିକତା ମଧ୍ୟରେ ସଂଘର୍ଷ ଥିଲା, ଅଛି ଓ ରହିବ ମଧ୍ୟ। କାରଣ ପରିବର୍ତ୍ତନ ହେଉଛି ଅନିବାର୍ଯ୍ୟ। ଆଜି ଯାହା ପ୍ରଗତିଶୀଳ ତାହା କାଲି ପ୍ରତିକୂଳ ହୋଇପାରେ। ଉଦାହରଣ ସ୍ୱରୂପ, ପୂର୍ବରୁ ସାର୍ବଜନୀନ ଫାଶୀ, ମୃତ୍ୟୁଦଣ୍ଡ, କଠୋର ପଦ୍ଧତି ଇତ୍ୟାଦି ଏକ 'ସାଧାରଣ' ଘଟଣା ଭାବରେ ଦେଖାଯାଉଥିଲା। କିନ୍ତୁ ଏବେ ଏହା ମାନବାଧିକାର ପ୍ରସଙ୍ଗ। ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ମୃତ୍ୟୁଦଣ୍ଡ ଅନେକ କ୍ଷେତ୍ରରେ ପୁନଃବିଚାର କରାଯାଉଛି। ଜାତିସଂଘ ସମେତ ଅନେକ ଅନ୍ତର୍ଜାତୀୟ ପ୍ରସ୍ତାବରେ ମୃତ୍ୟୁଦଣ୍ଡରେ ସର୍ବନିମ୍ନ ଯନ୍ତ୍ରଣା କଥା ଉଲ୍ଲେଖ ଅଛି। ଏହି ପରିପ୍ରେକ୍ଷୀରେ ଏକ ବିଶାରଦ ମହଲ ଯୁକ୍ତି କରନ୍ତି ଯେ ଆଇନଗତ ଓ ନୈତିକତା ଦୃଷ୍ଟିରୁ ଦୋଷୀକୁ ମିଳୁଥିବା ଶାରୀରିକ ଦଣ୍ଡ ମଧ୍ୟ ନୈତିକ ଯାଞ୍ଚ ଅଧୀନରେ ଆସିବା ଜରୁରୀ।

ବିଶ୍ୱର ସତୁରିରୁ ଅଧିକ ଦେଶ ଏବେ ଚିକିତ୍ସାଗତ ମୃତ୍ୟୁଦଣ୍ଡ ଆଡ଼କୁ ଗତି କଲେଣି। କିନ୍ତୁ ଭାରତ ଭଳି କିଛି ଦେଶ ଫାଶୀ ପ୍ରକ୍ରିୟାରେ ହିଁ ଅଟକି ଯାଇଛନ୍ତି କାହିଁକି? ଯଦି କଷ୍ଟ ଦୂର କରିବା ପାଇଁ ଇଚ୍ଛାମୃତ୍ୟୁକୁ ଭାରତ ସରକାର କିଛିମାତ୍ରାରେ ଅନୁମତି ଦେଇଛନ୍ତି ତେବେ ନ୍ୟାୟିକ ମୃତ୍ୟୁଦଣ୍ଡରେ ଇଚ୍ଛାମୃତ୍ୟୁ ଭଳି ପ୍ରକ୍ରିୟାକୁ ଅନୁସରଣ କଲେ ଅସୁବିଧା କେଉଁଠି? ସମ୍ଭାବ୍ୟ ଉତ୍ତର ହୋଇପାରେ ଯେ ରାଷ୍ଟ୍ର ଦୁଇଟି ଭୂମିକା ଗ୍ରହଣ କରେ - ଇଚ୍ଛାମୃତ୍ୟୁ କ୍ଷେତ୍ରରେ ଆରୋଗ୍ୟକାରୀ ଏବଂ ମୃତ୍ୟୁଦଣ୍ଡରେ ଦଣ୍ଡଦାତା। 'କ୍ରିମିନାଲ ସୋସିଓଲୋଜିଷ୍ଟ'ଙ୍କ ମତରେ ଫାଶୀରେ ନ୍ୟାୟର ଏକ ସାଂସ୍କୃତିକ ଭାବନା ଅଛି। ସେଥିପାଇଁ ନ୍ୟାୟିକ ବ୍ୟବସ୍ଥା ଏହାକୁ ପରିବର୍ତ୍ତନ କରିବାକୁ ଚାହୁଁନାହାନ୍ତି। ଫାଶୀ ଦ୍ୱାରା ରାଜଦଣ୍ଡ ଏକ କଡ଼ା ଦଣ୍ଡ ପରି ଦେଖାଯାଏ ଏବଂ ଦୋଷୀର ଯନ୍ତ୍ରଣାକୁ ପ୍ରାୟଶ୍ଚିତ୍ତ ବୋଲି ଧରାଯାଏ। ମୃତ୍ୟୁଦଣ୍ଡ ହେଉଛି ନିଷ୍ଠୁର ଅପରାଧ ବିରୁଦ୍ଧରେ ରାଷ୍ଟ୍ରଶକ୍ତିର ସ୍ପଷ୍ଟ ଅଭିବ୍ୟକ୍ତି। ତେଣୁ ରାଷ୍ଟ୍ର ପାଇଁ ମୃତ୍ୟୁଦଣ୍ଡର ପଦ୍ଧତି ମଧ୍ୟ ଏକ ଆଇନଗତ ପ୍ରତୀକ। ସରକାର କେଉଁ ପଦ୍ଧତି ଆପଣେଇବେ କିମ୍ବା ପରିବର୍ତ୍ତନ କରିବେ ତାହା ରାଷ୍ଟ୍ରର ନିଷ୍ପତ୍ତି। ପ୍ରାୟତଃ ଏହା ହେଉଛି ଏକ ପ୍ରତୀକାତ୍ମକ କର୍ତ୍ତୃତ୍ୱର ପ୍ରତିଫଳନ। ସରକାର ଯୁକ୍ତି ବାଢ଼ନ୍ତି ଯେ ରାଜଦଣ୍ଡ ଶକ୍ତ ହେବା ଆବଶ୍ୟକ। ଏହା ନହେଲେ ଅପରାଧକୁ ପ୍ରତିରୋଧ କରିବାର କ୍ଷମତା ମଧ୍ୟ ଦୁର୍ବଳ ହେବ। ତେବେ ସରକାରଙ୍କ ଏହି ବଳିଷ୍ଠ ଯୁକ୍ତିକୁ ଅନେକ କାହିଁକି ଗ୍ରହଣ କରୁନାହାନ୍ତି? ବିଶେଷଜ୍ଞମାନେ ଫାଶୀଦଣ୍ଡକୁ କାହିଁକି ସବୁଠାରୁ ନିଷ୍ଠୁର ଓ ବର୍ବର ଉପାୟ ବୋଲି ବିଚାର କରୁଛନ୍ତି? ଫାଶୀ ସମୟରେ ଏମିତି କ'ଣ ନିଷ୍ଠୁରତା ଘଟେ?

୧୯୭୩ ମସିହାର ଫୌଜଦାରୀ କାର୍ଯ୍ୟବିଧି ସଂହିତା(ସିଆରପିସି)ର ଧାରା ୩୫୪(୫) ଅନୁଯାୟୀ ଭାରତରେ ମୃତ୍ୟୁଦଣ୍ଡ ପାଇଁ ଫାଶୀ ହେଉଛି ଏକମାତ୍ର ଆଇନଗତ ପଦ୍ଧତି। ଏହି ପ୍ରକ୍ରିୟା ଜେଲ ମାନୁଆଲ୍ (ବିଶେଷକରି ମଡେଲ୍ ଜେଲ ମାନୁଆଲ୍, ୨୦୧୬ ଏବଂ ପଞ୍ଜାବ ଜେଲ ମାନୁଆଲ୍ କିମ୍ବା ଦିଲ୍ଲୀ ଜେଲ ମାନୁଆଲ୍ ଭଳି ରାଜ୍ୟ-ନିର୍ଦ୍ଦିଷ୍ଟ ନିୟମ) ରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି। ଏହି ପ୍ରକ୍ରିୟାରେ ଦୋଷୀକୁ ଆଖିରେ ପଟି ବାନ୍ଧି ଫାଶୀଖୁଣ୍ଟକୁ ନିଆଯାଏ। ବାମ କାନର ଠିକ୍ ତଳେ ଫାଶୀ ଦଉଡ଼ିର ଗଣ୍ଠି ଲଗାଯାଇଥାଏ। ଯାହା 'ସବୌରାଲ ପୋଜିସନ ବା ସବମେଣ୍ଟାଲ୍ ନଟ୍' ଭାବେ ପରିଚିତ। ଏହା ପରେ ଜଲ୍ଲାଦ ଲିଭରକୁ ଟାଣି ଟ୍ରାପଡୋରକୁ ମୁକ୍ତ କରେ। ବେକ ସଂଲଗ୍ନ ମେରୁଦଣ୍ଡ ଭାଙ୍ଗିବା ଦ୍ୱାରା ଦୋଷୀର ମୃତ୍ୟୁ ହୁଏ। ମଡେଲ ଜେଲ ମାନୁଆଲ୍ ଅନୁଯାୟୀ ଫାଶୀ ପରେ ଶରୀରକୁ ଅତି କମରେ ତିରିଶି ମିନିଟ୍ ପାଇଁ ଝୁଲନ୍ତା ରହିବା ଆବଶ୍ୟକ। ଜେଲ୍‌ର, ମେଡିକାଲ ଅଫିସର ମୃତଦେହ ଝୁଲୁଥିବା ସମୟରେ ପରୀକ୍ଷା କରନ୍ତି। ନାଡ଼ି, ହୃଦସ୍ପନ୍ଦନ ଓ ଶ୍ୱାସକ୍ରିୟା ବନ୍ଦ ହୋଇଛି ବୋଲି ନିଶ୍ଚିତ କରିବା ପରେ ମେଡିକାଲ ଅଫିସର ଲିଖିତ ଭାବରେ ମୃତ୍ୟୁ ପ୍ରମାଣପତ୍ର ଦିଅନ୍ତି। ପ୍ରମାଣପତ୍ର ପରେ ହିଁ ମୃତଦେହକୁ ଫାଶୀ ଖୁଣ୍ଟରୁ ଓହ୍ଲାଇ ଦିଆଯାଏ।

ଆମ ପାଇଁ ଦଣ୍ଡ, ଦୁଃଖ, ମର୍ଯ୍ୟାଦା ଓ ନିଷ୍ଠୁରତାର ମାନେ କ'ଣ? ଏ ସବୁ ଭାବପ୍ରବଣତା ନା ସଂସ୍କୃତି ସନ୍ନିହିତ ଉପାଦାନ? ଧର୍ମ, ଲୋକପ୍ରିୟ ବିଶ୍ୱାସ, ଉପନିବେଶବାଦୀ ଚିନ୍ତାଧାରା, କ୍ଷମା, ପ୍ରତିଶୋଧ ଓ ଅଧିକାର ଇତ୍ୟାଦି ହେଉଛି ଏହାର କାରକ। ସାଧାରଣ ଭାବରେ ଅନେକ ମୃତ୍ୟୁଦଣ୍ଡକୁ ପ୍ରତିଶୋଧ ଭାବରେ ସମର୍ଥନ କରିପାରନ୍ତି। କିଛି ଫାଶୀ ଦଣ୍ଡଠାରୁ ଆହୁରି କଠୋର ପଦ୍ଧତି ଚାହାନ୍ତି। ଆଉ କିଛିଜଣ ସହାନୁଭୂତିଶୀଳତା ଏବଂ ମାନବାଧିକାର ଯୁକ୍ତି ମଧ୍ୟ ବାଢ଼ନ୍ତି। ଏହା କହିବାର ଉଦ୍ଦେଶ୍ୟ ହେଉଛି ଯେ ଗଣମାଧ୍ୟମ, ଅନ୍ତର୍ଜାତୀୟ ପ୍ରକାଶନ ଓ ଆଇନଗତ ଆଲୋଚନା ଦ୍ୱାରା 'ନିଷ୍ଠୁର' ଓ 'ଅମାନବୀୟ' ଭଳି ସାମାଜିକ ଅଭ୍ୟାସ ଆକୃତି ପାଇଥାଏ। ମୃତ୍ୟୁଦଣ୍ଡକୁ ନିଷ୍ଠୁର ଓ ଅମାନବୀୟ ବିଚାର କରି ବିଶ୍ୱବ୍ୟାପୀ ୧୧୩ଟି ଦେଶ ସମସ୍ତ ଅପରାଧ ପାଇଁ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରିଛନ୍ତି। ଏକ ସର୍ବେକ୍ଷଣ ଅନୁଯାୟୀ, ବ୍ରିଟେନରେ ନ୍ୟାୟପାଳିକା ବ୍ୟବସ୍ଥା ଦ୍ୱାରା ବିଚାରଗତ ତ୍ରୁଟି ଯୋଗୁଁ ୧୦୦୦ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଆମ ଦେଶରେ ୧୪ ଜଣ ଅବସରପ୍ରାପ୍ତ ବିଚାରପତି ୧୩ ଜଣ ଦୋଷୀଙ୍କ ମୃତ୍ୟୁଦଣ୍ଡକୁ ବନ୍ଦ କରିବା ପାଇଁ ଭାରତର ରାଷ୍ଟ୍ରପତିଙ୍କୁ ଚିଠି ଲେଖିଥିଲେ। ସେମାନଙ୍କ ମନ୍ତବ୍ୟ ଅନୁସାରେ, ସମସ୍ତ ଦୋଷୀ ଭୁଲ ନିଷ୍ପତ୍ତି କିମ୍ବା ବିଚାରଗତ ତ୍ରୁଟିର ଶିକାର ହୋଇଥିଲେ।

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଏକ ରିପୋର୍ଟ ଅନୁଯାୟୀ, ମୃତ୍ୟୁଦଣ୍ଡ ଅପେକ୍ଷାରେ ଥିବା ଭାରତୀୟ କଏଦୀଙ୍କ ମଧ୍ୟରୁ ୭୬% ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତିର। ସେହିପରି ମୃତ୍ୟୁଦଣ୍ଡରେ ଦଣ୍ଡିତ କଏଦୀଙ୍କ ମଧ୍ୟରୁ ୭୪% ଥିଲେ ଆର୍ଥିକ ଭାବରେ ପଛୁଆ କିମ୍ବା ଗରିବ ଏବଂ ୬୩% ଥିଲେ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ। ଏହି ସମସ୍ତ ତଥ୍ୟ ପ୍ରକାଶ କରେ ଯେ ନ୍ୟାୟପାଳିକାରେ ବି ତ୍ରୁଟି ହୁଏ ଏବଂ ସାମାଜିକ ଅନଗ୍ରସରମାନେ ନ୍ୟାୟ ପ୍ରକ୍ରିୟାଠାରୁ ଏବେ ବି ବହୁତ ଦୂରରେ। ସଂସ୍କାର ସବୁଠି ଆବଶ୍ୟକ। ତେଣୁ ଯଦି ମୃତ୍ୟୁଦଣ୍ଡର ପ୍ରକ୍ରିୟାରେ ସଂସ୍କାର ଆସିବାକୁ ଚିନ୍ତା ହେଉଛି, ଅସୁବିଧା ରହିଲା କେଉଁଠି?

ଆଇନ କାନୁନ ହେଉଛି ସାମାଜିକ ପରିବର୍ତ୍ତନର ଏକ ପାରମ୍ପରିକ ଓ ସବଳ ଉପାୟ। କିନ୍ତୁ ଏହା ମଧ୍ୟ ଜାଣି ରଖିବାକୁ ହେବ ଯେ ଆଇନଗତ ସଂସ୍କାର ପ୍ରାୟତଃ ସାମାଜିକ ପରିବର୍ତ୍ତନଠାରୁ ପଛରେ ପଡ଼ିଯାଏ। ଏହାର କାରଣ ହେଉଛି ଆଇନରେ ସଂସ୍କାର ପାଇଁ ସଂସ୍ଥାଗତ ସହମତି ଓ ସମ୍ବଳ ଆବଶ୍ୟକ। ଅନେକାଂଶରେ ଏହି ସଂସ୍କାର ରାଜନୈତିକ ଇଚ୍ଛାଶକ୍ତିରେ ମଧ୍ୟ ପରିଚାଳିତ। ଆଧୁନିକ ଗଣତନ୍ତ୍ରରେ ରାଷ୍ଟ୍ରର କ୍ଷମତା କେବଳ ଆଇନ ଦ୍ୱାରା ନୁହେଁ, ବରଂ 'ସଭ୍ୟ' ଆଚରଣ ଦ୍ୱାରା ମଧ୍ୟ ପରିପ୍ରକାଶ ହୁଏ। ରାଜଦଣ୍ଡ ଦେବା ସମୟରେ ରାଷ୍ଟ୍ର କିଛି ମାନବୀୟ ମାନଦଣ୍ଡକୁ ଅନୁସରଣ କରିବା ମଧ୍ୟ ଉଚିତ। ନଚେତ ବିଚାରର ନୈତିକତା ଉପରେ ପ୍ରଶ୍ନ ଆସିପାରେ। ତେଣୁ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ 'ସରକାର ଏବେ ବିକଶିତ ଓ ବିବର୍ତ୍ତିତ ହେବାକୁ ପ୍ରସ୍ତୁତ ନୁହନ୍ତି' ଆମକୁ ସୂଚାଇ ଦେଉଛି ଯେ ରାଷ୍ଟ୍ରର ନୀତି, ଅଭ୍ୟାସ ଓ ମାନଦଣ୍ଡ ମଧ୍ୟରେ ଏବେ ବି ଅନେକ ସ୍ଥାନରେ ପାର୍ଥକ୍ୟ ଅଛି।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବୟସର ଅପରାହ୍ଣରେ ଜୀବନ ଯନ୍ତ୍ରଣା

**ଅର୍ଜୁନ ଘଡ଼େଇ**

ବୟସକୁ ନେଇ ବରିଷ୍ଠ, ବୟସ୍କଙ୍କୁ ଆମେ ଯାହା କିଛି ସମ୍ମାନ, ଯତ୍ନ, ଆଦର ପ୍ରଦର୍ଶନ କରୁ ତାହା ଏକ ସାମାଜିକ ବ୍ୟବସ୍ଥା। କିନ୍ତୁ ଅଣଷଠି ବୟସ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କୁ ସାର୍ / ମହାଶୟ / ଆଜ୍ଞା ଭାବେ ସମ୍ବୋଧନ କରାଯାଉଥିବା ବେଳେ ହଠାତ୍ ଷାଠିଏ ପରେ ମଉସା / ମାଉସୀ ସମ୍ବୋଧନ କରି ତା'କୁ ପରୋକ୍ଷରେ ଆମେ ବାର୍ଦ୍ଧକ୍ୟ ଆସିଗଲା ବୋଲି ସଚେତନ କରୁଛେ। ସମାଜର ଜଣେ ଅଦରକାରୀ, ଅନୁପଯୁକ୍ତ, ଅଗ୍ରହଣୀୟ ବ୍ୟକ୍ତି ଭାବରେ ବିବେଚନା କରୁଛେ। 'ଏପରି କର ନାହିଁ, ସେପରି କୁହ ନାହିଁ' ପରାମର୍ଶ ଦେଇ ଆମେ ସେଇ ବ୍ୟକ୍ତିମାନଙ୍କର ଚିନ୍ତାଧାରାକୁ, ଆଗକୁ ଚାଲିବାର ମାନସିକତାକୁ ବାଧାପ୍ରାପ୍ତ କରୁଛେ।

ଆମେ ଦେଖୁଛେ ଷାଠିଏ ବର୍ଷ ପରେ ବି ଅନେକ ବ୍ୟକ୍ତି ବେଶ୍ ଗତିଶୀଳ, କର୍ମତତ୍ପର। ତେଣୁ ମଣିଷର ବୟସ ପରିସଂଖ୍ୟାନ ଏକ ଗାଣିତିକ ବିଚାର। ବିଚାରବୋଧରେ ଏହାର ସତ୍ୟତା ନାହିଁ। ତେଣୁ କାହାକୁ ବୟସ୍କ କହି ଅଣଦେଖା କରିବା ବି ଉଚିତ୍ ନୁହେଁ। ଯେଉଁମାନଙ୍କୁ ବି ଆମେ ବୟସ୍କ, ବରିଷ୍ଠ ଭାବେ ବିବେଚନା କରୁଛେ ନା ସେମାନଙ୍କୁ ଦେଇପାରୁଛେ ଆବଶ୍ୟକୀୟ ଯତ୍ନ ନା ସମ୍ମାନ ନା ଆଦର। ସେମାନଙ୍କ ଦେହ, ମନ, ଆତ୍ମା ସମାଜର ପ୍ରତ୍ୟେକ ସ୍ତରରେ କ୍ଷତାକ୍ତ ହୋଇଚାଲିଛି। ସବୁଠାରୁ ଅଧିକ ମାତ୍ରାରେ ସେମାନେ ନିର୍ଯାତନାର ଶୀକାର ହେଉଛନ୍ତି ପରିବାର, ବନ୍ଧୁ, ଆତ୍ମୀୟ, ରକ୍ତ ସଂପର୍କୀୟଙ୍କ ଦ୍ୱାରା। ଏହା ଆମେ ସବୁ ସମୟରେ ଅନୁଭବ କରୁଥିଲେ ବି ଆମର ଅସଚେତନତା, ଅମନଯୋଗିତା ଯୋଗୁଁ ହିଁ ଘଟି ଚାଲୁଛି। ଏହାହିଁ ବିଡ଼ମ୍ବନା।

ଅତୀତରେ ଯେଉଁମାନଙ୍କ ପାଇଁ କର୍ତ୍ତବ୍ୟ ଭାବି ଶକ୍ତି, ସମୟ, ଅର୍ଥ ସବୁକିଛି ବ୍ୟୟ କରିଛେ, ମୁଣ୍ଡ ଟେକି ସମାଜରେ ଛିଡ଼ା କରେଇଛେ କିମ୍ବା ବଂଚିବାର ରାସ୍ତା ଦେଖାଇଛେ, ସେଇମାନେ ହିଁ ବୟସର ଅପରାହ୍ଣରେ ଶକ୍ତିକୁ ନିରର୍ଥକ, ସମୟକୁ ଅଜ୍ଞାନତା, ଅର୍ଥ ଦେୟକୁ ବାଧ୍ୟବାଧକତା ଭାବେ ବିବେଚନା କରୁଛନ୍ତି। ପିଲାଙ୍କୁ ମଣିଷ କଲେ, ସାଂସାରିକ ଜୀବନ ଦେଲେ। ତା'ପରେ ତାଙ୍କ ପିଲାଙ୍କ ଦାୟିତ୍ୱ ନେଇ ନାତୁଣୀଙ୍କ ସାଥୀରେ ହସି ଖେଳି ସମୟ ବିତେଇବା ପରିବର୍ତ୍ତେ ତାଙ୍କ ପିଲାଙ୍କ 'କେୟାରଟେକର୍' ହେବାକୁ ବାଧ୍ୟ ହେଉଛନ୍ତି ବୟସ୍କ ପିତା-ମାତା। ଯଦି ଉଭୟେ ପୁଅ-ବୋହୂ ରୋଜଗାରକ୍ଷମ ତେବେ ଦୁର୍ଦ୍ଦଶା ତ ଆହୁରି ବଢ଼ିଯାଉଛି। ପିଲାଙ୍କ ମଳ, ମୂତ୍ର ପୋଛୁଥିଲେ ଏବେ ତାଙ୍କ ପିଲାଙ୍କ ଦାୟିତ୍ୱ ନ ନେଲେ ନିର୍ଯାତନା, ଗାଳି ଶୁଣିବାକୁ ପଡୁଛି। କେବଳ ପୁଅ-ବୋହୂ କାହିଁକି ଝିଅ-ଜ୍ୱାଇଁଙ୍କ କ୍ଷେତ୍ରରେ ବି ସେମିତି। ଯଦି ସେମାନେ କର୍ମଜୀବୀ ଏବଂ ଦେଖନ୍ତି ବାପା-ମା ସୁସ୍ଥ ଅଛନ୍ତି ତେବେ ସେମାନେ ବି ଚାହୁଁଛନ୍ତି ତାଙ୍କ ପାଖରେ ରହି ପିଲାଙ୍କ ଦାୟିତ୍ୱ ନେବାକୁ। ପୁଅ-ବୋହୂ ବା ଝିଅ-ଜ୍ୱାଇଁମାନେ ବୟସର ଅପରାହ୍ଣକୁ ତାଙ୍କ ସେବାରେ ବିନିଯୋଗ କରିବାକୁ ଚାହୁଁଛନ୍ତି ସ୍ୱାର୍ଥ ସିଦ୍ଧି ପାଇଁ। ଯଦି ବାପା-ମା'ଙ୍କ ସ୍ୱାସ୍ଥ୍ୟଗତ କାରଣରୁ ସେମାନଙ୍କ ସ୍ୱାର୍ଥ ହାସଲ ନହେବାର ଅବସ୍ଥା ଥାଏ ତେବେ ତୁମର ସେବା, ଯତ୍ନ କରିବା ପରିବର୍ତ୍ତେ, ଅଣଦେଖା, ଅଦରକାରୀ ମନେ କରିବା ପରି ମାନସିକତା ତୁମ ପିତୃତ୍ୱର କେଉଁ ମହାନତାକୁ ସମ୍ମାନ ଦେବ ବା ବୟସ୍କର ପରିଣତ ଅବସ୍ଥାକୁ ଅବବୋଧ କରିପାରିବ? ଏମିତି ଅନେକ ଉଦାହରଣରୁ ଏହା ଗୋଟିଏ।

ଆତ୍ମୀୟ ସ୍ୱଜନ ବନ୍ଧୁ, ପରିଜନ ବା ପଡ଼ୋଶୀମାନେ, ଯେଉଁମାନଙ୍କ ସହ ଅତୀତର ଅନେକ ସମୟ କଟିଛି, ସେମାନଙ୍କ ମାନସିକତା ତ ଆହୁରି ଦୁଃଖଦାୟକ। ଦାଣ୍ଡପିଣ୍ଡାରେ ବସିଥିବା ବେଳେ ପଡ଼ୋଶୀଟିଏ ଆଖି ମିଶେଇ ପଚାରିବାକୁ ଚାହୁଁନି। ବନ୍ଧୁଟିଏ ଘରକୁ ଆସୁଥିଲେ ଅନିଚ୍ଛାସତ୍ତ୍ୱେ ହାତଟିକିଏ ଟେକିଦେଇ କିମ୍ବା ମୁଣ୍ଡ ଟିକିଏ ନୁଆଁଇଦେଇ ଘର ଭିତରକୁ ଯାଉଛି। ପଚାରିବାକୁ ଚାହୁଁନାହିଁ ଦେହପା କେମିତି ଅଛି। କାରଣ ଆଉ ସେ ଅତୀତର ବୟସ କି ସମୟ ନାହିଁ ମିଠା କଥା କହି ପାଣି ବଢ଼େଇଦେବାକୁ କିମ୍ବା ବଜାର ଯାଇ ସୁସ୍ୱାଦୁ ଖାଦ୍ୟ ଯୋଗାଇଦେବାକୁ। ପରିବାରରେ ହିଁ ସମସ୍ତ ବୟସ୍କମାନଙ୍କୁ ସମଦଶା ଭୋଗୀବାକୁ ପଡୁଛି। ଅନ୍ୟମାନଙ୍କୁ ଦୋଷ ଦେଇ ଲାଭ କ'ଣ?

ଆମେ ଯେତେ ବୟସ୍କ, ବରିଷ୍ଠ, ଅଭିଜ୍ଞ, ସମ୍ମାନସ୍ପଦ ଆଦି ଭାବେ ବୟସ୍କମାନଙ୍କ ପାଇଁ ସ୍ଲୋଗାନ ଦେଲେ ବି ସେ ସବୁ ମୂଲ୍ୟହୀନ, ଅର୍ଥହୀନ ଆଜିର ସମୟରେ ଓ ଯୁବପିଢ଼ିଙ୍କ ମନରେ। ଧନ-ସଂପତ୍ତିକୁ କେନ୍ଦ୍ର କରି ବୟସ୍କମାନଙ୍କୁ କାଠଗଡ଼ାରେ ଛିଡ଼ା କରିବା, ହତ୍ୟା କରିବା ପରି ଅମାନୁଷିକ କାର୍ଯ୍ୟର କୁପରିଣତି ଭୋଗୀବାକୁ ପଡୁଛି। ଯେତେ ସବୁ ଆଇନ୍ କାନୁନ୍ ସେ ସବୁ ଧର୍ମକୁ ଆଖିଠାର ପରି। ଘରେ ପୋଷା କୁକୁରକୁ ଘର ଜଗୁଥିବାରୁ ଖାଇବା ପିଇବାକୁ ଦେବା ପରି ବୟସ୍କମାନଙ୍କୁ ବ୍ୟବହାର ଦେଖାଇବା ଅମଣିଷ ପଣିଆଁ କେବଳ ନୁହେଁ, ଅସୁସ୍ଥ ମାନସିକତା - ଏହା ବୁଝି ମାନସିକତାରେ ପରିବର୍ତ୍ତନ ଆସିଲେ ବୟସ୍କମାନେ ବୟସର ଅପରାହ୍ଣରେ ବିବଶ ନହୋଇ, ସ୍ୱପ୍ନ ଦେଖିବାରେ ଆସକ୍ତ ହେବେ। ବୃଦ୍ଧ, ଅକର୍ମଣ୍ୟ, ଅଯୋଗ୍ୟ, ଅଦରକାରୀ ହୋଇଗଲା ଭାବି ବ୍ୟବହାର ଦେଖାଇବା ପରିବର୍ତ୍ତେ, ସେମାନଙ୍କ ମନରେ ଶାନ୍ତ୍ୱନା, ସମ୍ଭାବନା ସୃଷ୍ଟି କଲେ ବୟସର ଅପରାହ୍ଣର ଜୀବନ ଯନ୍ତ୍ରଣା ଉପଶମ ହେବ।

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

# ପଦ୍ମସମ୍ଭବଙ୍କ ତିବ୍ବତରୁ ପ୍ରତ୍ୟାବର୍ତ୍ତନ

**ପ୍ରବୀର କୁମାର ପଟ୍ଟନାୟକ**



ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମସମ୍ଭବଙ୍କର ବିସ୍ତାରିତ ତଥା ବେଳେ ବେଳେ ଗୁପ୍ତ ଦୃଷ୍ଟିକୋଣ ଗବେଷକ ତଥା ଇତିହାସକାରମାନଙ୍କୁ ବାଟବଣା କରିଥାଏ। ଏମାନେ ପଦ୍ମସମ୍ଭବଙ୍କ ଜୀବନର ଘଟଣାକ୍ରମକୁ ନେଇ କେବଳ ଯାହା ପ୍ରମାଣସିଦ୍ଧ ତାହାକୁ ହିଁ ଗ୍ରହଣ କରିଥା'ନ୍ତି। ଏହିସବୁ ପ୍ରମାଣସିଦ୍ଧ ଘଟଣାବଳୀ ହେଲା ରାଜା ଖ୍ରୀ-ସ୍ରନ୍‌ଙ୍କ ସହ ତାଙ୍କର ସଂପର୍କ, ଶାନ୍ତରକ୍ଷିତଙ୍କ ସହ ସମ୍ବନ୍ଧ, ତାନ୍ତ୍ରିକ ଗ୍ରନ୍ଥଗୁଡ଼ିକର ତିବ୍ବତୀୟ ଅନୁବାଦକ ଓ ବ୍ୟାଖାକର ଆଦିଙ୍କ ସହ ତାଙ୍କର ସମ୍ବନ୍ଧ। କିନ୍ତୁ ଏହା ଅତ୍ୟନ୍ତ ବାସ୍ତବ ଯେ ଏହିସବୁ ଐତିହାସିକ ବାସ୍ତବତା ଠାରୁ ପଦ୍ମସମ୍ଭବଙ୍କ ଜୀବନକ୍ରମ ଆହୁରି ବହୁତ କିଛି ଏବଂ ଚମକପ୍ରଦ ମଧ୍ୟ। ଏହା ହେଉଛି ଜଣେ ମଣିଷ ଭାବେ ପରହିତ ଉଦ୍ଦେଶ୍ୟରେ ତଥା ସମସ୍ତଙ୍କର ମଙ୍ଗଳ ପାଇଁ ତାଙ୍କ ପରାକାଷ୍ଠାର ପ୍ରତିଫଳନ। ତାଙ୍କ ଜୀବନ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ଗୁଣବତ୍ତାର ଉତ୍କର୍ଷରେ ପରିପୂର୍ଣ୍ଣ। ସେ ଯାହା ବି କାର୍ଯ୍ୟ କରିଥା'ନ୍ତି ତାହା ଅନ୍ୟମାନଙ୍କର ମଙ୍ଗଳ ସକାଶ ଓ ତାଙ୍କର ସମସ୍ତ କାର୍ଯ୍ୟ ହିଁ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ।

ପଦ୍ମସମ୍ଭବ ତିବ୍ବତ ଆସିବା ପୂର୍ବରୁ ତିବ୍ବତର ଯେଉଁ ଅନ୍ଧକାର ଅବସ୍ଥା ଥିଲା ତା'ଠାରୁ ମଧ୍ୟ ଅଧିକ ଅନ୍ଧକାର ଥିବା ଅନ୍ୟ ଅଞ୍ଚଳର ଲୋକମାନଙ୍କର ହିତ ନିମିତ୍ତ ସେ ତିବ୍ବତ ପରିତ୍ୟାଗ କରିବା ନିମନ୍ତେ ସ୍ଥିର କଲେ। ଲୋକମାନେ ତାଙ୍କୁ ଛାଡ଼ି ଚାଲି ନଯିବା ପାଇଁ ବିନତି କରିବାରୁ ସେ କହିଲେ, 'ତିବ୍ବତରେ ଏବେ ବୌଦ୍ଧଧର୍ମର ପ୍ରତିଷ୍ଠା ସମ୍ପୂର୍ଣ୍ଣ ହୋଇଛି। ସେ ଯଦି ଚ ସଶରୀରେ ସେ ଦେଶ ପରିତ୍ୟାଗ କରୁଛନ୍ତି, ଯଥାର୍ଥପକ୍ଷେ ସେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପରିତ୍ୟାଗ କରି ଚାଲିଯାଉନାହାନ୍ତି। ତିବ୍ବତରେ ତାଙ୍କ ଉପସ୍ଥିତି ସେ ସଶରୀରେ ରହିବା ଠାରୁ ଅଧିକ ପ୍ରଭାବଶାଳୀ ରହିବ ଏବଂ ବଜ୍ରଯାନର ଶକ୍ତି ଫଳରେ ସମସ୍ତଙ୍କ ପ୍ରତି ତାଙ୍କର ଆଶୀର୍ବାଦ କାର୍ଯ୍ୟକ୍ଷମ ହୋଇ ରହିବ। ସେ ଧର୍ମର (ବୌଦ୍ଧ ଧର୍ମ) ସମସ୍ତ ପ୍ରକାର ବାଧାବିଘ୍ନ ଓ ପ୍ରତିବନ୍ଧକ ସବୁକୁ ଦମନ କରିବା ଅଥବା ହଟାଇ ସାରିଛନ୍ତି। ତିବ୍ବତରେ ବୌଦ୍ଧଧର୍ମର ଅତ୍ୟନ୍ତ ମହାର୍ଘ ବୀଜକୁ ରୋପଣ କରିସାରିଛନ୍ତି। ସେ ଓ ତାଙ୍କ ଶିଷ୍ୟମଣ୍ଡଳୀ ସେଠାରେ ଉଭୟ 'ସୂତ୍ରଯାନ' ଓ 'ମନ୍ତ୍ରଯାନ'ର ପ୍ରଗାଢ଼ ଶିକ୍ଷାକୁ ପ୍ରତିଷ୍ଠିତ କରି ଦୃଢ଼ୀଭୂତ କରିସାରିଛନ୍ତି। ତାଙ୍କ ଶିଷ୍ୟମଣ୍ଡଳୀ ମାଧ୍ୟମରେ ଗୂଢ଼ ତତ୍ତ୍ୱଭିତ୍ତିକ ତନ୍ତ୍ରବିଦ୍ୟାର ପରମ୍ପରା ମଧ୍ୟ ପ୍ରତିଷ୍ଠିତ ହୋଇ ସାରିଛି।'

ପଦ୍ମସମ୍ଭବ ତିବ୍ବତରେ ଗୁପ୍ତ-ବିଦ୍ୟାର ଭଣ୍ଡାର ସବୁ ଗୋପନରେ ସାଇତି ରଖିବା ସହ ତାହା କେତେବେଳେ କେଉଁଠି ଏବଂ କାହା ଦ୍ୱାରା କିଭଳି ପ୍ରଘଟ ଅଥବା ପ୍ରକାଶିତ ହେବ ତାହାର ମଧ୍ୟ ଭବିଷ୍ୟବାଣୀ କରି ଯାଇଛନ୍ତି। ନିଜ ଶିଷ୍ୟମଣ୍ଡଳୀଙ୍କୁ ସ୍ୱତନ୍ତ୍ର ଉପଦେଶ ମାଧ୍ୟମରେ ଭବିଷ୍ୟତରେ ତାଙ୍କୁ କିଭଳି ସାଧାନା ବଳରେ ପୁଣି ଭେଟି ପାରିବେ ତାହା ମଧ୍ୟ ଜଣାଇ ଦେଇଥିଲେ। ଏହିଭଳି ଭାବେ ବଜ୍ରଯାନ ମାଧ୍ୟମରେ ବିଶ୍ୱରେ ମହାଯାନର ପରମ୍ପରା କାର୍ଯ୍ୟକ୍ଷେତ୍ରରେ ଯେଉଁଭଳି ଭାବେ ବଞ୍ଚିରହିବ ଯେତେବେଳେ କି ଅନ୍ୟାନ୍ୟ ଶାଖାର ପରମ୍ପରା ସବୁ ଲୋପ ପାଇ ଯାଇଥିବ, ସେ ବିଷୟ ପଦ୍ମସମ୍ଭବ ଆଗୁଆ କଳନା କରି ସବୁର ସୁବ୍ୟବସ୍ଥା କରିଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଜଧାନୀରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ଦୁଷ୍କର୍ମ ମାମଲା

# ଅନୁଧ୍ୟାନ କଲେ ଝାଡ଼ଖଣ୍ଡ ଶିଶୁ ଆୟୋଗ

**ରାଜ୍ୟ ଶିଶୁ ଆୟୋଗ ଓ ପୁଲିସ ସହ ଆଲୋଚନା**

**ଏଚ୍ଆଇଭି ସଂକ୍ରମଣ ଖବର ପ୍ରସାରଣଙ୍କୁ ନେଇ କ୍ଷୁବ୍ଧ**

ଭୁବନେଶ୍ୱର,୨୪।୧୦(ସମିସ): ରାଜଧାନୀରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ଶୁକ୍ରବାର ଝାଡ଼ଖଣ୍ଡ ଶିଶୁ ଆୟୋଗର ୪ ଜଣିଆ ଟିମ୍ ଭୁବନେଶ୍ୱର ପହଞ୍ଚି ପୁଲିସ ଏବଂ ରାଜ୍ୟ ଶିଶୁ ଆୟୋଗଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ଝାଡ଼ଖଣ୍ଡ ଶିଶୁ ଆୟୋଗର ସଦସ୍ୟା ରୁଚି କୁଜରଙ୍କ ନେତୃତ୍ୱରେ ଡକ୍ଟର ଆଭା ଭି ଆଖିଆନ, ଅନୁପ ଆର୍ ଲାକ୍ରା ମାମଲା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଭୁବନେଶ୍ୱରରେ ପହଞ୍ଚି କ୍ୟାପିଟାଲ ଥାନା, ରାଜ୍ୟ ଶିଶୁ ଆୟୋଗ ଏବଂ ପିଡୀତାଙ୍କୁ ଭେଟିଛନ୍ତି। ଏହି ସ୍ୱତନ୍ତ୍ର ଟିମ୍ ନାବାଳିକାଙ୍କୁ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ତାଙ୍କ ଘର ଠିକଣା ଓ ପରିଚୟ ପଚାରିଥିଲେ। କେଉଁ ପରିସ୍ଥିତିରେ ନାବାଳିକା ଏଠାକୁ ଆସିଲେ ଏବଂ କିପରି ସେକ୍ସ ରାକେଟ୍‌ରେ ସାମିଲ ହେଲେ, ସେନେଇ ମଧ୍ୟ ଆଲୋଚନା କରିଥିଲେ। ନାବାଳିକା କିଛି କହି ପାରୁ ନ ଥିବାରୁ ତାଙ୍କ ପରିଚୟ ବିଷୟରେ ଏହି ସ୍ୱତନ୍ତ୍ର ଦଳ ପଚାରି ବୁଝିବେ ବୋଲି ଆୟୋଗ କହିଛନ୍ତି। ଏଥିସହ ତଦନ୍ତକାରୀ ଅଧିକାରୀଙ୍କ ଠାରୁ ଏହି ମାମଲା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ମାମଲାରେ କେତେ ଜଣ ଗିରଫ ହୋଇଛନ୍ତି। ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତମାନେ ଗିରଫ ହୋଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ବଡ଼ କଥା ହେଲା, ଉଦ୍ଧାର ନାବାଳିକାଙ୍କୁ ଏଚ୍ଆଇଭି ହେବା ନେଇ ଯେଉଁ ଖବର ପ୍ରସାରଣ ହୋଇଥିଲା ତାହାକୁ ନେଇ କ୍ଷୁବ୍ଧ ହୋଇଥିଲେ ଝାଡ଼ଖଣ୍ଡ ଶିଶୁ ଆୟୋଗ। ଏଚ୍ଆଇଭି ସଂକ୍ରମିତ ବ୍ୟକ୍ତିଙ୍କର ପରିଚୟ ସର୍ବସାଧାରଣରେ ପ୍ରକାଶ କରିବା ନିୟମ ବିରୋଧ ହୋଇଥିବାବେଳେ ଏହା କିଭଳି ଏନେଇ ଗଣମାଧ୍ୟମରେ ପ୍ରକାଶ ପାଇଲା ତାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

ଲକ୍ଷ୍ମୀସାଗର ସେକ୍ସ ରାକେଟ ମାମଲାରେ ଏବେ ସୁଦ୍ଧା ୪ ଜଣଙ୍କୁ ଗିରଫ କରି ଖୋଳତାଡ଼ କରୁଛି କ୍ୟାପିଟାଲ ଥାନା ପୁଲିସ। ବିଭିନ୍ନ ପ୍ରକାର ନମୁନା ସଂଗ୍ରହ ସହ ସେକ୍ସ ରାକେଟ୍ ଚାଲିଥିବା ଘରେ ଛାନ୍‌ଭିନ୍ କରୁଛି ସାଇଣ୍ଟିଫିକ୍ ଟିମ୍। ସେପଟେ ଘଟଣାକୁ ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ କରିଛନ୍ତି ଡିଜି। ୪ ମହିଳା ଟିମ୍ ଘଟଣାର ତଦନ୍ତରେ ସହଯୋଗ କରୁଛନ୍ତି। ଜଣେ ବରିଷ୍ଠ ମହିଳା ଆଇପିଏସ ଘଟଣାକୁ ତଦାରଖ କରୁଛନ୍ତି। ଗତ ଶନିବାର ଜଣେ ନାବାଳିକାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲା ପୁଲିସ। ନାବାଳିକା ଜଣଙ୍କ ଝାଡ଼ଖଣ୍ଡର ହୋଇଥିବା ବେଳେ ନାବାଳିକାଙ୍କୁ ଆଣି ସେକ୍ସ ରାକେଟରେ ଲଗାଯାଇଥିଲା। ଏହାପରେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ କ୍ୟାପିଟାଲ ଥାନା ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ଉ ବେଳେ ଝାଡ଼ଖଣ୍ଡ ଓ କୋଲକାତାର ୪ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର ନାବାଳିକା ଜଣଙ୍କ ଝାଡ଼ଖଣ୍ଡର, ତାଙ୍କୁ ୧୬ ବର୍ଷ ହୋଇଥିବା ସୂଚନା ଦେଇଥିଲେ ଡିସିପି। ଯଦିଓ ନାବାଳିକାଙ୍କ ଠିକଣା ଓ ପରିଚୟକୁ ନେଇ କିଛି ସ୍ପଷ୍ଟ ପ୍ରମାଣ ପୁଲିସ ହାତରେ ଲାଗି ନ ଥିବା ବେଳେ ନାବାଳିକାଜଣକ ଅନାଥ ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ବିକ୍ରମ ପଣ୍ଡାଙ୍କ ଗିରଫଦାରୀ ଘଟଣା / ଗିରଫଦାରୀ ନିନ୍ଦନୀୟ ଏବଂ ରାଜନୀତି ପ୍ରେରିତ: ସଂତୃପ୍ତ

**ବିଜେପିର ଅସହିଷ୍ଣୁତାପୂର୍ଣ୍ଣ ଏବଂ ପ୍ରତିଶୋଧମୂଳକ ରାଜନୀତିର ଆଉ ଏକ ଉଦାହରଣ**

**ବିଜେଡି ନ୍ୟାୟର ଲଢେଇ ଲଢୁଛି, ଆଗକୁ ମଧ୍ୟ ଲଢ଼ିବ**

ଭୁବନେଶ୍ୱର, ୨୪।୧୦ (ସମିସ): ପୂର୍ବତନ ବିଧାୟକ ଏବଂ ବ୍ରହ୍ମପୁର ବିଜେଡି ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ଗିରଫଦାରୀକୁ କଡ଼ା ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ. ସଂତୃପ୍ତ ମିଶ୍ର। ଶ୍ରୀ ପଣ୍ଡାଙ୍କ ଗିରଫ ଅତ୍ୟନ୍ତ ନିନ୍ଦନୀୟ ଏବଂ ରାଜନୀତି ପ୍ରେରିତ। କୌଣସି ସ୍ପଷ୍ଟ ପ୍ରମାଣ ବିନା ତାଙ୍କୁ ଗିରଫ କରିବା ଲୋକତନ୍ତ୍ରର ମୂଳ ଆଦର୍ଶକୁ ଆଘାତ କରୁଛି ଏବଂ ମାନବ ଅଧିକାରକୁ କ୍ଷୁଣ୍ଣ କରୁଛି। ଏହା ରାଜ୍ୟରେ ଶାସକ ଦଳ ଭାବେ ବିଜେପିର ଅସହିଷ୍ଣୁତାପୂର୍ଣ୍ଣ ଏବଂ ପ୍ରତିଶୋଧମୂଳକ ରାଜନୀତିର ଆଉ ଏକ ଉଦାହରଣ ବୋଲି ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରି କହିଛନ୍ତି।

'ଏକ୍ସ'ରେ ଏନେଇ ପୋଷ୍ଟ କରି ଡ. ମିଶ୍ର କହିଛନ୍ତି ଯେ କିଛି ଦିନ ପୂର୍ବରୁ ଜଗତସିଂହପୁରରେ ବିଜୁ ଜନତା ଦଳର କର୍ମୀ ରଶ୍ମି ପରିଜାଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଆଜି ପର୍ଯ୍ୟନ୍ତ କେହି ଗିରଫ ହୋଇନାହାନ୍ତି। ଏହିଭଳି ସମସ୍ତ ଘଟଣା ରାଜ୍ୟରେ ଆଇନ ଓ ଶାସନ ବ୍ୟବସ୍ଥାର ଦୁର୍ଦ୍ଦଶାକୁ ସ୍ପଷ୍ଟ କରୁଛି। ନୂଆପଡ଼ା ଉପନିର୍ବାଚନକୁ ନଜରରେ ରଖି ଭୟ ଓ ଆତଙ୍କ ସୃଷ୍ଟି କରିବା ପାଇଁ ଓ ଜନଶକ୍ତିକୁ ଦମନ କରିବାର ଅପପ୍ରୟାସ କରାଯାଉଛି। ଦିନକୁ ଦିନ ଜନତାଙ୍କର ସମର୍ଥନ ହାରୁଥିବା ଭୟରୁ ଆଜି ଶକ୍ତିର ଦୁରୁପଯୋଗ କରାଯାଉଛି ବୋଲି ଡ. ମିଶ୍ର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଶାନ୍ତି ଓ ସୌହାର୍ଦ୍ଦ୍ୟର ପ୍ରତୀକ ଓଡ଼ିଶା ଆଜି ଅଶାନ୍ତ ହୋଇଯାଇଛି। ଯେଉଁମାନେ ରକ୍ଷକ ହେବା ଉଚିତ, ସେମାନେ ଆଜି ଅନ୍ୟମାନଙ୍କୁ ରକ୍ଷା କରିବାରେ ବିଫଳ ହୋଇଛନ୍ତି। ଲୋକତନ୍ତ୍ରରେ ଏଭଳି ଦମନ ଓ ଆତଙ୍କର ରାଜନୀତିକୁ ସ୍ୱୀକାର କରାଯାଇପାରିବ ନାହିଁ। ଏପରି ହୀନ ପରମ୍ପରା ଯେଉଁମାନେ ଆରମ୍ଭ କରିଛନ୍ତି, ସେମାନେ ମନେ ରଖନ୍ତୁ -ଲୋକତନ୍ତ୍ରରେ ଜନଶକ୍ତି ହେଉଛି ସବୁଠାରୁ ବଡ଼ ଶକ୍ତି। ଯଦି ବ୍ରିଟିଶ ସରକାର ଆମକୁ ଦବାଇ ପାରିଲେ ନାହିଁ, ଓଡ଼ିଶାର ବର୍ତ୍ତମାନର ସରକାର ପୁଲିସ ଶାସନ ଦ୍ୱାରା ଲୋକମାନଙ୍କ ସ୍ୱରକୁ ଦବାଇପାରିବେ ନାହିଁ।

**AFFIDAVIT**

I, Debashis Acharya, S/o. Basanta Kumar Acharya, At: Qtr No. 2RA/76, Road No. 7, Unit-9, Back side of New BMC Office, Bhoi Nagar, Bhubaneswar, Dist: Khordha, PIN-751022, Odisha declare by this Affidavit CF No.55, dtd- 07/07/2025, that now onwards I shall be known as **DEBASISH ACHARYA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Sohela I Gayatri Panchabihar, D/O Raghu Panchabihar resident of Rusuda, PS. Bheden Dist.-Bargarh, Odisha, PIN-768115, vide affidavit no. 04 dtd.24.10.2025 that, I have corrected my name from Gayitri Panchabihar as mentioned in my Adhar card no. 887402210936 to Gayatri Panchabihar. Henceforth I shall be known as **Gayatri Panchabihar** for all future purposes and correction of above adharcard.

**FOR SALE**

1 Number of ICV –VE CV EICHER PRO 3015 XP/ 2023, Registration No.- OD-22-X-2169, Model- 2023 , ENGINE NO – E426CDPB423094, CHASSIS NO - MC2GLMRC0PB220597, For Details, contact – 94370 94758, 94375 77758, 88959 97418, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE,756001, PH. NO-06782-266657

**AFFIDAVIT**

By virtue of an affidavit No. 10415, dtd.10.10.2025 before the Notary Public, Nabarangpur, I, Kadiam Mani, At- Sanath Nagar, Chinagantyadia, Gajuwaka, Vishakhapatnam, Andhra Pradesh have changed my name from Mattaruni / M. Runu to Kadiam Mani. Hencforth I shall be known as **Kadiam Mani** instead of Matta Runi & M. Runu for all purposes.

**Sd/- Kadiam Mani**

**FOR SALE**

1 Number of LEYLAND DOST I3+ /2022, Registration No.- OD-15-V-8258, Model- 2022, - ENGINE NO – BNH062725P, CHASSIS NO - MB1AA42E3NRBD1886, For Details, contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST-SAMBALPUR-768004

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated 23.10.2025 I, RAMA BHATARA, S/o - MONGRA BHATARA , Vill- Porsola, Po-Porsola, Ps- Borigumma, Dist-Koraput, Odisha, Pin - 764063, declare that I have changed the name of my Son from HARIHAR BHATARA to NARAHARI BHATARA. Henceforth, he shall be known as NARAHARI BHATARA for all purposes.

**Sd/- Rama Bhatara**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Samsuddin Abdal Quadri s/o- In Dr Gholam Mohiuddin, resident of Ward No. 12, Bankasahi, PS-Bhadrak Town, PO/Dist-Bhadrak, Odisha, PIN-756100 declare by this affidavit No. 988 dtd.- 23/10/2025 that now onwards I shall be known as In **Dr Samsuddin Abdal Quadri** for all future purposes.

## ଚୁକ୍ତିଭିତ୍ତିକ ୧୫ କନିଷ୍ଠ ଯନ୍ତ୍ରୀଙ୍କ ଚାକିରି ନିୟମିତ କର: ହାଇକୋର୍ଟ

କଟକ, ୨୪।୧୦ (ସମିସ): ଓଡ଼ିଶା ଉଠା ଜଳସେଚନ ନିଗମ ଅଧୀନରେ କାର୍ଯ୍ୟ କରିଥିବା ୧୫ ଚୁକ୍ତିଭିତ୍ତିକ କନିଷ୍ଠ ଯନ୍ତ୍ରୀଙ୍କ ଚାକିରି ଦୁଇ ମାସ ମଧ୍ୟରେ ନିୟମିତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନଟବର ପଣ୍ଡା ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ଦାବି ଖାରଜ ନେଇ ଗତ ୨୫.୧୧.୨୦୧୯ ଏବଂ ୩୧.୧୨.୨୦୧୯ ତାରିଖର ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ନିୟମିତୀକରଣ ପରେ ସେମାନେ ନିଗମର ନିୟମିତ କର୍ମଚାରୀଙ୍କ ପାଇଁ ଗ୍ରହଣୀୟ ଦରମା ଏବଂ ଅନ୍ୟାନ୍ୟ ସେବା ସୁବିଧା ପାଇବାକୁ ହକଦାର ହେବେ। ଆବେଦନକାରୀଙ୍କ ପ୍ରାରମ୍ଭିକ ନିଯୁକ୍ତିଠାରୁ ଛଅ ବର୍ଷର ନିରନ୍ତର ସେବା ସମାପ୍ତ ହେବା ତାରିଖରୁ ନିୟମିତୀକରଣ କାର୍ଯ୍ୟକାରୀ ହେବ। ଯଦି ଆବେଦନକାରୀଙ୍କ ପାଇଁ ପର୍ଯ୍ୟାପ୍ତସଂଖ୍ୟକ ନିୟମିତ ପଦବୀ ଉପଲବ୍ଧ ନାହିଁ, ତେବେ ସେମାନଙ୍କ ପାଇଁ ପଦବୀ ସୃଷ୍ଟି କରାଯିବ। ଏହି ପଦବୀ ସେମାନଙ୍କ ଚାକିରି ସମାପ୍ତ ପରେ ଉଚ୍ଛେଦ କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ପ୍ରକାଶଥାଉକି, ଓଡ଼ିଶା ଲିଫ୍ଟ ଇରିଗେସନ୍ କର୍ପୋରେସନ୍ ଲିମିଟେଡ୍ (ଓଏଲଆଇସି) ଦ୍ୱାରା ୦୯.୧୧.୨୦୧୧ ରେ ଜାରି ଏକ ବିଜ୍ଞାପନ ଆବେଦନକାରୀଙ୍କୁ ୧୪.୧୨.୨୦୧୧ ତାରିଖର ଚିଠି ଅନୁଯାୟୀ ଗୋଟିଏ ବର୍ଷ ପାଇଁ ଚୁକ୍ତିଭିତ୍ତିକ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପ୍ରଦାନ କରାଯାଇଥିଲା।

## ଭୋଟ୍ ଚୋରି ପ୍ରକ୍ରିୟାରୁ ନୂଆପଡ଼ା ବାଦ୍ ନୁହେଁ: କଂଗ୍ରେସ

ନୂଆପଡ଼ା/ଭୁବନେଶ୍ୱର, ୨୪।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଚୂଡ଼ାନ୍ତ ଭୋଟର୍ ତାଲିକାକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ। ଗୁରୁବାର ନୂଆପଡ଼ାର ଖୁଣ୍ଟିଆ ଭବନଠାରେ ପ୍ରଦେଶ କଂଗ୍ରେସ ମିଡିଆ ସେଲ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ କହିଲେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭୋଟ ଚୋରିର ପର୍ଦ୍ଦାଫାସ ସାରା ଭାରତରେ ଲୋକଙ୍କୁ ଜାଗ୍ରତ କରିଛି। ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପଡୁଛି। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କ ବିପୁଳ ବିଜୟ ହେଉଥିବା ଜାଣି ବିଜେପି ଭୟଭୀତ ହୋଇପଡ଼ିଛି। ସରକାର କଂଗ୍ରେସକୁ ହରାଇବା ପାଇଁ ସମସ୍ତ ପ୍ରକାରର କୌଶଳକୁ ଆପଣେଇଛନ୍ତି। ଭୋଟରଙ୍କୁ ନେଇ ଏକ ବିରାଟ ବ୍ୟତିକ୍ରମର ପ୍ରମାଣ ହସ୍ତଗତ ହୋଇଛି। ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ସଂଶୋଧିତ ତଥା ଚୂଡ଼ାନ୍ତ ଭୋଟର୍ ତାଲିକାରେ ୫ ହଜାର ନୂଆ ଭୋଟରଙ୍କୁ ଯୋଡ଼ିଛନ୍ତି। କଂଗ୍ରେସର ପ୍ରଶ୍ନ, ଏହି ୫ ହଜାର ମତଦାତା କୁଆଡୁ ଆସିଲେ? ଏମାନେ ବାହାରୁ ଆମଦାନୀ ଭୋଟର୍ ନୁହଁନ୍ତି ତ?



କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ଡ. ହମିଦ ହୁସେନ କହିଥିଲେ, ବିଜେପି ସରକାର ଆଜି ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଜଣେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦେଇପାରିନି। ଏଥିରୁ ପଶ୍ଚିମ ଓଡ଼ିଶା ପ୍ରତି ବିଜେପିର ଆନ୍ତରିକତା ଜଳଜଳ ଦିଶୁଛି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନୂଆପଡ଼ାର ବିକାଶ ପାଇଁ କଂଗ୍ରେସର ଭିଜନ ଡକ୍ୟୁମେଣ୍ଟ ବର୍ଣ୍ଣନା କରିଥିଲେ। ପିସିସି ପ୍ରବକ୍ତା ବିଭୂତିଭୂଷଣ ମହାପାତ୍ର ଧନ୍ୟବାଦ ଜଣାଇବା ସହ ଭୋଟ୍ ଚୋରି ରୋକିବାକୁ ବାହାରର ନକଲି ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଭୋଟ୍ ପୂର୍ବରୁ ଦୁଇତିନିଦିନ ରେଳଷ୍ଟେସନରେ କଡ଼ା ଯାଞ୍ଚ କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବକଂଗ୍ରେସ ନେତା ଗଣେଶ ସାହୁ, ନୂଆପଡ଼ା କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ର, ତୁଲେଶ୍ୱର ନାଏକ, ରବି ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଖୁବ୍‌ଶୀଘ୍ର ୪୨୧୯ କନଷ୍ଟେବଲ ପଦବୀ ପୂରଣ

ଭୁବନେଶ୍ୱର,୨୪।୧୦(ସମିସ): ରାଜ୍ୟରେ ଖୁବ୍‌ଶୀଘ୍ର ୪୨୧୯ କନଷ୍ଟେବଲ ପଦବୀ ପୂରଣ କରାଯିବ। ଏହି ପଦ ପାଇଁ ସିଧାସଳଖ ନିଯୁକ୍ତ ପ୍ରକ୍ରିୟା କରାଯିବ। ଏଥିପାଇଁ ରାଜ୍ୟ ପୁଲିସ ମୁଖ୍ୟାଳୟର ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଅନୁମୋଦନ ଦେଇଛି। ପୂର୍ବରୁ ପୁଲିସ ଡିଜି ଗୃହ ବିଭାଗକୁ ଚିଠି ଲେଖି ଏହି ପଦବୀ ପୂରଣ ନେଇ ଅନୁମତି ଲୋଡ଼ିଥିଲେ। ଏହାପରେ ଗୃହ ବିଭାଗ ଆଜି ବିଧିବଦ୍ଧ ଭାବେ ଏହି ନିଷ୍ପତ୍ତି ନେଇଛି। ବିଭାଗ ପକ୍ଷରୁ ପୁଲିସ ଡିଜିଙ୍କୁ ଜାରି ଚିଠିରେ ଏହି ପଦବୀ ପୂରଣ ପାଇଁ ଆବଶ୍ୟକ ନିୟମାବଳୀ ପାଳନ କରି ସିଧା ନିଯୁକ୍ତି ଦିଆଯିବ ବୋଲି ଦର୍ଶାଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

କଟକ, ୨୪।୧୦ (ସମିସ): କଟକ ଜିଲ୍ଲା ମାହାଙ୍ଗା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକ୍ସୋ ଆଇନର ଧାରା ୪ ଓ ଆଇପିସିର ଧାରା ୩୪୨ ଓ ୩୭୬(ଡି) ଅନୁସାରେ ଅଭିଯୁକ୍ତ କେନ୍ଦୁଝର ଜିଲ୍ଲା ସଦର ଥାନା ରାଇସୁଆଁ ଗ୍ରାମର ସ୍ଥାୟୀ ବାସିନ୍ଦା ଅଭିଯୁକ୍ତ ରାକେଶ ବେହେରା (୨୦) କୁ ୨୦ବର୍ଷ ସଶ୍ରମ ଜେଲ ଓ ୨୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆସୁଛି ବାତ୍ୟା...

ପ୍ରଫେସର ପଶୁପାଳକ କହିଛନ୍ତି। ବର୍ତ୍ତମାନ ରାଜ୍ୟର ଅଧିକାଂଶ ସ୍ଥାନରେ ଧାନ ଫସଲ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ବର୍ଷା କିମ୍ବା ପବନ ହେଲେ ଧାନ ଫସଲ ଗୁରୁତର ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଆଇଏମ୍‌ଡିର ସମ୍ଭାବ୍ୟ ବାତ୍ୟା ଆକଳନକୁ ନେଇ ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ। ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକସ୍ଥଳେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଶୁଖିଲା ଖାଦ୍ୟ ମହଜୁଦ ରଖାଯାଇଛି। ଶକ୍ତି ବିଭାଗକୁ ମଧ୍ୟ ସତର୍କ କରାଯାଇଛି। ଯଦି ସେଭଳି ସ୍ଥିତି ଉପୁଜେ, କିପରି ପୁନଃସ୍ଥାପନ କରାଯାଇ ପାରିବ ସେନେଇ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଲଘୁଚାପ ଜନିତ ବର୍ଷା ସହିତ ସମ୍ଭାବ୍ୟ ବାତ୍ୟା ସ୍ଥିତି ମୁକାବିଲା ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ପରଲୋକରେ କବି...

ଦେଇ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଥିଲେ। ୨୦୦୪ରେ ଅବସର ଗ୍ରହଣ ପରେ ସେ ୟୁନିଟ୍-୬ସ୍ଥିତ ବନଜା ଆପାର୍ଟମେଣ୍ଟରେ ରହୁଥିଲେ ଓ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସାହିତ୍ୟସାଧନାରେ ମଗ୍ନ ଥିଲେ। ଗତମାସରେ ବାର୍ଦ୍ଧକ୍ୟଜନୀତ ଅସୁସ୍ଥତା ଯୋଗୁଁ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସାମାନ୍ୟ ସୁସ୍ଥ ହେବା ପରେ ସେ ଗତ ୫ ତାରିଖରେ ଘରକୁ ଫେରିଥିଲେ। ତେବେ ଆଜି ସକାଳେ ତାଙ୍କର ପରଲୋକ ଘଟିଥିଲା।

ସ୍ୱର୍ଗତ ପଣ୍ଡା ୧୬ଟି କବିତା ସଂକଳନ ଓ ୨ଟି ଉପନ୍ୟାସ ରଚନା କରିଛନ୍ତି। ୧୯୪୭ରେ ତାଙ୍କର ପ୍ରଥମ କବିତା ସଂଗ୍ରହ 'ଗୌଣ ଦେବତା' ପ୍ରକାଶିତ ହୋଇଥିଲା। 'ଶୈଳକଳ୍ପ' ଲାଗି ୧୯୮୫ରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ। ସେ ୨୦୦୪ରେ ବିଷୁବ ପୁରସ୍କାର, ୨୦୨୧ରେ ସାରଳା ସମ୍ମାନ, ୨୦୧୨ରେ ଗଙ୍ଗାଧର ଜାତୀୟ ସମ୍ମାନ, ୧୯୯୫ରେ ଶାରଳା ପୁରସ୍କାର, ୧୯୯୪ରେ ଝଙ୍କାର ପୁରସ୍କାର, ୨୦୦୪ରେ ସାହିତ୍ୟ ଭାରତୀ ସମ୍ମାନ, ୨୦୦୫ରେ ସଚ୍ଚି ରାଉତରାୟ ସମ୍ମାନ, କୁଭେମ୍ପୁ ଜାତୀୟ ପୁରସ୍କାରୀ(କର୍ଣ୍ଣାଟକ) ଲାଭ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ବିୟୋଗରେ ସାହିତ୍ୟପ୍ରେମୀମାନେ ସାମାଜିକ ଗଣମାଧ୍ୟମରେ ଭାବବିହ୍ୱଳ ପୋଷ୍ଟ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ଶ୍ରୀ ପଣ୍ଡାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସିଦ୍ଧ କବି ତଥା ଲେଖକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଦେହାନ୍ତ ସୂଚନା ପାଇ ଦୁଃଖପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଆ ଭାଷା, ସାହିତ୍ୟରେ ଅନନ୍ୟ କୃତି ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ଏପରି ଦୁଃଖଦ ସମୟରେ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦଗତି କାମନା କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି ଓଡ଼ିଶା ରାଜ୍ୟ ଅଙ୍ଗଦାନ ସମିତି ଅଧ୍ୟକ୍ଷ ପ୍ରଭାସ ଆଚାର୍ଯ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତା,ଡ. ଗୌରହରି ଦାସ, ରକ୍ଷକ ନାୟକ, ଅଭିରାମ ବିଶ୍ୱାଳ, କେଦାର ମିଶ୍ର, ପ୍ରସନ୍ନ ପାଟଶାଣୀ, ଭାଗ୍ୟଲିପି ମଲ୍ଲ, ସୂର୍ଯ୍ୟ ମିଶ୍ର, ପରେଶ ପଟ୍ଟନାୟକ,ପୂର୍ବତନ ମୁଖ୍ୟ ଶାସନସଚିବ ଯୁଗଳ କିଶୋର ମହାପାତ୍ରଙ୍କ ସମେତ ବହୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ତାଙ୍କର ଶେଷ ଦର୍ଶନ କରିଛନ୍ତି।

### ୨୦ ଯାତ୍ରୀ...

କିଛି ଲୋକଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ସେମାନଙ୍କୁ କୁର୍ଣ୍ଣୁଲ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ବସ୍‌ରେ ଦୁଇଜଣ ଡ୍ରାଇଭରଙ୍କ ସହ ମୋଟ୍ ୪୧ ଜଣ ଥିଲେ ବୋଲି ସ୍ଥାନୀୟ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ୨୧ ଜଣ ଯାତ୍ରୀଙ୍କ ପରିଚୟ ମିଳିଛି ଓ ସେମାନେ ସୁରକ୍ଷିତ ଅଛନ୍ତି। ବସ୍‌ରୁ ୧୧ଟି ଶବ ବାହର କରାଯାଇଛି ବୋଲି ସେ କହିଛନ୍ତି। ୨ ଜଣ ପିଲାଙ୍କ ସହ ୨୧ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିବା କୁର୍ଣ୍ଣୁଲ ରେଞ୍ଜର ଡିଆଇଜି କୋୟା ପ୍ରବୀଣ କହିଛନ୍ତି। ଅଧିକାଂଶ ଲୋକ ୨୫ରୁ ୩୫ ବର୍ଷ ମଧ୍ୟରେ ଥିଲେ। ଏହି ଦୁର୍ଘଟଣା ଘଟିବା ବେଳେ ଯାତ୍ରୀମାନେ ଶୋଇଥିଲେ। ଫଳରେ ଜୀବନ ବଞ୍ଚାଇବାକୁ ସୁଯୋଗ ପାଇ ନ ଥିଲେ। ନିଆଁ ଲାଗିବା ପରେ ବସ୍‌ରେ ସର୍ଟ ସର୍କିଟ ହୋଇଥିଲା। ବସ୍‌ର ଦ୍ୱାର ଜାମ୍ ହୋଇଯାଇଥିଲା। ପୁଣି ଝରକା ଭାଙ୍ଗିବା ପାଇଁ କୌଣସି ସେଫ୍ଟି ହାମର ମଧ୍ୟ ନ ଥିଲା। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି। ସେହିପରି ତେଲଙ୍ଗାନା ସରକାର ମୃତ୍ୟୁବରଣ କରିଥିବା ଲୋକଙ୍କ ପରବାରକୁ ୫ ଲକ୍ଷ ଓ ଆହତଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି।

### ଓଡ଼ିଶାରେ ପଞ୍ଜିକରଣ ହୋଇଥିଲା ବସ୍

ଏହି ବସ୍‌ର ପଞ୍ଜିକରଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ବସ୍‌ର ସବୁ କାଗଜପତ୍ର ଓ ପରମିଟ୍ ବୈଧ ଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଏସି ସ୍ଲିପର ବସ୍‌ର ରେଜିଷ୍ଟ୍ରେସନ ନଂ ଡିଡି୦୧ଏନ୍୯୪୯୦ ଥିଲା। ଏହା ପ୍ରଥମେ ୨୦୧୮ ଅଗଷ୍ଟରେ ଡାମନ ଓ ଡିୟୁରେ ପଞ୍ଜିକରଣ ହୋଇଥିଲା। ଏହା ଓଡ଼ିଶାର ରାୟଗଡ଼ା ଜିଲ୍ଲାର ଭେମୁରୀ କାବେରୀ ଟ୍ରାଭେଲ୍ସ ନାମକ ଏକ ଟ୍ରାଭେଲ ଏଜେନ୍ସିର ମାଲିକାନାରେ ଥିଲା। ମାଲିକ ଭେମୁରୀ ବିନୋଦ କୁମାର ରାୟଗଡ଼ାର ସାଇ ଲକ୍ଷ୍ମୀ ନଗର ଠିକଣାରେ ବସ୍‌କୁ ପଞ୍ଜିକୃତ କରିଥିଲେ। ପରେ ୨୦୨୫ ଏପ୍ରିଲ ୨୯ରେ ବସର ପଞ୍ଜିକରଣକୁ ଓଡ଼ିଶାର ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହାର ୬ ମାସ ମଧ୍ୟରେ ହିଁ ଏଭଳି ଦୁର୍ଘଟଣା ଘଟିଛି। ଓଡ଼ିଶା ଟ୍ରାନ୍ସପୋର୍ଟ ଡିପାର୍ଟମେଣ୍ଟ ବସ୍‌ର ଟୁରିଷ୍ଟ ପରମିଟ ୨୦୨୫ ମେ' ୧ରେ ପ୍ରଦାନ କରିଥିଲା ଓ ଏହା ୨୦୩୦ ଏପ୍ରିଲ ପର୍ଯ୍ୟନ୍ତ ବୈଧ ଥିଲା। ପୁଣି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ୨୦୨୫ ଅଗଷ୍ଟରେ ଅଲ ଇଣ୍ଡିଆ ପରମିଟ ପ୍ରଦାନ କରାଯାଇଥିଲା। ଏହା ୨୦୨୬ ଜୁଲାଇ ପର୍ଯ୍ୟନ୍ତ ବୈଧ ଥିଲା।

### ନଭେମ୍ବରରୁ ଦେଶବ୍ୟାପୀ...

ପାଇଛି। ସେହିପରି ୨୦୦୮ରେ ଦିଲ୍ଲୀରେ ୧.୧ କୋଟି ଭୋଟର ଥିବାବେଳେ ଏହି ସଂଖ୍ୟା ଏବେ ୧.୫ କୋଟିରେ ପହଞ୍ଚି ଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଇସି କରିଥିବା ବୈଠକରେ ବିଏଲଓ ପ୍ରତ୍ୟକ ଭୋଟରଙ୍କ ଘରକୁ ଯାଇ 'ପ୍ରି ଫିଲ୍ଡ' ଫର୍ମ ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ୩୧ ସୁଦ୍ଧା ୧୮ ବର୍ଷ ହୋଇଥିବା ସମସ୍ତ ବ୍ୟକ୍ତି ଏହି ପ୍ରକ୍ରିୟାରେ ସାମିଲ ବୋଲି ଧରାଯିବ। ଏବେ ଦେଶରେ ୯୯ କୋଟି ୧୦ ଲକ୍ଷ ଭୋଟର ଅଛନ୍ତି। ଏଥିରୁ ପ୍ରାୟ ୮ କୋଟି ଭୋଟରଙ୍କ ପ୍ରକ୍ରିୟା ଶେଷ ହୋଇଛି। ୨୦୦୨ରୁ ୨୦୦୪ ମଧ୍ୟରେ ହୋଇଥିବା ଏସଆଇଆରରେ ୭୦ କୋଟି ଭୋଟର ଥିଲେ। ଏଭଳି ସ୍ଥିତିରେ ୨୧ କୋଟି ଭୋଟରଙ୍କୁ ଜରୁରୀ ପ୍ରମାଣପତ୍ର ଦେବାକୁ ହେବ।

### ବିକ୍ରମଙ୍କ ପାଇଁ ମାମଲା...

ଆଗ୍ରହ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ପୁଲିସର ତରବରିଆ ପଦକ୍ଷେପକୁ ଆଇନଜୀବୀମାନେ ସ୍ୱୀକାର କରିପାରୁନାହାନ୍ତି । ପୁଲିସ ଏ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶିକାକୁ ଅବମାନନା କରିଥିବା ଗୁରୁତର ଅଭିଯୋଗ ଆଣିଛନ୍ତି ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ । ଏପରି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଓ ଜେରା ସମୟରେ ଯେଉଁପ୍ରକାର ନୀତି ନିୟମ ଅନୁପାଳନ କରିବା କଥା ତାହା କରିନାହିଁ ବୋଲି ସେ କହିଛନ୍ତି । ଅଟକ ବ୍ୟକ୍ତିଙ୍କୁ ସିସିଟିଭି କ୍ୟାମେରା ଥିବା ପ୍ରକୋଷ୍ଠ ଅଥବା ଥାନା ପରିବର୍ତ୍ତେ ପୁଲିସ ବାରାକ୍‌ରେ ଜେରା ଆଇନ ଅନୁମୋଦିତ ନୁହେଁ। ସେହିଭଳି କୌଣସି ବ୍ୟକ୍ତିଙ୍କୁ ଘରୁ ଅଥବା ଅନ୍ୟ ଯେକୌଣସି ସ୍ଥାନରୁ କାବୁ କରିବା ସମୟରେ କିମ୍ବା ଏହାପରେ ସେମାନଙ୍କ ପରିବାର ଲୋକଙ୍କୁ ବା ତାଙ୍କ ଓକିଲଙ୍କ ସହ ଯୋଗାଯୋଗ କରିବାକୁ ସୁଯୋଗ ଦେବା ଉଚିତ। ଯାହା ବିକ୍ରମ ପଣ୍ଡା ଓ ଅନ୍ୟମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇନାହିଁ। ଯେଉଁମାନଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟଚାଲାଣ କରିଛି ସେହି ସମୟରେ ତଦନ୍ତର ଅଗ୍ରଗତି ସମ୍ପର୍କିତ କୌଣସି ବିସ୍ତୃତ ତଥ୍ୟ କୋର୍ଟରେ ପୁଲିସ ଦାଖଲ କରିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସମସ୍ତଙ୍କୁ କୋର୍ଟଚାଲାଣ ବେଳେ କୌଣସି ୱକାଲତନାମା ଦାଖଲ ହୋଇ ନ ଥିବାରୁ ସରକାରଙ୍କ ପକ୍ଷରୁ ଆପିଅରେନ୍ସ ଆଡ଼ଭୋକେଟ୍‌ଙ୍କ ଜରିଆରେ କରାଯାଇଥିବା ଶୁଣାଣିରେ ଜାମିନ ଆବେଦନ ଖାରଜ ହୋଇଥିଲା । ତେବେ ପୁଲିସ ପକ୍ଷରୁ କୋର୍ଟରେ କ'ଣ କ'ଣ ଦଲିଲ ବା ନଥିପତ୍ର ଦାଖଲ କରାଯାଇଛି ତାହାର ସାର୍ଟିଫାଏଡ୍ କପି ଆସିବା ପରେ ସେସନ୍ସ କୋର୍ଟରେ ପୁନର୍ବାର ବିକ୍ରମ ଓ ଅନ୍ୟମାନଙ୍କ ଜାମିନ ଆବେଦନ କରାଯିବ ବୋଲି ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ଜାମିନ ଆବେଦନର ଶୁଣାଣି ବେଳେ ପୁଲିସ ପକ୍ଷରୁ ହୋଇଥିବା ବିଭିନ୍ନ ତ୍ରୁଟି ବିଚ୍ୟୁତି ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କିଭଳି ଖୋଲାଖୋଲି ଉଲ୍ଲଂଘନ କରାଯାଇଛି ତାକୁ ମଧ୍ୟ ଚାଲେଞ୍ଜ କରାଯିବ ବୋଲି ସେ ସ୍ପଷ୍ଟ ସୂଚନା ଦେଇଛନ୍ତି।

**NAME CHANGE**

By virtue of an affidavit sworn before the Executive Magistrate, Bhubaneswar, CF.NO. 45, dated 26/12/2024, I, **SHUBHENDU MOHAPATRA**, S/o Abhimanyu Mohapatra resident of At: Malisahi,Panchupali Po: Retang, Ps - Airfield, Bhubaneswar, Dist- Khordha, State- Odisha declare that I have changed my son's name from **ANSU MAHAPATRA** (Old Name) to **ANSUMAN MOHAPATRA** (New Name). Henceforth, he shall be known as **ANSUMAN MOHAPATRA** for all future purposes.

(Sd- **SHUBHENDU MOHAPATRA**)

**AFFIDAVIT**

By virtue of an affidavit before the Notary Public, Titilagarh, on dated-24/10/2025. I, **Jugeswar Chandan** (new name), S/o Rupendra Chandan, permanent & current resident of At- Bhalegaon, PO-Luthurbandh, PS- Titilagarh, Dist-Balangir, (Odisha), PIN- 767033 declare that I have changed my name from **Jogeswar Chandan** (old name) to **Jugeswar Chandan** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Jugeswar Chandan** (new name) for all purposes.

**Jugeswar Chandan**

**AFFIDAVIT**

By virtue of an affidavit (CF No. 2382) sworn before The Notary Public, Cuttack dated-20/10/2025 I, Suchismita Nayak, W/o Brajabandhu Naayak, permanent resident of At/Po-Raipur, PS- Cuttack Sadar, Dist-Cuttack, PIN- 754001, Odisha declare that I have changed my minor daughter's name from Biudisha Nayak to **Bidisha Nayak.** Henceforth, she shall be known as Bidisha Nayak (new name) for all purposes.

**NOTICE**

By virtue of an affidavit sworn before NOTARY PUBLIC SALIPUR on Dated 24/10/2025,I Mrs Rajani Paraween D/O Saikh Laina Khan,Resident of Village: AT-Balismala-2,POST-Mahasinghpur,DIST-Cuttack,ODISHA,754200, State: Odisha , I have changed my minor daughters name from "Rajani Paraween" to "Sahista Perwin". Henceforth, She shall be known as "Sahista Perwin" for all purposes.

**Sahista Perwin**

**AFFIDAVIT**

I, Ashisa Kumar Pandit, aged about 32 years, S/o- Pramod Kumar Pandit, resident of At- Chaitanya Nagar, Hinjilicut, Ps- Hinjili, Dist- Ganjam, Odisha, Pin- 761102 declare by this affidavit No. 2176, dtd- 24/10/2025, that now onwards I shall be known as **ASISH KUMAR PANDIT** for all future purposes.

**NOTICE**

By virtue of an affidavit sworn before NOTARY PUBLIC SALIPUR on Dated 23/10/2025 ,I Mr M.D. Sirajuddin S/O Samsad Bibi ,Resident of Village: AT- At-Nandol, Post-Mahasinghpur, PS-Salipur, DIST-Cuttack-754200, State: Odisha , I have changed my name from "Mohammed Sirajuddin" to "M.D. Sirajuddin". Henceforth, he shall be known as "M.D. Sirajuddin" for all purposes.

**M.D. Sirajuddin**

**AFFIDAVIT**

I, Snehalata Mundra, aged about 73 years, W/o- Shyam Sundar Mundra, resident of At- Sarbahal Road, PO/PS/Dist- Jharsuguda, PIN- 768201, Odisha declared by this affidavit No. 16, dtd- 17/10/2025 that now onwards I shall be known as **SNEHLATA MUNDRA** for all future purposes.

**NOTICE**

By virtue of an affidavit sworn before NOTARY PUBLIC SALIPUR on Dated 24/10/2025, I Mrs Srabani Biswal W/O Dillip Kumar Samal, Resident of Village: AT-Jagannathpur, Post- Jaripada,PS-Tangi, DIST-Cuttack-754201, State:Odisha , I have changed my name from "Srabani Samal" to "Srabani Biswal". Henceforth, She shall be known as "Srabani Biswal" for all purposes.

**Srabani Biswal**

ସକାଳ
THE SAKALA



● ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର

# ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲୁଛି ଚିକିତ୍ସା



ଓଡ଼ଗାଁ,୨୪।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ର ସହରୀ ଜନସାଧାରଣଙ୍କୁ ସ୍ୱତନ୍ତ୍ର ତଥା ଉଚ୍ଚମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଦଲକ କଲେଜ ରୋଡ ବସଷ୍ଟାଣ୍ଡ ସାମ୍ନାରେ ଚାଲିଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନାମକୁ ମାତ୍ର କାର୍ଯ୍ୟ କରୁଛି। ଏଠାରେ ଆନୁସଙ୍ଗିକ ସୁବିଧା ସୁଯୋଗ ନଥିବା ବେଳେ ପ୍ରଚାର ପ୍ରସାର ଅଭାବରୁ ସହରବାସୀଙ୍କ ପାଇଁ ଏହା ଏବେବି ଅଜଣା ହୋଇ ରହିଛି। ଦିନକୁ ଜଣେ କିମ୍ବା ଦୁଇଜଣ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ଏଠାରେ ନିଯୁକ୍ତ ଜଣେ ଫାର୍ମାସିଷ୍ଟ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥାନ୍ତି। ଆବଶ୍ୟକ କ୍ଷେତ୍ରରେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜଣେ ଡାକ୍ତର ଏଠାକୁ ବେଳେ ବେଳେ ଆସି କାର୍ଯ୍ୟ ଚଳାଇଥାନ୍ତି। ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୨ ଶହରୁ ୨୫୦ ରୋଗୀ ଚିକିତ୍ସା ପାଇଁ ଆସୁଥିବାରୁ ଡାକ୍ତରମାନଙ୍କ କାର୍ଯ୍ୟଭାର ବଳେଇ ପଡ଼ିଥାଏ। ଏଣୁ ସର୍ବଦା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ସେମାନଙ୍କ ପକ୍ଷେ ସମ୍ଭବ ପର ହେଉନାହିଁ। ତେଣୁ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଠିକ୍ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ଏଠାରେ ଜଣେ ସ୍ଥାୟୀ ଡାକ୍ତର ସହିତ ଜଣେ ଲାବ୍ ଟେକ୍ନସିଆନ ନିଯୁକ୍ତ କରାଯାଇ ଏହାକୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରିବା ନିମନ୍ତେ ସହରବାସୀ ଦାବି କରିଛନ୍ତି।

## 'ମହକ ଓ ଉତ୍ସାହ' ଉଦ୍‌ଯାପିତ




ନୟାଗଡ଼,୨୪।୧୦(ସମିସ): ନୟାଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ମିଳତ ଆନୁକୂଲ୍ୟରେ ୩ ଗୋଟି ଶିଶୁ ଗୃହରେ ଥିବା ଅନ୍ତେବାସୀଙ୍କୁ ନେଇ ଆଜି ନୟାଗଡ଼ ରୋଟାରି କ୍ଲବ ଠାରେ 'ଉତ୍ସାହ ଓ ମହକ ଉଦଯାପନ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ମହକ କାର୍ଯ୍ୟକ୍ରମରେ ସେମାନେ ନିଜ କ୍ରୀଡ଼ା କୌଶଳ, ନୃତ୍ୟ, ଡିବେଟ୍, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ପଣ୍ଡା ଅଂଶଗ୍ରହଣ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟସ୍ତରରେ ଭାଗ ନେଇ ନୟାଗଡ଼ ଜିଲ୍ଲା ପାଇଁ ଗୌରବ ଆଣିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶିଶୁସୁରକ୍ଷା ୟୁନିଟ ଅଧିକାରୀ ସିବିୟନ ପ୍ରଧାନ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ମହାପାତ୍ର, ସଦସ୍ୟ ଶୁଭ୍ରାଂଶୁ ଶେଖର ମିଶ୍ର ଉପସ୍ଥିତ ଥିଲେ। ବିଭିନ୍ନ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଯତ୍ନ ଅଧିକାରୀ ସତ୍ୟ ରଞ୍ଜନ ଦାସ, ଆଇନ ଅଧିକାରୀ ମହମ୍ମଦ ଅର୍ସଦ ଅଂଶରୀ, ଅଣ ଅନୁଷ୍ଠାନିକ ଅଧିକାରିଣୀ ଶୈଳବାଳା ଦାସ, କାଉନସିଲର ଚନ୍ଦ୍ରଶେଖର ବେହେରା, ଦିବ୍ୟରଞ୍ଜନ ପ୍ରଧାନ, ସତ୍ୟବ୍ରତ ମହାପାତ୍ର ପରିଚାଳନା କରିଥିଲେ। ମହକ କାର୍ଯ୍ୟକ୍ରମରେ ଶିଶୁମାନେ ନୃତ୍ୟ ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ ଓ ସଂଗୀତ କାର୍ଯ୍ୟକ୍ରମରେ ଯୋଗ ଦେଲେ। ଶିଶୁମାନଙ୍କୁ ପୁରସ୍କାର ଓ ସ୍ମୃତିଚିହ୍ନ ଦିଆଯାଇଥିଲା।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ

# ମେଗା ପ୍ରକଳ୍ପ ପାଇଁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ତାଗିଦ୍




ନୟାଗଡ଼,୨୪।୧୦(ସମିସ)

■ ବିଦ୍ୟାଳୟକୁ ସୂର୍ଯ୍ୟଘର ଯୋଜନାରେ ସାମିଲ ପରାମର୍ଶ
■ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା
■ ମାଣ୍ଡିଆ ଚାଷ ଅନିୟମିତତା ନେଇ ଆଲୋଚନା

ନୟାଗଡ଼ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ ସୃଜନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ବୈଠକରେ ଉପସ୍ଥିତ ରହିଥିଲେ। ଆଜିର ବୈଠକରେ ପ୍ରଥମେ ପାନୀୟ ଜଳଯୋଗାଣ ଉପରେ ଆଲୋଚନା ହୋଇଥିବା ବେଳେ ଦଶପଲ୍ଲା ଭୋଗବାଡ଼ିଠାରେ ନିର୍ମାଣ ହୋଇଥିବା ଓଭରହେଡ୍ ପାଣିଟାଙ୍କି କାର୍ଯ୍ୟକ୍ଷମ ହୋଇନଥିବାରୁ ଅସନ୍ତୋଷ ଦେଖାଯାଇଥିଲା। ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାରେ ମନ୍ଥରତା, ଠିକାସଂସ୍ଥା ଜିଭିପିଆର୍‌କୁ ୫ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିଲ୍ ପୈଠ ସରିଥିବା ବେଳେ ଜଳଯୋଗାଣ ବ୍ୟବସ୍ଥା ହୋଇନପାରିବାକୁ ନେଇ ଖଣ୍ଡପଡ଼ା ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ରହିଥିବା ବିଦ୍ୟୁତ୍ ସମସ୍ୟା ଓ ଅନ୍ୟାନ ସମସ୍ୟା ଦୂର ହୋଇନପାରିବା ଏବଂ ଠିକାସଂସ୍ଥା ମନମାନୀ ନେଇ ଆରଡବ୍ଲ୍ୟୁଏସ୍ଏସ୍ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅତିଥିମାନେ ତାଗିଦ୍ କରିଥିବା ଦେଖାଯାଇଛି। ମେଗା ପାନୀୟ ଜଳପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ଭାବେ ସୂର୍ଯ୍ୟଘର ଯୋଜନାରେ ଆଶାତୀତ ସଫଳତା ମିଳୁନଥିବାରୁ ଅତିଥିମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସମସ୍ତ ଉନ୍ନୀତ ବିଦ୍ୟାଳୟ ଗୁଡ଼ିକୁ ସୂର୍ଯ୍ୟଘର ଯୋଜନାରେ ସାମିଲ କରିବାକୁ ସାଂସଦ ପରାମର୍ଶ ଦେଇଛନ୍ତି। ଖଣ୍ଡପଡ଼ା ଓ ଭାପୁର ବ୍ଲକ ପାଇଁ ବିଧାୟକ ଓ ସାଂସଦ ଅର୍ଥ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିଭଳି ଭାବେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚାଷୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ ପ୍ରଦାନ ନେଇ ଆଲୋଚନା ହୋଇଛି। ଜିଲ୍ଲାରେ ଆଶାତୀତ ସଫଳତା ମିଳିନଥିବା ସାଂସଦ କହିଛନ୍ତି। ମିଶନ ଶକ୍ତି ବିଭାଗ ସମ୍ପର୍କରେ ଆଲୋଚନା ବେଳେ ଜିଲ୍ଲାରେ ୬୦ ହଜାର ଲକ୍ଷପତି ଦିଦି ରହିଥିବା ବେଳେ ଆଉ ୩୦ ହଜାର ଲକ୍ଷପତି ଦିଦି ଚିହ୍ନଟ ପାଇଁ ରାଜ୍ୟ ସରକାରଙ୍କ ଟାର୍ଗେଟ ରହିଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲା ସଦର ବ୍ଲକ ଇକିରିରେ ମୁଗ ପ୍ରକିୟାକରଣ ୟୁନିଟ୍, ଶରଧାପୁରରେ ଛେନାପୋଡ଼ ପ୍ରୋସେସିଂ ୟୁନିଟ୍ ଏବଂ ଜାଗେରୀ ପ୍ରୋସେସିଂ ୟୁନିଟ୍ ସ୍ଥାପନ ପାଇଁ ଯୋଜନା ହୋଇଥିବା ସୂଚନା ମିଳିଛି। ଏହା ସହିତ ଦକ୍ଷତା ବିକାଶ, ଶିଳ୍ପ କେନ୍ଦ୍ର ଅନୁମୋଦିତ ଋଣ ସମ୍ପର୍କରେ ଆଲୋଚନା ହୋଇଛି। ବନବିଭାଗ ଦ୍ୱାରା କାମ୍ପା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକୁ ନେଇ ଜିଲ୍ଲା ପରିଷଦ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଶେଷରେ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଛି। ଖୁବଶୀଘ୍ର ଡ୍ୟାମ୍ ନିର୍ମାଣ ପାଇଁ ଟେଣ୍ଡର ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଏହା ସହିତ ନୟାଗଡ଼, ଦଶପଲ୍ଲା, ଖଣ୍ଡପଡ଼ା, ନୂଆଗାଁ ଓ ଓଡ଼ଗାଁ ବ୍ଲକର ୨୩ ହଜାର ହେକ୍ଟେର ଜମି ଜଳସେଚିତ ହେବାକୁ ଯୋଜନା ରହିଥିବା ବେଳେ ୟୁଜିପିଏଲ୍ ମାଧ୍ୟମରେ ଏହାକୁ ପରିବର୍ତ୍ତନ କରି ୩୫ ହଜାର ହେକ୍ଟର ଜମି ଜଳସେଚନ ପାଇଁ ଲକ୍ଷ ରଖାଯାଇଥିବା ଜଣାପଡ଼ିଛି। ବୃତ୍ତଙ୍ଗ ପ୍ରକଳ୍ପ ପାଇଁ ୧୦ ଗ୍ରାମର ୭ଶହରୁ ଊର୍ଦ୍ଧ୍ୱ ପରିବାର ବାସଚ୍ୟୁତ୍ ହେବେ ବୋଲି ସୂଚନା ମିଳିଛି। ଜିଲ୍ଲାରେ ଶ୍ରୀଅନ୍ନ ଅଭିଯାନରେ ଆଦୌ ଚାଷ ନ ହୋଇ କେବଳ କାଗଜପତ୍ରରେ ଚାଷ ହେଉଥିବା ଏବଂ ଅନ୍ୟ ଜିଲ୍ଲାରୁ ମାଣ୍ଡିଆ କିଣି ଏହାକୁ ମଣ୍ଡିରେ ବିକ୍ରି କରାଯାଉଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଆଲୋଚନା କରିଥିଲେ। ଏନେଇ ବିସ୍ତୃତ ଆଲୋଚନା କରାଯିବା ବୋଲି ଦିଶା କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ମହତାବ ପରାମର୍ଶ ଦେଇଥିଲେ।

### ପ୍ରହସନ ପାଲଟିଲା ବୈଠକ

## ବିଧାୟକ, ସାଂସଦ ଅନୁପସ୍ଥିତ

**ଆସିଲେନି ବିଡିଓ, ବ୍ଲକ୍ ଅଧ୍ୟକ୍ଷ**

ନୟାଗଡ଼: ନୟାଗଡ଼ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ ଆଜି ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି। ବହୁ ବିଳମ୍ବରେ ବୈଠକ ଆରମ୍ଭ ହୋଇଥିବା ବେଳେ ଜିଲ୍ଲାପାଳ ଛୁଟିରେ ଥିବାରୁ ତାଙ୍କୁ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ବୈଠକ ପରିଚାଳନା କରିବା ନିୟମ ରହିଛି। ମାତ୍ର ଅତିରିକ୍ତ ଜିଲ୍ଲାପାଳ ବୈଠକ ଆରମ୍ଭର ବହୁ ବିଳମ୍ବରେ ଯୋଗ ଦେଇଥିଲେ। ସେହିଭଳି ଭାବେ ଦୁଇ ଜଣ ସାଂସଦ ଓ ୩ ଜଣ ବିଧାୟକ ବୈଠକରେ ଅନୁପସ୍ଥିତ ରହିଥିଲେ। ନୟାଗଡ଼ ଜିଲ୍ଲାର କୌଣସି ବିଡିଓ, ଏନ୍ଏସି ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ମଧ୍ୟ ବୈଠକକୁ ଆସିନଥିଲେ। ଏପରିକି ବ୍ଲକ ଅଧ୍ୟକ୍ଷମାନେ ନିମନ୍ତ୍ରିତ ହୋଇଥିଲେ ମଧ୍ୟ ୮ଟି ବ୍ଲକ ମଧ୍ୟରୁ କେବଳ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ଉପସ୍ଥିତ ରହିଥିଲେ। ବୈଠକକୁ ଅଧିକାରୀ ଓ ଜନପ୍ରତିନିଧିମାନେ ଅଣଦେଖା କରିବା ଘଟଣା ଆଲୋଚନାର ବିଷୟ ପାଲଟିଛି।

### ଆବର୍ଜନା ବୁହା ବ୍ୟାଟେରି ଗାଡ଼ି କିଣା ଅନିୟମିତତା

## ୪ ସପ୍ତାହ ମଧ୍ୟରେ ରିର୍ପୋଟ ଦାଖଲ ପାଇଁ ସିଡିଓଙ୍କୁ ନିର୍ଦ୍ଦେଶ

ନୟାଗଡ଼: ନୟାଗଡ଼ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକରେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଥିବା ଗୋଷ୍ଠୀ ଶୌଚାଳୟ ଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା କରାଯାଇଥିବା ଆଲୋଚନା ହୋଇଥିଲା। ଏହା ସହିତ ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ଧଳ ବିଭିନ୍ନ ବ୍ଲକରେ ବ୍ୟାଟେରୀ ଚାଳିତ ଆବର୍ଜନା ବୁହା ଗାଡ଼ି କିଣା ପ୍ରସଙ୍ଗ ଉଠାଇ ସେଗୁଡ଼ିକ ଅଚଳ ଅବସ୍ଥାକୁ ଚାଲି ଯାଉଥିବା କହିଥିଲେ। ଜିଲ୍ଲା ପରିଷଦ ସଦସ୍ୟା ସୁବାସ ଚନ୍ଦ୍ର କହଁର ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିବା ବେଳେ ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି ଏହାର ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ବ୍ଲକ ପ୍ରଶାସନ ଦ୍ୱାରା ବ୍ୟାଟେରୀ ଗାଡ଼ି ଗୁଡ଼ିକ ଅଧିକ ମୂଲ୍ୟରେ କିଣା ଯାଇଥିବା ଶ୍ରୀଯୁକ୍ତ ଶତପଥି କହିଥିଲେ। ଏହା ଉପରେ ସଠିକ ତଥ୍ୟ ଉପସ୍ଥାପନ କରିବାକୁ ସିଡିଓଙ୍କୁ ଦିଶା କମିଟି ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ସିଡିଓ ସଠିକ ଭାବେ ଏନେଇ ତଥ୍ୟ ଉପସ୍ଥାପନ ନକରିବାରୁ ଆଗାମୀ ୪ ସପ୍ତାହ ମଧ୍ୟରେ ରିର୍ପୋଟ ପ୍ରଦାନ ପାଇଁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ପଦ୍ଧତୀରେ ଗାଡ଼ି ଗୁଡ଼ିକ କିଣାଯାଇଛି। ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ କି ପ୍ରକାର ବ୍ୟବସ୍ଥା ହୋଇଛି, ତାହାର ରିର୍ପୋଟ ଦିଶା କମିଟିକୁ ପ୍ରଦାନ କରିବାକୁ କୁହାଯାଇଛି।

## ଗୋମାତା ମୃତ୍ୟୁକୁ ନେଇ କଂଗ୍ରେସର ବିକ୍ଷୋଭ




ନୟାଗଡ଼,୨୪।୧୦(ସମିସ): ନୟାଗଡ଼ ଟ୍ରାଫିକ ଗୋଲେଇ ଛକଠାରେ ଗୋମାତା ଜିଲ୍ଲା କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇ ବିକ୍ଷୋଭରେ ନୂଆପଡାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ବାଚନୀ ସଭା ବଳକା ଭୋଜି ଖାଇ ୨୦ରୁ ଊର୍ଦ୍ଧ୍ୱ ଗୋମାତାଙ୍କ ମୃତ୍ୟୁକୁ ନେଇ ନିନ୍ଦା କରାଯାଇଥିଲା। ନୟାଗଡ଼ ଟ୍ରାଫିକ ଛକଠାରେ ବିକ୍ଷୋଭ ସଭାରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ହୁସେନ ଖାନ, ରଣପୁର ନେତା ବିଭୂପ୍ରସାଦ ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ପୂର୍ଣ୍ଣଚନ୍ଦ୍ର ନାୟକ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ଡିସିସି ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଆମଜାଦ ଖାନ, ଯୁବନେତା ପୂର୍ଣ୍ଣଚନ୍ଦ୍ର ସାନ୍ତ, ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ବିଶୋଇ, ଯୁବ ଆଇନଜୀବୀ ପୀତବାସ ଖୁଣ୍ଟିଆ, କୂଳେଶ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ବହୁ ଯୁବଛାତ୍ର ମହିଳା କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ପୁଲିସକୁ ମାଡ଼ ମାରି ଜଣେ ଗିରଫ

ନୟାଗଡ଼,୨୪।୧୦(ସମିସ): ନୟାଗଡ ଜିଲ୍ଲା ନୂଆଗାଁ ଥାନାରେ କାର୍ଯ୍ୟରତ ପୁଲିସ ଏସ୍ଆଇଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ନୟାଗଡ ସଦରଥାନ ପଦ୍ମପୁର ଗାଁର ମୃତ୍ୟୁଞ୍ଜୟ ପରିଡ଼ା। ଗତକାଲି ରାତିରେ ଏସ୍ଆଇ ସୁନୀତା ସାମନ୍ତରାୟ ସଦଳବଳେ ଖାଲମାଡ଼ ଗ୍ରାମରେ ବିଶୃଙ୍ଖଳା ହେଉଥିବା ଖବର ପାଇ ଯାଇଥିଲେ। ମୃତ୍ୟୁଞ୍ଜୟ ଖାଲମଡା ଗ୍ରାମରେ ନିଶାସକ୍ତ ଅବସ୍ଥାରେ ବିଶୃଙ୍ଖଳା କରୁଥିବା ଦେଖାଯାଇଥିଲା। ପୁଲିସ ତାଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ଏସ୍ଆଇ ଛାତିକୁ ଧକ୍କା ମାରିଥିଲେ। ପୁଲିସ ତାଙ୍କୁ ସେଠାରୁ ଥାନାକୁ ଆଣିଥିଲେ। ଏସ୍ଆଇଙ୍କ ଅଭିଯୋଗ ଆଧାରରେ ନୂଆଗାଁ ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମୃତ୍ୟୁଞ୍ଜୟକୁ ଗିରଫ କରିଥିବା ସୂଚନା ମିଳିଛି।

**ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ**

## ହତ୍ୟା ଅଭିଯୋଗ; ସ୍ୱାମୀ ଓ ଶ୍ୱଶୁର ଅଟକ



ଗଣିଆ,୨୪।୧୦(ସମିସ): ବିବାହର ୮ ମାସ ନପୂରୁଣୁ ଚାଲିଯାଇଛି ଜଣେ ୨୦ ବର୍ଷ ବୟସ୍କା ମହିଳାଙ୍କ ଜୀବନ। ଜ୍ୱରରେ ଜୀବନ ଚାଲି ଯାଇଥିବା ଶାଶୁଘର ଲୋକେ କହୁଥିବା ବେଳେ ତଣ୍ଟିଚିପି ହତ୍ୟା କରି ଦେଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ନୟାଗଡ ଜିଲ୍ଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଧୋବାବରେଇ ଗ୍ରାମରେ। ଧୋବା ବରେଇ ଗ୍ରାମର ଭାଗୀରଥି ନାୟକଙ୍କ ପୁଅ ଜିତୁ ମିତ୍ର ନାୟକ ସେହି ଛାମୁଣ୍ଡିଆ ପଞ୍ଚାୟତ ବେଣୁପଲ୍ଲୀ ଗ୍ରାମର ସଦା ନାୟକଙ୍କ ଝିଅ କାଜଲ ନାୟକଙ୍କୁ ଗତ ଫେବୃଆରୀ ମାସରେ ବୈଦିକ ରୀତିରେ ବିବାହ କରିଥିଲେ। ଆଜି ସକାଳୁ କାଜଲଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଏବଂ ତାଙ୍କ ଶଶୁର ତାଙ୍କୁ ଗଣିଆ ମେଡ଼ିକାଲକୁ ଆଣିଥିଲେ। ଗଣିଆ ମେଡିକାଲ ତରଫରୁ ଗଣିଆ ଥାନାକୁ ଖବର ଦେବା ପରେ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଉଭୟ ବାପ ପୁଅଙ୍କୁ ଗଣିଆ ଥାନାରେ ଅଟକ ରଖିଥିବା ଜଣାପଡିଛି। ଝିଅର ବାପା ସଦା ନାୟକ ତାଙ୍କ ଝିଅର ଶାଶୁଘର ଲୋକେ ଝିଅକୁ ତଣ୍ଟିଚିପି ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଏପରିକି ଝିଅର ବେକରେ ଦାଗ ରହିଥିବା ସହିତ ପିଠିରେ ମାଡ ଦାଗ ରହିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବାହାଘର ୮ ମାସ ଭିତରେ ଝିଅର ସ୍ୱାମୀ, ଶଶୁର, ଶାଶୁ, ଦିଅର ନିର୍ଯାତନା ଦେଉଥିବା ବେଳେ ବାରମ୍ବାର ବୁଝାସୁଝା କରି ଝିଅକୁ ଶାଶୁଘରେ ଛାଡିଥିଲି ବୋଲି ଝିଅର ବାପା ଜଣାଇଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଝିଅର ବାପାର ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ପଠାଇଥିବା ଜଣାପଡିଛି।

### ମ୍ୟାଙ୍ଗୋ ଭେଣ୍ଡିଂ ଜୋନ୍ ପାଲଟିଛି ଲେଉଟିଆ କିଆରି

# ୨୦ ଲକ୍ଷ ଖର୍ଚ୍ଚ; ହୋଇପାରୁନି ବ୍ୟବହାର ଉପଯୋଗୀ

ଖଣ୍ଡପଡ଼ା,୨୪।୧୦(ସମିସ)



ରାଜ୍ୟ ସରକାର ସହରାଞ୍ଚଳର ବିକାଶ ପାଇଁ ଅଭିନବ ଉପାୟରେ ବିଭିନ୍ନ ଯୋଜନାର ଲୋକାର୍ପଣ କରୁଛନ୍ତି। ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ସୁନାମୁହିଁ ପାର୍କ ସମ୍ମୁଖରେ ପୂର୍ବ ନବୀନ ସରକାରଙ୍କ ଅନୁଦାନରେ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ଦୁଇବର୍ଷ ତଳେ ନିର୍ମାଣ କରାଯାଇଥିବା "ମ୍ୟାଙ୍ଗୋ' ଭେଣ୍ଡିଂ ଜୋନ' ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ବଦଳରେ ଏନ୍ଏସି କର୍ତ୍ତୃପକ୍ଷଙ୍କ ପାଇଁ ଲେଉଟିଆ କିଆରି ପାଲଟିଛି। ଏହାକୁ କାର୍ଯ୍ୟକ୍ଷମ କରାଯିବା ବଦଳରେ କେବଳ ଅର୍ଥ ବ୍ୟୟ କରି ଠିକାଦାର ପୋଷା ଯାଉଛି। କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଏହା ଏବେ ବନ୍ଦୀଶାଳାରେ ଥିବା ଦେଖିବାକୁ ମିଳିଛି। ଗତ କିଛି ମାସ ତଳେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ବନ୍ଧା ହୋଇଥିବା ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଏବଂ ଏନ୍ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିବା ଏହି ଭେଣ୍ଡିଂ ଜୋନ ଏ ପର୍ଯ୍ୟନ୍ତ କାମରେ ଆସିନଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର କହିଛନ୍ତି। ସାତ ଫୁଟ ଉଚ୍ଚତା ଏବଂ ପ୍ରାୟ ଦଶଫୁଟ ଗୋଲେଇ ବିଶିଷ୍ଟ ଛଅ ଗୋଟି ଆମ୍ବ ଆକୃତିର ଫାଇବର ଦୋକାନ ଗୃହ ନିର୍ମାଣ ହୋଇଥିବା ଦୋକାନ ଗୃହକୁ ଭଡ଼ା ସୂତ୍ରରେ ନେବା ପାଇଁ କେହି ଆଗ୍ରହ ପ୍ରକାଶ କରୁନଥିବା ଜଣାପଡ଼ିଛି। ସ୍ଥାନଟି ନିକାଞ୍ଚନ ଥିବାରୁ ରାତିରେ ଦୁର୍ବୃତ୍ତମାନେ ଦୋକାନ ଗୃହର କିଛି ଅଂଶ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏହାର ସୁରକ୍ଷା ଅତି ଦୁର୍ବଳ ଥିବାରୁ ଏବେ ଏନ୍ଏସି ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଲୁହାର ସୁରକ୍ଷା ବାଡ଼ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି। ଯେଉଁ ପ୍ରକଳ୍ପ କାର୍ଯ୍ୟରେ ଆସୁନାହିଁ କାହା ସ୍ୱାର୍ଥରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି ବୋଲି ସହରାଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ତେବେ ପୂର୍ବରୁ ପ୍ରତି ଦୋକାନ ସମ୍ମୁଖରେ ଚାରୋଟି ଆମ୍ବ ଆକୃତିର ଚୌକି ନିର୍ମାଣ ମଧ୍ୟ ହୋଇଛି। ଆଶାଥିଲା ଭେଣ୍ଡିଂ ଜୋନଟି କେବଳ ଖଣ୍ଡପଡ଼ା ନୁହେଁ; ସମଗ୍ର ନୟାଗଡ଼ ଜିଲ୍ଲାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରିବ ବୋଲି କିନ୍ତୁ ଏହା ଫଳପ୍ରଦ ହେଲା ନାହିଁ। ସୂଚନା ଅନୁଯାୟୀ ଅତୀତରେ ଖଣ୍ଡପଡ଼ାର ରାଜାମାନେ ଦେଶର ବିଭିନ୍ନ ପ୍ରାନ୍ତରୁ ଅତି ସୁମିଷ୍ଟ, ରସାଳ ଏବଂ ବିଭିନ୍ନ ବାସ୍ନା ଯୁକ୍ତ ଆମ୍ବ ଚାରା ଆଣି ବିଶାଳ ଆମ୍ବତୋଟାମାନ ସୃଷ୍ଟି କରିଥିଲେ। ମୁଖ୍ୟତଃ ନନ୍ଦନବନ, କୌତୁକ ବନ, ମେଘମାଳ, ଇନ୍ଦ୍ରବନ ଆଦି ପ୍ରସିଦ୍ଧ ଆମ୍ବ ବଗିଚା ଥିଲା ଖଣ୍ଡପଡ଼ା ଗଡ଼ରେ। ଯାହାକି ଆଜି ମଧ୍ୟ ଖଣ୍ଡପଡ଼ାର ଏହି ବଗିଚା ଗୁଡ଼ିକର ସ୍ୱାଦିଷ୍ଟ ଆମ୍ବର ସ୍ୱତନ୍ତ୍ରତା ରହିଛି। ସୁନାମୁହିଁ ପାର୍କକୁ ଆସୁଥିବା ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ଖଣ୍ଡପଡ଼ାର ଏହି ଐତିହ୍ୟକୁ ଉଜ୍ଜୀବିତ ରଖିବା ପାଇଁ "ମ୍ୟାଙ୍ଗୋ ଭେଣ୍ଡିଂ ଜୋନ' ଏକ ସ୍ୱତନ୍ତ୍ର ଚିନ୍ତାଧାରା ଥିଲା ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନଙ୍କର। ତେବେ ଏନ୍ଏସି କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବର୍ବାଦ ହୋଇଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ଟ୍ରାକ୍ଟର ଚାଳକ ଗିରଫ

ଓଡ଼ଗାଁ,୨୪।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଓଡ଼ଗାଁ-ବାହାଡ଼ାଝୋଲା ପୂର୍ତ୍ତ ବିଭାଗ ରାସ୍ତାର ଆନନ୍ଦପୁରଠାରେ ଗତ ବୁଧବାର ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଟ୍ରାକ୍ଟର ଚାଳକ, ଆନନ୍ଦପୁର ନିକଟ ମଦନମୋହନ ପୁରର ଗ୍ରାମ ସନ୍ତୋଷ ରାଉତକୁ ଓଡ଼ଗାଁ ପୁଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛନ୍ତି। ଦୁର୍ଘଟଣାରେ କୁରୁମ ବାଙ୍କତରା ଗାଁର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୁଅ ଚନ୍ଦନ ମହାପାତ୍ର (୨୦) ଦୁର୍ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ବାଇକ୍ ସହଯାତ୍ରୀ ଚନ୍ଦନର ଦାଦା ମନୋଜ ମହାପାତ୍ର ଗୁରୁତର ହୋଇ ପଡିଥିଲେ। ମନୋଜ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ପୂର୍ବରୁ ମୃତ ବାଇକ୍ ଚାଳକ ଚନ୍ଦନର ବାଇକ୍ ସହିତ ଧକ୍କା ହୋଇଥିବା ଟ୍ରାକ୍ଟର ଏବଂ ଡାଲାକୁ ଓଡ଼ଗାଁ ପୁଲିସ ଜବତ କରିଥିଲେ।

## କିନ୍ନର ପାଳିଲେ ବହୁଚରା ମାତା ପୂଜା



ଖଣ୍ଡପଡ଼ା,୨୪।୧୦(ସମିସ): ପବିତ୍ର ଦୀପାବଳି ଶ୍ୟାମାକାଳୀ ପୂଜା ଅବସରରେ ଖଣ୍ଡପଡ଼ା କିନ୍ନର ସଂଘ ପକ୍ଷରୁ ପାରମ୍ପରିକ ଇଷ୍ଟଦେବୀ ବହୁଚରା ମାତା ପୂଜା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମଧ୍ୟାହ୍ନରେ କିନ୍ନର ଚେଲା-ଯସ୍ମିନଙ୍କ ନେତୃତ୍ୱରେ ଖଣ୍ଡପଡ଼ା ସହରାଞ୍ଚଳ ସ୍ଥିତ ଚାପ ପୋଖରୀରୁ ତିରିଶରୁ ଊର୍ଦ୍ଧ୍ୱ କିନ୍ନର ପାଣି ନେଇ ଏକ କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରି ମଧୁବନ ସାହି ପୂଜା ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାଇ ବହୁଚରା ମାତାଙ୍କ ପୂଜାର୍ଚ୍ଚନା କରାଯିବା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ଚେଲା ଯସ୍ମିନ କିନ୍ନର ହୋମ କାର୍ଯ୍ୟରେ ବସିବା ସହ ସମାଜର ଶାନ୍ତି ପ୍ରତିଷ୍ଠା ଓ ମଙ୍ଗଳ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ପୂଜା ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତା ୨୮ ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମାପନ ହେବ ବୋଲି କିନ୍ନର ସଂଘ ପକ୍ଷରୁ କୁହାଯାଇଛି। ଏହି ପାରମ୍ପରିକ ଉତ୍ସବରେ ଖଣ୍ଡପଡାର ମୁଖ୍ୟ ରବି କିନ୍ନର, ବ୍ରହ୍ମପୁର ମିନୁ କିନ୍ନର, ଭୁବନେଶ୍ୱର ସର କିନ୍ନର, ଜାଗରୀ କିନ୍ନର, ବିରଞ୍ଚି କିନ୍ନର, ଚୁଇଁ କିନ୍ନର, ସ୍ୱପ୍ନା କିନ୍ନର ଓ ରାଣୀ କିନ୍ନର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ




ଖୋର୍ଦ୍ଧା,୨୪।୧୦(ସମିସ): ସ୍ଥାନୀୟ ଜୟୀରାଜଗୁରୁ ଟାଉନ୍ ହଲ୍ ପରିସରରେ ଜିଲ୍ଲା ପୁଲିସ ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କେବଳ ଲୋଭ ଓ ଦୁର୍ବଳ ମାନସିକତା ପାଇଁ ଲୋକେ ଠକାମୀର ଶିକାର ହେଉଛନ୍ତି। ଏଣୁ ସବୁବର୍ଗର ଜନସାଧାରଣ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠ ବାଟାଲିୟନ, ଆଇଆର୍‌ବିଏନ୍ ପୁଲିସ କମାଣ୍ଡାଣ୍ଟ ବସନ୍ତ କୁମାର ନାୟକ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଜୟନ୍ତ ମୋଦୀ, ଏସିଏଫ୍ ସୁଶାନ୍ତ ବନ୍ଧ ଯୋଗ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଉପ ଆରକ୍ଷୀ ଅଧୀକ୍ଷକ, ରିଜର୍ଭ ଇନ୍ସପେକ୍ଟର ଅଫ୍ ପୁଲିସ, ଖୋର୍ଦ୍ଧାର ସମସ୍ତ ଭାରପ୍ରାପ୍ତ ଥାନା ଅଧିକାରୀ, ସମସ୍ତ ପୁଲିସ ପ୍ରଶାସନ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତଥିଲେ।

## ୨୪ ଜଣ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ




ଟାଙ୍ଗୀ,୨୪।୧୦(ସମିସ): ଟାଙ୍ଗୀ ବ୍ଲକ୍‌ସ୍ତରୀୟବିଦ୍ୟାଳୟସମୂହ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ବଳରାମ ଦେବ ବିଦ୍ୟାପୀଠ ସଂଲଗ୍ନ ଚିଲିକା ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣି ମଙ୍ଗରାଜ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ ଯୋଗ ଦେଇ କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ, ମନ ପ୍ରଫୁଲ୍ଲ ରହିବା, ଭାଇଚାରା, ବନ୍ଧୁତା ସୃଷ୍ଟି ହେବା ସହ ଶୃଙ୍ଖଳା ଜ୍ଞାନ ବୃଦ୍ଧି ପାଇଥାଏ ବୋଲି ମନ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଶିଳ୍ପୋଦ୍ୟୋଗୀ ମାନସ ରଞ୍ଜନ ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। କ୍ରୀଡ଼ା ସମ୍ପାଦକ ଗୀତାଂଶୁ ଶେଖର ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ନିରଞ୍ଜନ ସାହୁ, ପୂର୍ଣ୍ଣବ୍ରତ ମହାପାତ୍ର, ଲକ୍ଷ୍ମୀ ଧର ପାତ୍ର, ପ୍ରୀତମ ପଟ୍ଟନାୟକ, କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜୁବାଳା ଚମ୍ପତିରାୟ, ଲିଲି ପ୍ରଧାନ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

## ଚିଲିକା ବଧିର ସଂଘର ବାର୍ଷିକୋତ୍ସବ



ବାଣପୁର,୨୪।୧୦(ସମିସ): ବାଣପୁର-ବାଲୁଗାଁ ଅଞ୍ଚଳରେ ଗଢ଼ିଉଠିଥିବା ଚିଲିକା ବଧିର ସଂଘ ପକ୍ଷରୁ ୬୮ତମ ଅନ୍ତର୍ଜାତୀୟ ବଧିର ସପ୍ତାହ ସହ ସଂଘର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଭଗବତୀଙ୍କ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ସହିଦ କୃତ୍ତିବାସ କଲ୍ୟାଣ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ରୂପେ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ସମ୍ମାନିତ ଅତିଥି ଭାବେ ନେହେରୁ ସେବା ସଂଘର ମୁଖ୍ୟ ପରିଚାଳିକା ସରୋଜିନୀ ଦାସ, ବରିଷ୍ଠ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ର, ଚିଲିକା ରିପୋର୍ଟର୍ସ ଆସୋସିଏସନର ସଭାପତି ସୁନୀଲ କୁମାର ସୁବୁଦ୍ଧି, ଦକ୍ଷେଶ୍ୱର ଭଗବତୀ ଏଣ୍ଡାଉମେଣ୍ଟର ନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ସଂଘ ସମ୍ପାଦକ କାର୍ତ୍ତିକ ଦାସ ପ୍ରମୁଖ ଯୋଗଦେଇଥିଲେ। ସଂଘର ସଭାପତି ଅମିତାଭ ପଟ୍ଟଯୋଶୀ ସଭା ପରିଚାଳନା କରିଥିବା ବେଳେ ବଧିର ମାନଙ୍କ ସାଂକେତିକ ଭାଷା ଅନୁବାଦକ ପ୍ରମୋଦ ମହାପାତ୍ର ଅତିଥିମାନଙ୍କ ଅଭିଭାଷଣକୁ ସାଇନ୍ ଭାଷା ମାଧ୍ୟମରେ ବୁଝାଇ ଥିଲେ।

# 'ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ ପରେ ଆର୍‌ଓବି କାମ ଆରମ୍ଭ ହେଉ'

ନିରାକାରପୁର,୨୪।୧୦(ସମିସ)



ଓଡ଼ିଶାର ଦକ୍ଷିଣ ପଶ୍ଚିମ ଅଞ୍ଚଳକୁ ପୁରୀ ସହିତ ଅତି କମ ସମୟରେ ସଂଯୋଗ କରିବା ପାଇଁ ସୃଷ୍ଟି ହୋଇଛି ନୂଆ ଜଗନ୍ନାଥ ସଡ଼କ। ବର୍ତ୍ତମାନ ଦୈନନ୍ଦିନ ଏହି ରାସ୍ତା ଦେଇ ହଜାର ହଜାର ସଂଖ୍ୟାରେ ଯାନବାହାନ ପୁରୀକୁ ଯାତାୟାତ କରୁଛି। କିନ୍ତୁ ଏ ସବୁକୁ ବାଧକ ସାଜିଛି ନୂଆ ଜଗନ୍ନାଥ ସଡ଼କ ଉପରେ ଥିବା ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗେଟ ବଜାର ରେଳ ଫାଟକ। ଗୋଟିଏ ଥର ରେଳ ଫାଟକ ପଡ଼ିଲେ ଶହ ଶହ ସଂଖ୍ୟାରେ ଯାନବାହାନ ଗେଟ୍‌ର ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେଉଛି। ଯାହା ଦ୍ୱାରା ଯାତ୍ରୀ ହଇରାଣ ହେବା ସହିତ ଜରୁରିକାଳୀନ ଗାଡ଼ିଗୁଡ଼ିକ ଜାମ୍‌ରେ ଫସି ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ଏହି ରେଳ ଫାଟକ ଉପରେ ଓଭର ବ୍ରିଜ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ପ୍ରୟାସ ଚାଲୁ ଥିବାବେଳେ ବାରମ୍ବାର ଅଧାରେ ପୁଣି ଅଟକୁଛି। କିଛି ଲୋକ ଏହି ଓଭର ବ୍ରିଜ ବଜାର ମଧ୍ୟଦେଇ ଗଲେ ସମ୍ପୂର୍ଣ୍ଣ ବଜାର ନଷ୍ଟ ହୋଇଯିବା ସହିତ ନିରାକାରପୁରର ମହତ୍ତ୍ୱ ଓ ଗରିମା ସବୁ ଦିନପାଇଁ ଲୋପ ପାଇବ ବୋଲି କହୁଥିବାବେଳେ ସେମାନେ ନିରାକାରପୁର ବଜାର ବାହାର ପାର୍ଶ୍ୱଦେଇ ବାଇପାସ କରି ଓଭର ବ୍ରିଜ ନିର୍ମାଣ କରିବାକୁ ଦାବି କରୁଛନ୍ତି। ଏପରିକି ରେଳ ଧାରଣ ତଳେ ଏକ ଅଣ୍ଡର ପାସ ନିର୍ମାଣ ପାଇଁ ଦାବି କରୁଛନ୍ତି। ଯାହାକି କାର୍ଯ୍ୟରେ ବିଳମ୍ବ ହେଉଛି। ଅନ୍ୟ କିଛି ବ୍ୟକ୍ତି ବଜାର ଦେଇ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି ରଖିଥିବାରୁ ଏହାକୁ ନେଇ ଜିଲ୍ଲା ପ୍ରଶାସନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରେଳ ବିଭାଗ ଓ ପୂର୍ତ୍ତ ବିଭାଗ ଅଧିକାରୀ ମାନଙ୍କୁ ନେଇ ଗତ ୧୪ ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ବଜାର ବାଟେ ଶୀଘ୍ର ଜମି ଅଧିଗ୍ରହଣ କରିବାକୁ ଆଲୋଚନା କରିଥିବାବେଳେ ସ୍ଥାନୀୟ କିଛି ବୁଦ୍ଧିଜୀବୀ ପ୍ରଥମେ ଜିଲ୍ଲା ପ୍ରଶାସନ ସରକାରୀ, ବେସରକାରୀ ଜମି ଅଧିଗ୍ରହଣ କରିବା ପରେ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ପୂର୍ବରୁ ଅନେକ ସ୍ଥାନରେ ଉଦାହରଣ ଅଛି କି ପ୍ରଥମେ ରେଳ ଧାରଣ ଉପର ବ୍ରିଜ ନିର୍ମାଣ କରିବାକୁ ଅସ୍ଥାୟୀ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ଜମି ଅଧିଗ୍ରହଣ କରି ଅଳ୍ପ କିଛି ଲୋକଙ୍କ ଜମି ନେଲା ପରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ଓଭର ବ୍ରିଜ ନିର୍ମାଣ କରା ଅଦାଲତ ମାମଲା ଲାଗି ବର୍ଷ ବର୍ଷ ଧରି ପଡ଼ି ରହିଲା। ଫଳରେ ଆଗରୁ ଜମି ଦେଇଥିବା ମାଲିକ ମାନେ ବହୁ ହୀନସ୍ତା ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଓଭର ବ୍ରିଜ କାର୍ଯ୍ୟ ଆରମ୍ଭ ପୂର୍ବରୁ ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି।

## କୁକୁର ବନ୍ଧ୍ୟାକରଣ, ଟିକାକରଣରେ ଖୋର୍ଦ୍ଧା ଜିଲ୍ଲା ପଛୁଆ

ନିରାକାରପୁର,୨୪।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଗ୍ରାମାଞ୍ଚଳରେ ରହୁଥିବା କୁକୁରଗୁଡ଼ିକର ବନ୍ଧ୍ୟାକରଣ ଏବଂ ଟିକାକରଣ ହୋଇପାରୁନି। ଦିନକୁ ଦିନ ସବୁ ଆଡ଼େ କୁକୁର ମାଳମାଳ ବୁଲୁଥିବାବେଳେ ସଡ଼କ ଦୁର୍ଘଟଣା, ଜଳାତଙ୍କ ରୋଗୀ, କୁକୁର କାମୁଡ଼ା ସଂଖ୍ୟା ଅଧିକ ହେବାରେ ଲାଗିଛି। ରାଜ୍ୟରେ ୭ ଲକ୍ଷ ବୁଲା କୁକୁର ଥିବାର ଜଣାପଡ଼ିଛି। ପଶୁ ଜନ୍ମ ନିୟନ୍ତ୍ରଣ ୨୦୨୩ ନିୟମ ଅନୁଯାୟୀ ସୁପ୍ରିମ କୋର୍ଟ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ୭ ଲକ୍ଷରୁ ଅଧିକ ବୁଲା କୁକୁରଙ୍କର ବନ୍ଧ୍ୟାକରଣ ଏବଂ ଟିକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି। ୧୯୬୨ ଟୋଲ୍ ଫ୍ରି' ନମ୍ବର ମାଧ୍ୟମରେ କ୍ଷତିଗ୍ରସ୍ତ ଏବଂ ଆଘାତ କୁକୁରମାନଙ୍କର ଚିକିତ୍ସା କରିବାର ସୁବିଧା ଅଛି। ଭୁବନେଶ୍ୱର ମହାନଗର ନିଗମରେ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଯୋଗେ ସେପ୍ଟେମ୍ବର ୧୮ ରୁ ୨୫, ୨୦୨୫ ସକାଳ ୫ ଟାରୁ ୭ଟା ମଧ୍ୟରେ କରାଯାଇଛି। ସେଥିରୁ ୪୭୧୨୬ କୁକୁର ଚିହ୍ନଟ କରଯାଇଛି। କିନ୍ତୁ ସେଥିରୁ



କେବଳ ୭୪୦୦ ଟି କୁକୁରଙ୍କୁ ବନ୍ଧ୍ୟାକରଣ ଏବଂ ଟିକାକରଣ କରାଯାଇଛି। ୩୮୫୯୯ ଟି କୁକୁର ଏବେ ଯାଏଁ ବନ୍ଧ୍ୟାକରଣ ଏବଂ ଟିକାକରଣ କରାଯାଇ ନାହିଁ। ସରକାର ପ୍ରଥମେ ସହରରେ ଏବଂ ପରେ ଗ୍ରାମାଞ୍ଚଳରେ ବୁଲା କୁକୁର ଗଣନା କରି ବନ୍ଧ୍ୟା କରଣ ଏବଂ ଟିକାକରଣ କରିବା ପାଇଁ ଯୋଜନା କରିଛନ୍ତି। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ଜିଲ୍ଲା ପ୍ରଶାସନ ବିଫଳ ହେଉଛନ୍ତି। ଦିନକୁ ଦିନ ଗୃହ ପାଳିତ ପଶୁ ହେଉ ବା ବୁଲା କୁକୁର କାମୁଡ଼ା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସାରା ରାଜ୍ୟରେ ୫ ଲକ୍ଷ ୨୦ହଜାର କୁକୁର କାମୁଡ଼ା ସଂଖ୍ୟା ୨୦୨୩ ଜାନୁଆରୀ ଠାରୁ ଅକ୍ଟୋବର ୨୦୨୪ ମଧ୍ୟରେ ପଞ୍ଜୀକରଣ କରାଯାଇଛି। ଜିଲ୍ଲାରେ କୁକୁର ବନ୍ଧ୍ୟାକରଣ ଏବଂ ଟିକାକରଣ ଓଡ଼ିଶା ରାଜ୍ୟ ପଶୁ କଲ୍ୟାଣ ବୋର୍ଡ, ମହାନଗର ନିଗମ ଏବଂ ସହରୀୟ ସ୍ଥାନୀୟ ସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ, ପଶୁ ପାଳନ ଏବଂ ପଶୁ ଚିକିତ୍ସା ସେବା ବିଭାଗ, କମିସନରେଟ ପୁଲିସ, ସରକାରୀ ପଶୁ ଚିକିତ୍ସାଳୟ ବିଭାଗ ଦ୍ୱାରା କରିବାର ନିୟମ ରହିଛି।

ଗୃହପାଳିତ ପଶୁଙ୍କୁ ଘରକୁ ଘର ବୁଲି ଏବଂ ବୁଲା କୁକୁରଙ୍କୁ ଯଥା ଶୀଘ୍ର ଠାବ କରି ପଞ୍ଜୀକରଣ କରି ବନ୍ଧ୍ୟାକରଣ ସହ ଟିକାକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ଜିଲ୍ଲାର ଅନେକ ବୁଦ୍ଧିଜୀବୀ, ପଶୁପ୍ରେମୀ ମତପ୍ରକାଶ କରିଛନ୍ତି।

## ପାଲା ଗାୟକ ବିଶ୍ୱନାଥଙ୍କ ସ୍ମୃତିଚାରଣ ସଭା




ବେଗୁନିଆ,୨୪।୧୦(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ କୋଲୁହାପାଟଣା ଗ୍ରାମର ଦକ୍ଷିଣ କେଶରୀର ବିଶିଷ୍ଟ ପାଲା ଗାୟକ ବିଶ୍ୱନାଥ ସାହୁଙ୍କ ଏକାଦଶାହ ଅବସରରେ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ପକ୍ଷରୁ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି।

ଏଥିରେ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ସଭାପତି ଗାୟକ ଅଳଙ୍କାର ଶ୍ୟାମ ସୁନ୍ଦର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଡଃ ଅଖିଳେଶ ପ୍ରସାଦ ପଣ୍ଡା ମୁଖ୍ୟବକ୍ତା, ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା, ଗାୟକ ଦାଶରଥି ପଣ୍ଡା, ମିହିର କୁମାର ଆଚାର୍ଯ୍ୟ ଓ ସମବାୟବିତ୍ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ପୁତ୍ର ଗାୟକ କୃପାସିନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତୀୟ ବିଦ୍ୟାନିକେତନର ବିଜ୍ଞାନ ମେଳା



ଟାଙ୍ଗୀ,୨୪।୧୦(ସମିସ): ଭାରତୀୟ ବିଦ୍ୟାନିକେତନ କାଲୁପଡାଘାଟର ୧୫ ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷକ ସଂଘର ସମ୍ପାଦକ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ମୁଖ୍ୟ ଅତିଥି, ଯୁବ ଉଦ୍ୟୋଗୀ ଇଞ୍ଜିନିୟର ମାନସ ରଞ୍ଜନ ସୁବୁଦ୍ଧି ଯୋଗଦେଇଥିଲେ। ଏହି ଅବସରରେ ପ୍ରାକ୍ତନ ଶିକ୍ଷକ ମହେଶ୍ୱର ସେନାପତି, ସଂଗୀତଜ୍ଞ ଗୋପାଳ ଚନ୍ଦ୍ର ମହାରଣା, ପ୍ରାକ୍ତନ ପ୍ରଧାନଶିକ୍ଷକ ଲିଙ୍ଗରାଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ତଥା ବିଦ୍ୟାଳୟ ଉପଦେଷ୍ଟା ଲକ୍ଷ୍ମୀଧର ବେହେରା ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟାପିକା ବନଶ୍ରୀ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଗୁରୁକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମେଳାରେ କନିଷ୍ଠ ବିଭାଗର ୪୬ ଟି ବରିଷ୍ଠ ବିଭାଗର ୫୭ ଟି ପ୍ରକଳ୍ପ ସ୍ଥାନ ପାଇଥିଲା।

## ଗୋଳବାଇରେ ବିଶ୍ୱଶାନ୍ତି ମହାଯଜ୍ଞ

ଭୂଷଣ୍ଡପୁର,୨୪।୧୦(ସମିସ): ଖୋର୍ଦ୍ଧା ବ୍ଲକ୍ ଗୋଳବାଇ ପଞ୍ଚାୟତରେ ଗତ ଗୁରୁବାରଠାରୁ ଶ୍ରୀ ଶ୍ରୀ ଗ୍ରାମେଶ୍ୱର ଦେବଙ୍କ ତ୍ରୟବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଅଙ୍କୁରାରୋପଣ କରାଯାଇ, କଳସ ଶୋଭାଯାତ୍ରା ସହ ଅଗ୍ନି ସ୍ଥାପନ କରାଯାଇଥିଲା। ରୁଦ୍ରାଭିଷେକ କରାଯାଇ ଚଣ୍ଡୀପାଠ ଓ ଭଗବତ ଗୀତରେ ଆହୁତି ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଅଛି। ଆସନ୍ତା ୨୫ତାରିଖ ଦିନ ପୂର୍ଣ୍ଣାହୁତି ଦିଆଯାଇ ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ନାମ ସଂକୀର୍ତ୍ତନ କରାଯିବ। ତ୍ରୟ ବାର୍ଷିକ ମହାଯଜ୍ଞ ଉତ୍ସବ ପରିଚାଳନାରେ ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ।

## ବାଣପୁରରେ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ

ବାଣପୁର,୨୪।୧କ୍ଟ(ସମିସ) : ବାଣପୁର ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଓ ଅନ୍ୟତମ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରା ଓ ପିଏମ୍‌ଶ୍ରୀ ସରକାରୀ ବାଣପୁର ଉଚ୍ଚ ବିଦ୍ୟାଳୟ-୧ର ପ୍ରଧାନ ଶିକ୍ଷୟିତ୍ରୀ ଝରଣା ରାଣୀ ଓଝା ଯୋଗ ଦେଇ ନିଜର



ଅଭିଭାଷଣରେ ଛାତ୍ରଛାତ୍ରୀ ବର୍ତ୍ତମାନ ବିଦ୍ୟାଳୟର ପାଠପଢ଼ା ମଧ୍ୟରେ ନିଜକୁ ସୀମିତ ନରଖି କ୍ରୀଡା, ନୃତ୍ୟ, ସଙ୍ଗୀତ, କଳା ଓ ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଆଗକୁ ବଢ଼ିବା ନିତ୍ୟାନ୍ତ ଆବଶ୍ୟକ।

ସେଥିଲାଗି ପିଲାମାନଙ୍କ ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ତଥା ସ୍ୱପ୍ନକୁ ସାକାର କରିବା ନିମିତ୍ତ 'ସୁରଭି' କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇ ନୃତ୍ୟ, ସଙ୍ଗୀତ ଓ କଳା ଆଦି ପ୍ରଦର୍ଶନ କରିଥିଲେ।

## ବିଦାୟ ନେଲେ ମା' ଶ୍ୟାମାକାଳୀ

ବାଲୁଗାଁ,୨୪।୧୦(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ବାଣପୁର-ବାଲୁଗାଁ ଅଞ୍ଚଳରେ ପୂଜା ପାଉଥିବା ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ରାଜନ ମାର୍କେଟ କାଳୀପୂଜା କମିଟି, ବାଲୁଗାଁ ଅଶୋକନଗର ବଙ୍ଗୀୟ କଲୋନୀ, ଶାନ୍ତିନଗର, ତାଳପଟି, ବଣପୁର କଲେଜ ରୋଡ ଓ ଅନ୍ୟାନ୍ୟ ସାହି ବସ୍ତିମାନଙ୍କରେ ମହାଆଡ଼ମ୍ବରରେ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସାଜ ସଜା ସାଙ୍ଗକୁ ଆଲୋକ ମାଳାରେ ମଣ୍ଡପ ଗୁଡିକ ଝଲସି ଉଠିଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା। ଶୁକ୍ରବାର ବାଜା, ବାଣ ରୋଷଣି ଶୋଭାଯାତ୍ରାରେ ମା'ଙ୍କୁ ନେଇ ବାଲୁଗାଁ ସହର ପରିକ୍ରମା ପରେ ଚିଲିକା ଜଳରେ ମା'ଙ୍କୁ ବିଦାୟ ପୂର୍ବକ ବିସର୍ଜନ କରାଯାଇଥିଲା। ସେହିପରି ବାଣପୁରରେ ସାହି ବସ୍ତି ବୁଲାଇ ବାଜା ବାଣ ରୋଷଣିରେ ନେଇ ଶାଳିଆ ନଦୀରେ ମା'ଙ୍କୁ ବିଦାୟ ଦିଆଯାଇଛି।

## ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି

ଟାଙ୍ଗୀ,୨୪।୧୦(ସମିସ): ଭୁଷଣ୍ଡପୁର ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ବୋଇତ ବନ୍ଦାଣ ଓ ପଞ୍ଚୁକ ଉପଲକ୍ଷେ ମା' ମଙ୍ଗଳାଙ୍କ ପବିତ୍ର ପୀଠରେ ଚଳିତ ମାସ ୩୧ତାରିଖଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପି ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନଙ୍କର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମ ତିନି ଦିନ ସନ୍ଧ୍ୟାରେ ପାଲା ପରିବେଷିତ ହେବ। ସେହିପରି ଚତୁର୍ଥ ସନ୍ଧ୍ୟାରେ ଭରତ ଲୀଳା ଓ ଯୁଦ୍ଧ ପଞ୍ଚମ ଦିନ ଘୋଡ଼ା ନାଚ ଓ ରାତ୍ରି ୩ଘଟିକା ସମୟେ ବୋଇତ ବନ୍ଦାଣ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି।

# କାର୍ଯ୍ୟକ୍ଷମ ହୋଇପାରୁନି ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା

ନିରାକାରପୁର,୨୪।୧୦(ସମିସ)

ରାଜ୍ୟ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଚିଠି ନମ୍ବର - ୩୦୦ ତା ୧୧ ଜାନୁଆରୀ ୨୦୧୮ ଅନୁଯାୟୀ ଗ୍ରାମାଞ୍ଚଳରେ ଥିବା ଗରିବ ଶ୍ରେଣୀର ପକ୍କା ଘର ନଥିବା ଶ୍ରମିକମାନଙ୍କୁ ଉତ୍କଳ ଭବନ ଏବଂ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଜରିଆରେ ପକ୍କା ଗୃହ ପ୍ରଦାନ ପାଇଁ ସୁବିଧା ଅଛି। ପରିବାର ମୁଖ୍ୟ ମହିଳାଙ୍କ ନାମରେ ଏହି ଗୃହଗୁଡ଼ିକ ମଞ୍ଜୁର କରାଯିବା ପାଇଁ ନିୟମ ରହିଛି। ୨୫ ବର୍ଗ ମିଟର ଜାଗାରେ ଘର କରିବା ଆବଶ୍ୟକ। ପ୍ରଧାନ ମନ୍ତ୍ରୀ ଆବାସ, ବିଜୁ ପକ୍କା ଘର ପରି ୧ ଲକ୍ଷ ୨୦ ହଜାର ନୂତନ ଗୃହ ନିର୍ମାଣ ପାଇଁ ମଞ୍ଜୁର ହୋଇ ଥାଏ ଏବଂ ମନରେଗାରେ ୯୦ ଦିନର ମଜୁରି ମଧ୍ୟ ପ୍ରଦାନ କରଯାଇଥାଏ। ୪ ମାସ ମଧ ରେ ଗୃହ ସମ୍ପାଦନ କଲେ ୨୦ ହଜାର ଏବଂ ୬ ମାସ ମଧ୍ୟରେ କଲେ ୧୦ ହଜାର



ଟଙ୍କା ପ୍ରୋତ୍ସାହନ ରାଶି ପାଇବାର ସୁବିଧା ଥିଲା। ଜିଲ୍ଲା ଶ୍ରମ ଅଧିକାରୀ ଯେଉଁମାନଙ୍କର ଏକ ବର୍ଷରେ ଠିକ୍ ଭାବେ ନିର୍ମାଣ ଶ୍ରମିକ କାର୍ଡ ଚାଲୁ ରହିଥିବ ସେମାନଙ୍କର ଏକ ଚିଠା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ପଠାଇ ଥାଆନ୍ତି। ବ୍ଲକ୍ ଉନ୍ନୟନ ଅଧିକାରୀ ତାଙ୍କର କର୍ମଚାରୀଙ୍କ ଜରିଆରେ ଫିଲ୍ଡ ଭେରିଫିକେସନ କରି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ ଖୋର୍ଦ୍ଧା ଙ୍କୁ ପଠାଇ ଥାଆନ୍ତି। ପରେ ଜିଲ୍ଲାପାଳ ଏହାକୁ ସ୍ୱୀକୃତି ପ୍ରଦାନ କରି ସମାନ ତାଲିକାକୁ ରାଜ୍ୟ ପଞ୍ଚାୟତ ଏବଂ ପାନୀୟ ଜଳ ବିଭାଗ ଏବଂ ଶ୍ରମ ଏବଂ କର୍ମଚାରୀ ବୀମା ବିଭାଗକୁ ପୁଞ୍ଜି ମଞ୍ଜୁର ପାଇଁ ପଠାଇ ଥାଆନ୍ତି। ୨୦୧୬-୧୭ ରେ ୪୯ ଟି, ୨୦୧୯-୨୦ ରେ ଗୋଟିଏ ମିଳିଥିଲା। ତା ପରଠୁ ଏହା ନିର୍ମାଣ କାର୍ଡ ଶ୍ରମିକଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଗରିବ ଯୋଗ୍ୟ ଥିଲେ ମଧ୍ୟ ଗୃହ ମିଳି ପାରୁନି। ରୁରାଲ ହାଉସିଂ ପୋର୍ଟାଲରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୦-୨୧ ବର୍ଷ ପରଠାରୁ ଆଉ ଓଡ଼ିଶାରେ ନିର୍ମାଣ ଶ୍ରମିକ କାର୍ଡଧାରୀଙ୍କୁ ଗୃହ ମଞ୍ଜୁର କରାଯାଇ ନାହିଁ। ଏମିତିରେ ବର୍ଷ ସରିବାକୁ ବସିଥିବା ବେଳେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ମିଳି ପାରି ନାହିଁ। କେବଳ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ କିଛି ଗୃହ ମଞ୍ଜୁର କରାଯାଇଛି।

ପୂର୍ବରୁ ଥିବା ବିଜୁ ପକ୍କା ଘରକୁ ଏହି ଯୋଜନାରେ ମିଶାଇ ଦିଆଯାଇଛି। ରାଜ୍ୟର ଟାର୍ଗେଟ କମ୍ ଥିବାରୁ କମ୍ ଗୃହ ମଞ୍ଜୁର ହୋଇଛି। କିନ୍ତୁ ଖୋର୍ଦ୍ଧା ଜିଲ୍ଲାରେ ଏବେ ବି ଅନେକ ଗରିବ ଲୋକେ ଯେଉଁମାନଙ୍କ ପାଇଁ ପକ୍କା ଗୃହ ସ୍ୱପ୍ନ ସେମାନେ ଏବେ ଅନେଇ ବସିଛନ୍ତି ଖଣ୍ଡିଏ ଗୃହ ପାଇବା ପାଇଁ। ଯଦି ଜିଲ୍ଲା ଅଧିକାରୀ ଏ ବିଷୟରେ ଉପଯୁକ୍ତ ପଦକ୍ଷେପ ନିଅନ୍ତି ତାହେଲେ ନିର୍ମାଣ ଶ୍ରମିକ କାର୍ଡ ଧାରୀ ମାନେ ଘର ଖଣ୍ଡେ ପାଇ ପାରନ୍ତି ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ନରଣଗଡ଼ ଫୁଟବଲ ଟୁର୍ଣ୍ଣାମେଣ୍ଟ; ପାଇକତିଗିରିଆ ବିଜୟୀ



ନିରାକାରପୁର,୨୪।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ ବିନ୍ଦୁ ବଳୟ ଯୁବ ବିକାଶ ନିକେତନ ଦ୍ୱାରା ଚାଲିଥିବା ନରଣଗଡ଼ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ସେମିଫାଇନାଲ ଠଣାପାଲୀ ବନାମ ପାଇକତିଗିରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ପାଇକତିଗିରିଆ ବିଜୟୀ ହୋଇଥିଲା। ଆଜିର ଖେଳକୁ ଫକୀର ଚରଣ ନିଶଙ୍କ, ଶରତ ଛୋଟରାୟ, ସୁକାନ୍ତ ପ୍ରଧାନ, ବିପିନ ସାମନ୍ତରାୟ ଏବଂ ଚତୁର୍ଥ ରେଫେରୀ ହୃଦାନନ୍ଦ ମହତରାଏ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଅତିଥିଭାବେ ସମାଜସେବୀ ମହେନ୍ଦ୍ର ହରିଚନ୍ଦନ, କସ୍ତୁରୀ ଚରଣ ସୁନ୍ଦରାୟ, ହରମୋହନ ପାଇକରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦୁଇ ବାଘଛୁଆ ଆକ୍ରମଣରେ ଛେଳି ଚରାଳି ଗୁରୁତର

**ଅନୁଗୋଳ,୨୪।୧୦(ସମିସ):** ଅନୁଗୋଳ ବ୍ଲକ ପୁରୁଣାକୋଟ ଥାନା ଟାଇଁସି ଗ୍ରାମରେ ବାଘଛୁଆ ଆକ୍ରମଣରେ ଜଣେ ଛେଳି ଚରାଳି ଗୁରୁତର ହୋଇଛନ୍ତି। ସେ ହେଲେ, ଟାଇଁସି ଗ୍ରାମର ପୁରେନ୍ଦ୍ର ବେହେରାଙ୍କ ପୁଅ ବସନ୍ତ ବେହେରା (୪୦)। ବସନ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସବୁଦିନ ଭଳି ଶୁକ୍ରବାର ସକାଳେ ବସନ୍ତ ଗାଁ ପାଖ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ। ଅପରାହ୍ଣରେ ଦୁଇଟି ବାଘଛୁଆ ଆସି ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲେ। ବସନ୍ତ ଚିତ୍କାର କରିବାରୁ ପାଖରେ ଥିବା ଲୋକେ ଆସି ବାଘଛୁଆଙ୍କୁ ଘଉଡ଼ାଇବା ସହ ବସନ୍ତଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ବସନ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତେବେ ଆକ୍ରମଣ କରିଥିବା ଦୁଇ ବାଘଛୁଆ କଲରାପତରିଆ ପ୍ରଜାତିର ବୋଲି ସନ୍ଦେହ କରାଯାଉଛି। ତେବେ ସାତକୋଶିଆ ଡିଏଫ୍‌ଓ ଗଦାଧର ପାତ୍ର ବାଘ ଆକ୍ରମଣକୁ ଅସ୍ୱୀକାର କରିବା ସହ ଘଟଣାସ୍ଥଳକୁ ଟିମ୍ ପଠାଇ ତଦନ୍ତ କରୁଥିବା କହିଛନ୍ତି। ଅନ୍ୟପଟେ ହିଂସ୍ରଜନ୍ତୁ ଆକ୍ରମଣରେ ବସନ୍ତ ଗୁରୁତର ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି।

## ଐତିହାସିକ ବାଲିଯାତ୍ରା କଟକ-୨୦୨୫

# ସଜେଇ ହେଲାଣି ପଡ଼ିଆ; ବନ୍ଧା ହେଲାଣି ଦୋଳି

**କଟକ, ୨୪।୧୦ (ସମିସ):** ଉତ୍କଳୀୟ ପରମ୍ପରାର ଅନନ୍ୟ ଆକର୍ଷଣ କଟକ ବାଲିଯାତ୍ରା। ମହାନଦୀ ତଟରେ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାର ଶୀତୁଆ ସକାଳରେ ଏହି ମୁକ୍ତାକାଶ ବାଣିଜ୍ୟିକ ମେଳାର ଶୁଭ ପଡ଼ିବ। ଆଠଦିନ ଧରି ଚାଲିବ କିଣାବିକା। କୋଟିକୋଟି ଟଙ୍କାର ବେପାର ହେବ। ସାରା ରାଜ୍ୟର ନଜର ରହିବ ଏହି ମେଳା ପଡ଼ିଆ ଉପରେ। ତେବେ ବାଲିଯାତ୍ରାକୁ ସଫଳ ଭାବେ ଆୟୋଜନ କରିବା ପାଇଁ କଟକ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡି ସାରିଛି। ଯୋଜନା ମୁତାବକ ଆଗେଇ ଚାଲିଛି ପ୍ରସ୍ତୁତି ପର୍ବ। ମେଳା ପଡ଼ିଆରେ ଶୁକ୍ରବାରଠାରୁ ଦୋଳି ବନ୍ଧା ଆରମ୍ଭ ହୋଇଛି। ଏହାଛଡ଼ା ଷ୍ଟଲ ନିମନ୍ତେ ପ୍ଲଟ୍‌ଗୁଡ଼ିକ ଆବଣ୍ଟନ କରାଯାଉଥିବା ବେଳେ ଖୁବଶୀଘ୍ର ମେଳା ପଡ଼ିଆ ଭରପୂର ଦିଶିବାକୁ ଲାଗିବ।

ବାଲିଯାତ୍ରା ଦିନ ପାଖେଇ ଆସୁଛି। ଏଥିପାଇଁ ଏବେ ଯାତ୍ରା ପଡ଼ିଆ ଚଳଚଞ୍ଚଳ ହୋଇଉଠିଲାଣି। ଚଳିତଥର ବାଲିଯାତ୍ରାରେ ପ୍ରମୁଖ ଆକର୍ଷଣ ସାଜିବ


ଇଣ୍ଡୋନେସିଆ ହସ୍ତକଳାର ହେବ ସ୍ୱତନ୍ତ୍ର ଷ୍ଟଲ୍

"କଟକ-ଇନ୍-କଟକ'। ଏହି ସ୍ୱତନ୍ତ୍ର ପାଭିଲିୟନକୁ ଓଡ଼ିଆ ଭାଷା ସାହିତ୍ୟରେ ରୂପ ଦିଆଯିବା ପାଇଁ ପ୍ରୟାସ ଆରମ୍ଭ ହୋଇସାରିଛି। ଏହା ମଧ୍ୟରେ ଥିବା ସବୁ ଗଛକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଏବେ ଥିମ୍ ଅନୁଯାୟୀ ପାଠାଗାର, ସେଲ୍ଫି ପଏଣ୍ଟ ଆଦି କାର୍ଯ୍ୟ ହେଉଛି। ପ୍ରଶାସନିକ ଅଧିକାରୀଙ୍କଠାରୁ ଯାତ୍ରା ପଡ଼ିଆ ଏବେ ସବୁ ଚଳଚଞ୍ଚଳ ହେଉଛି। ପ୍ରଶାସନର ଯୋଜନା ପ୍ରସ୍ତୁତି ଶେଷ ହୋଇଥିବା ବେଳେ ତଳପଡ଼ିଆରେ ଆରମ୍ଭ ହୋଇଛି କାର୍ଯ୍ୟ। ବିଦ୍ୟୁତ୍ ଖୁଣ୍ଟ ସଂଯୋଗୀକରଣଠାରୁ ମେଳା ପଡ଼ିଆ ସମତୁଳ ପ୍ରାୟଅନ୍ତିମ ପର୍ଯ୍ୟାୟରେ। ପଲ୍ଲିଶ୍ରୀ ମେଳା ପାଇଁ ମଧ୍ୟ ଟେଣ୍ଟ ବନ୍ଧା କାର୍ଯ୍ୟ ଅଧାରୁ ଅଧିକ ସରିଲାଣି। ବୁଧବାରଠାରୁ ଆରମ୍ଭ କରାଯାଇଛି ମଞ୍ଚ ଭିଡ଼ା। ବାଲିଯାତ୍ରାର ମୁଖ୍ୟ ମଞ୍ଚ କୁହାଯାଉଥିବା ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ମଞ୍ଚ ବନ୍ଧା ଗଲାଣି। କାର୍ତ୍ତିକ ପୂର୍ଣ୍ଣିମା ପୂର୍ବରୁ ମଞ୍ଚକୁ ଓଡ଼ିଆ କଳା ସଂସ୍କୃତିର ଛିଟା ଦିଆଯିବ। ସେହିଭଳି ଅକ୍ଷୟ ମହାନ୍ତି ମଞ୍ଚ କାମ ମଧ୍ୟ ଦୁଇରୁ ତିନି ଦିନ ମଧ୍ୟ ଆରମ୍ଭ ହେବ। ଏଥର ଉଭୟ ମଞ୍ଚରେ ବଲିଉଡ୍ କଳାକାରଙ୍କ ସମେତ ଓଲିଉଡ ଏବଂ ଓଡ଼ିଶାର ଲୋକକଳା ଓ ସଂସ୍କୃତିର ନୃତ୍ୟ ଝଲକ ଦେଖିବାକୁ ମିଳିବ।

ଚଳିତବର୍ଷର ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ କେତେକ ଅଭିନବ ଉଦ୍ୟମ କରୁଛି। ଜାଭା, ସୁମାତ୍ରା, ଇଣ୍ଡୋନେସିଆ, ମାଳଦୀପ ଆଦି ରାଷ୍ଟ୍ର ସହ ପ୍ରାଚୀନ କଳିଙ୍ଗର ବାଣିଜ୍ୟିକ ସମ୍ପର୍କକୁ ଆଧାର କରି ମହାନଦୀ କୂଳରେ ଆରମ୍ଭ ହୋଇଥିବା ଏହି ବାଣିଜ୍ୟିକ ମେଳାରେ ଏଥର ବିଦେଶୀ ପରମ୍ପରାକୁ ପ୍ରତିଫଳିତ କରାଯିବ। ବାଲିଯାତ୍ରାରେ ସହଭାଗୀ ରାଷ୍ଟ୍ର ଭାବେ ଇଣ୍ଡୋନେସିଆକୁ ସାମିଲ କରାଯାଇଛି। ଇଣ୍ଡୋନେସିଆର ଶହଶହ ବାସିନ୍ଦା ଚଳିତଥର କଟକ ବାଲିଯାତ୍ରାରେ ଦେଖିବାକୁ ମିଳିବ। ଏହାଛଡ଼ା ମେଳା ପଡ଼ିଆରେ ଇଣ୍ଡୋନେସିଆ ହସ୍ତକଳାକୁ ନେଇ ଏକ ସ୍ୱତନ୍ତ୍ର ଷ୍ଟଲ ପଡ଼ିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବଡ଼ ମେଡିକାଲରେ ମାତିଛନ୍ତି କବାଟ ଚୋର

**କଟକ, ୨୪।୧୦ (ସମିସ):** ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲକୁ ଦୈନନ୍ଦିନ ସହସ୍ରାଧିକ ରୋଗୀ ଓ ସେମାନଙ୍କ ଆଟେଣ୍ଡାଣ୍ଟ ଆସୁଛନ୍ତି। ହେଲେ କେତେକ ବିଭାଗରେ ଶୌଚାଳୟ ସମୁଦ୍ରକୁ ଶଙ୍ଖେ ତ ପୁଣି କେଉଁଠି ମହିଳା ଓ ପୁରୁଷଙ୍କ ପାଇଁ ପୃଥକ୍ ସୁବିଧା ନାହିଁ। ସେହିଭଳି, ସୁପରସ୍ପେଶାଲିଟି ଓପିଡି ପଞ୍ଜୀକରଣ କାଉଣ୍ଟର୍ ନିକଟରେ ଥିବା ପରିସ୍ରାଗାରା ଓ ଶୌଚାଳୟରେ ଲାଗୁଥିବା ପ୍ଲାଷ୍ଟିକ୍ କବାଟକୁ ଦୁର୍ବୃତ୍ତମାନେ ବାରମ୍ବାର ଚୋରି କରିନେଉଛନ୍ତି। ଆଡଭୋକେଟ୍ କମିଟି ରିପୋର୍ଟ ଆଧାରରେ ଏହି ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଓପିଡି ପଞ୍ଜୀକରଣ କେନ୍ଦ୍ର ନିକଟରେ ପୁରୁଷମାନଙ୍କ ଦ୍ୱାରା ବ୍ୟବହାର ପାଇଁ ରହିଥିବା ଶୌଚାଳୟଗୁଡ଼ିକର କୌଣସି କବାଟ ନଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆବଶ୍ୟକ ସର୍ବନିମ୍ନ ମର୍ଯ୍ୟାଦା ବଜାୟ ରହୁନଥିବା ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏସ୍‌ସିବି ଅଧୀକ୍ଷକ ପ୍ରଫେସର୍ ଡା. ଗୌତମ ଶତପଥୀ ଏହି କବାଟଗୁଡ଼ିକ ବାରମ୍ବାର ଚୋରି ହେଉଥିବା ନେଇ ଅଦାଲତଙ୍କୁ ଅବଗତ କରିଥିଲେ। ଏସ୍‌ସିବିର ସୁରକ୍ଷା ଦାୟିତ୍ୱ ଆଉଟ୍‌ସୋର୍ସ କରାଯାଇ ଘରୋଇ ସଂସ୍ଥା ନିରାକାର ଉପରେ ନ୍ୟସ୍ତ ରହିଥିବା ଅବଗତ କରାଯାଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଏହି ଶୌଚାଳୟ କବାଟ ଲଗାଯିବ। ଯଦି ଏହା ଚୋରି ହୁଏ, ତାହେଲେ ସମ୍ପୃକ୍ତ ସୁରକ୍ଷା ସଂସ୍ଥା ଏହି କବାଟ ଲଗାଇବା ଖର୍ଚ୍ଚ ବହନ କରିବ ବୋଲି ଅଦାଲତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବାରମ୍ବାର ଚୋରି ସତ୍ତ୍ୱେ ପୁଲିସରେ ଆଜି ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନଥିବା ନେଇ ଅଦାଲତ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଆଗକୁ ଚୋରି ହେଲେ ସ୍ଥାନୀୟ ପୁଲିସ ନିକଟରେ ଅଭିଯୋଗ ଦାଖଲ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରେ ପୁରୁଷ ଏବଂ ମହିଳାଙ୍କ ପାଇଁ କୌଣସି ପୃଥକ ଶୌଚାଳୟ ନାହିଁ। ଗୋଟିଏ ଶୌଚାଳୟ ଅଛି, ଯାହା ରୋଗୀଙ୍କ ଆବଶ୍ୟକତା ପୂରଣ କରୁଥିବା ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ରୋଗୀଙ୍କ ପାଇଁ ଗୋଟିଏ ଓ ଉଭୟ ପୁରୁଷ ଓ ମହିଳା ଆଟେଣ୍ଡାଣ୍ଟଙ୍କ ପାଇଁ ପୃଥକ୍‌ପୃଥକ୍ ଦୁଇଟି ଶୌଚାଳୟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉକି, ଆଡଭୋକେଟ କମିଟି ସଦସ୍ୟ ପଦ୍ମାଳୟା ମହାପାତ୍ର, ସାସ୍ୱତା ପଟ୍ଟନାୟକ ଏବଂ କାଜଲ ସାହୁ ବିଭାଗ ଉକ୍ତ ବିଭାଗ ପରିଦର୍ଶନ କରି ରିପୋର୍ଟ ଦେଇଥିଲେ।

# କାମ ଦେଲାନି ଆୟୁଷ୍ମାନ କାର୍ଡ

## ଛଟପଟ ହୋଇ ଜୀବନ ହାରିଲେ ଗରିବ କ୍ୟାନ୍ସର୍ ରୋଗୀ

**ନୂଆପଡ଼ା, ୨୪।୧୦ (ସମିସ):** କାମ ଦେଲାନି ଆୟୁଷ୍ମାନ କାର୍ଡ। ତେଣୁ, ଚିକିତ୍ସା ବାବଦକୁ ଆଖିବୁଜା ପଇସା ହାଙ୍କି ଚାଲିଲା ହସ୍ପିଟାଲ। ଯେଉଁଠି ଜାଣିଲା ପରିବାରଲୋକ ଆଉ ପଇସା ଦେଇପାରିବେନି, ରୋଗୀଙ୍କ ଜୀବନ ସହ ଖେଳିଲା। ଚିକିତ୍ସାରେ ବିଳମ୍ବ କଲା। ଶେଷରେ କ୍ୟାନ୍ସର୍‌ର ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ହସ୍ପିଟାଲ ବେଡ୍‌ରେ ଚାଲିଗଲା ଗରିବ ମହିଳାଙ୍କ ଜୀବନ। ଚିକିତ୍ସା ତ ମିଳିଲାନି, ପାଖାପାଖି ସପ୍ତାହେ କାଳ ମାନସିକ, ଆର୍ଥିକ ଚାପରେ ଘାଣ୍ଟି ହୋଇ ନିଜର ପ୍ରିୟ ଲୋକର ଶବ ଧରି ଫେରିଲେ ପରିବାରଲୋକ। ଏପଟେ, ପେଟକୁ କାଟି ଯାହା ଦି' ପଇସା ସଞ୍ଚୟ କରି ରଖିଥିଲେ ତା' ବି ଚାଲିଗଲା। 'ଆୟୁଷ୍ମାନ ଭାରତ ଯୋଜନା'ର ବିଫଳତା ଯୋଗୁଁ ପୁଣି ଜଣେ ଗରିବ ରୋଗୀଙ୍କ ପ୍ରାଣହାନି ଘଟିଥିବା ଅଭିଯୋଗ ହୋଇଛି। ମହିଳାଜଣଙ୍କ ହେଲେ, ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଦେଓଧର ପଞ୍ଚାୟତର

### ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ତୀବ୍ର ନିନ୍ଦା

### ଗରିବଙ୍କ ଜୀବନ ବଞ୍ଚାଇବାରେ ସରକାର ବିଫଳ

ଧରାଭଟା ଗ୍ରାମର ତୁଳାବାଇ ଜଗତ। ତୁଳାବାଇଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର।

ସୂଚନାନୁଯାୟୀ, ଗତ ୧୪ ତାରିଖରେ କ୍ୟାନ୍ସର୍ ଚିକିତ୍ସା ପାଇଁ ଶ୍ରୀମତୀ ଜଗତଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ରାୟପୁର କ୍ୟାନ୍ସର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁଅ ରୂପଧର ଜଗତ ତାଙ୍କୁ ସେଠାକୁ ନେଇ ଚିକିତ୍ସା କରାଇଥିଲେ। ସେଠାରେ ରୂପଧର ହସ୍ପିଟାଲରେ ଆୟୁଷ୍ମାନ କାର୍ଡ ଦେଖାଇବାରୁ କର୍ତ୍ତୃପକ୍ଷ ରୋକଠୋକ୍ ମନା କରିଦେଇଥିଲେ। ରୋଗୀ ମଲେ ପଛେ ମରୁ କିନ୍ତୁ ଆୟୁଷ୍ମାନ କାର୍ଡ ଗ୍ରହଣ କରିବୁ ନାହିଁ ବୋଲି ଶୁଣାଇ ଦେଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏକଥା ଶୁଣି ରପୂଧର




ଭାଙ୍ଗି ପଡ଼ିଥିଲେ ହେଁ ମା'କୁ ବଞ୍ଚାଇବା ପାଇଁ ନିଜର ସବୁ ଜମାପୁଞ୍ଜିକୁ ଖର୍ଚ୍ଚ କରିଥିଲେ। ମାତ୍ର କିଛି ଦିନରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କଠାରୁ ୧ଲକ୍ଷ ୬୫ ହଜାର ହାଙ୍କିନେଲେ। ଏହା ସତ୍ତ୍ୱେ ଚିକିତ୍ସାରେ ବିଳମ୍ବ କରିଥିଲେ। ଶେଷରେ ଅକ୍ଟୋବର ୧୯ରେ ତୁଳାବାଇଙ୍କ ମୃତ୍ୟୁ ଘଟିଥିଲା।

ଏହି ଘଟଣାକୁ ନେଇ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ତୀବ୍ର ପ୍ରତିକ୍ରିୟା ଜଣାଇଛନ୍ତି। ଏନେଇ ସେ ବିଜେପି ସରକାରକୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ଏହି ଘଟଣା ହୃଦୟବିଦାରକ ଏବଂ କ୍ଷମା ଯୋଗ୍ୟ ନୁହେଁ। ଜଣେ ଗରିବ ଅନୁସୂଚିତ ଜାତିର ମହିଳା କ୍ୟାନ୍ସର୍ ରୋଗୀଙ୍କୁ ଚିକିତ୍ସା ନ ମିଳିବା ଏବଂ ପରିବାରକୁ ଋଣଯନ୍ତାକୁ ଠେଲିବା ବିଜେପି ସରକାରଙ୍କ ଗରିବ, ଆଦିବାସୀ ଦଳିତ ବିରୋଧୀ କାର୍ଯ୍ୟ। ବିଜେପି ସରକାର ଗରିବଙ୍କ ଜୀବନ, ସ୍ୱାସ୍ଥ୍ୟ ସୁରକ୍ଷା ବଞ୍ଚାଇବାରେ ବିଫଳ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ପାଇଁ ପ୍ରତିବର୍ଷ ୧୦ଲକ୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ସୁବିଧା ଥିଲା। ତୁଳାବାଇଙ୍କ ଯନ୍ତ୍ରଣା ଓ ମୃତ୍ୟୁ କେବଳ ଗୋଟିଏ ମାତ୍ର ଘଟଣା ନୁହେଁ। ଏହା ରାଜ୍ୟବାସୀଙ୍କ ପାଇଁ ଏକ ଚେତାବନୀ ସଦୃଶ। ନୂଆପଡ଼ାର ଲୋକେ ଏବେ ସତ ଜାଣିସାରିଛନ୍ତି। ଶ୍ରୀ ବିଶି ତୁଳାବାଇଙ୍କ ପରିବାରକୁ ତତ୍କାଳ ଆର୍ଥିକ ସହାୟତା ଦାବି କରିଛନ୍ତି।

# ମୋ' ସୁନ୍ଧା କଳାମଣ୍ଡଳ

## ପ୍ରେକ୍ଷାଳୟ ପାଇଁ ଖର୍ଚ୍ଚ ହେବ ୧୭୩ କୋଟି ଟଙ୍କା

**ଭୁବନେଶ୍ୱର, ୨୪।୧୦ (ସମିସ):** ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ନିର୍ମାଣାଧୀନ ପ୍ରେକ୍ଷାଳୟ 'କଳାମଣ୍ଡଳ' ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଓଡ଼ିଶାର

### ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

### ୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡା ପ୍ରକଳ୍ପ ସହିତ କେନ୍ଦୁଝରରେ ହେବ କ୍ରୀଡା ଭିତ୍ତିଭୂମିର ବ୍ୟାପକ ବିକାଶ

ସର୍ବବୃହତ୍ ପ୍ରେକ୍ଷାଳୟ 'କଳାମଣ୍ଡଳ'ର ନିର୍ମାଣ କାର୍ଯ୍ୟ ୨୦୨୬ ମେ' ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦୁଝର ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ।

ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ୯.୮୫ ଏକର ଜମି ଉପରେ ୧୭୩ କୋଟି ଟଙ୍କା ବ୍ୟୟରେ ଏହି



ପ୍ରେକ୍ଷାଳୟ ଇଡ୍‌କୋ ପକ୍ଷରୁ ନିର୍ମାଣ କରାଯାଉଛି। ୨୦୦୦ ଆସନ ବିଶିଷ୍ଟ ପ୍ରେକ୍ଷାଳୟ ସହ ୫୦୦ ସିଟ୍ ବିଶିଷ୍ଟ ଏକ ଓପନ୍ ଏୟାର ଥିଏଟର୍ ମଧ୍ୟ ଏହି ପରିସର ମଧ୍ୟରେ ରହିବ। ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସଭାସମିତି ଆୟୋଜନ କରିବା ପାଇଁ ଏହି ପ୍ରେକ୍ଷାଳୟଟି ଅତ୍ୟନ୍ତ ଉପଯୋଗୀ ହେବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଏହି 'କଳାମଣ୍ଡଳ' ପରିସରରେ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେହିପରି, କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରକଳ୍ପର ବିକାଶ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦୁଝରର ରାଙ୍ଗୀ ଓ ରାଇକଳାଠାରେ ଦୁଇଟି ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ, କାଳୀପଡ଼ିଆରେ ଏକ ଫୁଟବଲ ଷ୍ଟାଡିୟମ୍ ସହ ଇନଡୋର୍ ଓ ଆଉଟଡୋର୍ ଗେମ୍'ର ସୁବିଧା, ଡିଏନ୍ ହାଇସ୍କୁଲ ପରିସରରେ ଏକ ଅତ୍ୟାଧୁନିକ ସ୍ୱିମିଂପୁଲ, ନରଣପୁରରେ ଆର୍ଚେରୀ ଏକାଡେମୀ ଏବଂ କେନ୍ଦୁଝରରେ ୧୦୦ଶଯ୍ୟା ବିଶିଷ୍ଟ ହ୍ୟାଣ୍ଡବଲ କ୍ରୀଡ଼ା ଛାତ୍ରାବାସ ନିର୍ମାଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ

# ମାନବ ଚାଲାଣ ରୋକିବାକୁ ସବୁସ୍ତରରେ ଉଦ୍ୟମ ଲୋଡ଼ା: ଡିଜିପି

**ଭୁବନେଶ୍ୱର, ୨୪।୧୦ (ସମିସ):** ମାନବଚାଲାଣ କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ବିଷୟ। ନ୍ୟାୟପାଳିକା, ପୁଲିସ, ମହିଳା ଓ ଶିଶୁ ସୁରକ୍ଷା ୟୁନିଟ୍, ଶ୍ରମ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ନ୍ୟାୟପାଳିକା ଓ ସମାଜର ସମସ୍ତ ବ୍ୟକ୍ତିବିଶେଷ ଏକତ୍ରିତ ହୋଇ କାର୍ଯ୍ୟ କଲେ ଏହି ଘୃଣ୍ୟ କାର୍ଯ୍ୟକୁ ରୋକିବାରେ ଆମେ ସଫଳ ହୋଇପାରିବା। ପୁଲିସ ଭବନଠାରେ 'ମାନବ ଚୋରା ଚାଲାଣ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ପୁଲିସ ଡିଜି ୱାଇ.ବି ଖୁରାନିଆ ଏହା କହିଛନ୍ତି।

ଡିଜି ଶ୍ରୀ ଖୁରାନିଆ କହିଥିଲେ, ମାନବ ଚାଲାଣ କେବଳ ଏକ ଅପରାଧ ନୁହେଁ, ଏହା ମାନବିକ ଅଧିକାରକୁ ଉଲ୍ଲଂଘନ କରିଥାଏ।



ବିଶେଷକରି, ମହିଳା, ଶିଶୁ ଓ ଯୁବବର୍ଗମାନଙ୍କୁ ସେମାନଙ୍କ ସମ୍ମାନ, ସ୍ୱାଧୀନତା ଓ ଭବିଷ୍ୟତରୁ ବଞ୍ଚିତ କରିଥାଏ। ଓଡ଼ିଶାରେ ଯୌନଶୋଷଣ, ବାଧ୍ୟତାମୂଳକ ଶ୍ରମ, ଘରୋଇ ଶିଶୁ ଶ୍ରମ ଏବଂ ଚାକିରି କିମ୍ବା ବିବାହ ଆଳରେ ଯୁବତୀଚାଲାଣ ଭଳି ମାନବଚାଲାଣ ଦେଖିବାକୁ ମିଳିଥାଏ। ଏହାକୁ ରୋକିବାରେ ସମନ୍ୱିତ ମାନବଚାଲାଣ ପ୍ରତିରୋଧ ଶାଖା ଓ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ମାନବଚାଲାଣ ପ୍ରତିରୋଧ ଶାଖାକୁ ଅଧିକ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ସେ ଓଡ଼ିଶାକୁ ମାନବ ଚାଲାଣ ବିରୋଧରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଜି(ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଅବିନାଶ କୁମାର ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘର ଚିଠି

# ମଧ୍ୟାହ୍ନ ଭୋଜନରେ ପନୀର ଓ ଗୁଣ୍ଡ କ୍ଷୀର ମିଳୁ

**ଭୁବନେଶ୍ୱର,୨୪।୧୦(ସମିସ):** ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ସ୍କୁଲ ପିଲାମାନଙ୍କୁ ଅଣ୍ଡା ବଦଳରେ ଫଳ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଫଳ ବଦଳରେ ପନୀର କିମ୍ବା ଗୁଣ୍ଡ କ୍ଷୀର ଦେବା ପାଇଁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ଦାବି କରିଛି। ଆଜି ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ମାଧ୍ୟମରେ କୁହାଯାଇଛି ଯେ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ପନୀର ଓ ଗୁଣ୍ଡ କ୍ଷୀର ଦେଲେ ଏହା କୁପୋଷଣ ଦୂର କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ। ଏହାଦ୍ୱାରା ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବ୍ୟାପକ ହେବ ଏବଂ ଗ୍ରାମାଞ୍ଚଳ ଅର୍ଥନୀତି ସୁଦୃଢ଼ ହେବ। ବିଶେଷକରି ଗ୍ରାମ୍ୟ ମହିଳାମାନେ ସ୍ୱାବଲମ୍ବୀ ହେବା ସାଙ୍ଗକୁ ଓମଫେଡ୍‌ର ବ୍ୟବସାୟ ବୃଦ୍ଧି ପାଇବ। କିନ୍ତୁ ଫଳ ଦେଲେ ଆମ ରାଜ୍ୟର ପଇସା ଆନ୍ଧ୍ର ବେଙ୍ଗଲ ଓ ଅନ୍ୟାନ୍ୟ ବାହାର ରାଜ୍ୟକୁ ଚାଲିଯିବ। ତେଣୁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ପନୀର କିମ୍ବା ଗୁଣ୍ଡ କ୍ଷୀର ଦେବା ପାଇଁ ସରକାର ପଦକ୍ଷେପ ନେବାକୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ ଅଧ୍ୟକ୍ଷ ରବି ବେହେରା, ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଲୁଆ, ଗୌରାଙ୍ଗ ରାଉତ ପ୍ରମୁଖ ଦାବି କରିଛନ୍ତି। ମହାସଂଘର ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ଦସ୍ତଖତରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖା ଯାଇଛି।

## ପାରିବାରିକ କଳହର କରୁଣ ପରିଣତି

# ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

**କପ୍ତିପଦା, ୨୪।୧୦ (ସମିସ):** ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୃତ୍ୟୁ। ଏଭଳି ଏକ ଘଟଣା ଘଟିଛି ଶରତ ଥାନା ଅଧୀନ ପାତାସାହି ଅଞ୍ଚଳରେ। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ଗୁରୁବାରୀ ପୂର୍ତ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ଭଞ୍ଜ ପୂର୍ତ୍ତିକୁ ଗିରଫ କରିଛି। ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ଜଣାଯାଇଛି।

ସୂଚନାନୁଯାୟୀ, ଭଞ୍ଜ କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରିବା ପରେ କୌଣସି କଥାକୁ ନେଇ ଗୁରୁବାରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଭଞ୍ଜ ଉତ୍ତ୍ୟକ୍ତ ହୋଇ ଏକ କାଠଫାଳିଆରେ ଗୁରୁବାରୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏଥିରେ ଗୁରୁବାରୀଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। କିନ୍ତୁ ଗୁରୁତର ଗୁରୁବାରୀଙ୍କୁ ଡାକ୍ତରଖାନାକୁ ନେବା ପରିବର୍ତ୍ତେ ଭଞ୍ଜ ସେଠାରୁ ଫେରାର୍ ହୋଇଯାଇଥିଲା। ପରିବାର ଓ ସାହିପଡ଼ିଶା ଗୁରୁତର ଗୁରୁବାରୀଙ୍କୁ ଉଦ୍ଧାର କରି ମେଡିକାଲ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଶରତ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଛି। ଅନ୍ୟପଟେ ଅଭିଯୁକ୍ତ ସ୍ୱାମୀକୁ ପୁଲିସ ଗିରଫ କରିଛି।

## ନୂଆପଡା ଉପନିର୍ବାଚନ

# ସରିଲା ନାମାଙ୍କନ ପ୍ରତ୍ୟାହାର ଅବଧି: ମଇଦାନରେ ୧୪ ପ୍ରାର୍ଥୀ

**ଭୁବନେଶ୍ୱର/ନୂଆପଡ଼ା,୨୪।୧୦(ସମିସ):** ନୂଆପଡ଼ା ଉପ ନିର୍ବାଚନରେ ମୋଟ ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ ଅଧିକାରୀ। ନୂଆପଡା ବିଧାନସଭା ଉପନିର୍ବାଚନ ନେଇ ଶୁକ୍ରବାର ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଦିବା ୧୧ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ସମୟ ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯାଇଥିଲା। ତେବେ ଏହି ସମୟ ମଧ୍ୟମରେ ଜଣେ ବି ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାନ୍ତି। ଅତଏବ ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବା ନେଇ ନିଶ୍ଚିତ ହୋଇଯାଇଛି। ଏମାନଙ୍କ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳରୁ ୬ ଜଣ ପ୍ରାର୍ଥୀ ଥିବାବେଳେ ୮ ଜଣ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, ବିଜେପିରୁ ଜୟ ଢୋଲକିଆ, କଂଗ୍ରେସରୁ ଘାସିରାମ ମାଝୀଙ୍କ ସହ ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବିଏସପିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନା ମଇଦାନରେ ରହିଛନ୍ତି। ପ୍ରାର୍ଥୀ ପତ୍ର ଯାଞ୍ଚ ସମୟରେ ମୋଟ ୫ଟି ନାମାଙ୍କନ ପତ୍ର ନାକଚ କରାଯାଇଥିଲା।

# ଠାକୁରମୁଣ୍ଡାରେ ମହାବଳ

**ଠାକୁରମୁଣ୍ଡା, ୨୪।୧୦(ସମିସ):** ଶିମିଳିପାଳ କୋର୍ ଅଞ୍ଚଳରୁ ଏକ ମହାବଳ ବାଘ କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ କାଳିଆଜିଆଣି ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲକୁ ପଶି ଆସିଥିବା ସ୍ଥାନୀୟ ଲୋକେ ଗୁରୁବାର

### ପାଦଚିହ୍ନ ଠାବ ପରେ ଲୋକେ ଆତଙ୍କିତ



ଦେଖିବାକୁ ପାଇଛନ୍ତି। ମହାବଳର ପାଦଚିହ୍ନ ପଡ଼ିଥିବା ଖବର ପ୍ରଚାରିତ ହେବା ପରେ ଆଖପାଖ ଗ୍ରାମରେ କୋକୁଆ ଭୟ ଖେଳିଯାଇଛି। ଘଟଣାସ୍ଥଳରେ କରଞ୍ଜିଆ ଡିଏଫ୍‌ଓ ବୈଦ୍ୟନାଥ ମାଝୀ, ଏସିଏଫ୍ ପ୍ରଭାତ କୁମାର କୁଅଁର, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ମହାନ୍ତ ସମେତ ବନ ବିଭାଗର କର୍ମଚାରୀ ପହଞ୍ଚି ବାଘ ପାଦଚିହ୍ନ ଦେଖିଥିଲେ। ପାଦଚିହ୍ନରୁ ତାହା ମହାବଳ ବାଘ ବୋଲି ଜଣାପଡ଼ିଛି। ବାଘର ଗତିବିଧିକୁ ନଜର ରଖିବା ପାଇଁ ଜଙ୍ଗଲ ଭିତରେ ବନ ବିଭାଗ ପକ୍ଷରୁ କ୍ୟାମେରା ଲଗାଯାଇଛି।

# ଦିଲ୍ଲୀରେ ପ୍ରଦର୍ଶିତ ହେବ ବାଲେଶ୍ୱର ଜଉ କଣ୍ଢେଇ ବାହାଘର

**ବାଲେଶ୍ୱର, ୨୪।୧୦ (ସମିସ):** ଦିଲ୍ଲୀରେ ପ୍ରଦର୍ଶିତ ହେବ ବାଲେଶ୍ୱର ଜଉକଣ୍ଢେଇ ବାହାଘର। ଆସନ୍ତା ମାସରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ କଳା ଉତ୍ସବରେ ବାଲେଶ୍ୱର ଟାଉନ୍ ହାଇସ୍କୁଲର

### ଟାଉନ ହାଇସ୍କୁଲର ଛାତ୍ର ସମୀର ଓ ସୂରଜଙ୍କ ସଫଳତା

୧୦ମ ଶ୍ରେଣୀର ଦୁଇ ଛାତ୍ର ସମୀର ବେହେରା ଓ ସୂରଜ ବେହେରା ଏହା ପ୍ରଦର୍ଶିତ କରିବେ। ଏହି ଖବର ଜଣାପଡ଼ିବା ପରେ ବାଲେଶ୍ୱରରେ ଖୁସିର ଲହରୀ ଖେଳିଯାଇଛି।

ସୂଚନାନୁଯାୟୀ, ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ବାଳିକା ହାଇସ୍କୁଲ ପରିସରରେ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ କଳା ଉତ୍ସବରେ ଓଡ଼ିଶାର ୫ଟି ଜୋନ୍‌ରୁ ୧୨ଟି





ବିଭାଗର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବାଲେଶ୍ୱର ଟାଉନ୍ ହାଇସ୍କୁଲର ଛାତ୍ର ସମୀର ଓ ସୂରଜ ବାଲେଶ୍ୱରୀ ଜଉକଣ୍ଢେଇ ବାହାଘର ଦୃଶ୍ୟକୁ ଜଉକଣ୍ଢେଇରେ ତିଆରି କରି ଇଣ୍ଡିଜିନିୟସ୍ ଟୟଜ୍ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେମାନେ ରାଜ୍ୟସ୍ତରୀୟ କଳା ଉତ୍ସବରୁ ଉତ୍ତୀର୍ଣ୍ଣ ହୋଇ ଜାତୀୟସ୍ତରୀୟ କଳା ଉତ୍ସବରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ମାସରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ କଳା ଉତ୍ସବରେ ଯୋଗଦେବା ପାଇଁ ସେମାନେ ମନୋନୀତ ହୋଇଛନ୍ତି। ପ୍ରଥମେ କ୍ଲଷ୍ଟର, ବ୍ଲକ, ଜିଲ୍ଲା ଓ ଉତ୍ତର ଓଡ଼ିଶା ଜୋନାଲସ୍ତରୀୟ ଉତ୍ତୀର୍ଣ୍ଣ କରି ରାଜ୍ୟରେ ପ୍ରଥମ ହୋଇ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଇଣ୍ଡିଜିନିୟସ ଟୟଜ୍ ଜଉକଣ୍ଢେଇରେ ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱରର କଳା ସଂସ୍କୃତିକୁ ଉଚ୍ଚସ୍ଥାନକୁ ନେଇ ଜିଲ୍ଲାକୁ ଗୌରବାନ୍ୱିତ କରିଥିବାରୁ ଛାତ୍ରଦ୍ୱୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ସୁଅ ଛୁଟିଛି। ଜଉକଣ୍ଢେଇ କଳା ସଂସ୍କୃତିର ଅଗ୍ରଦୂତ ଶିଳ୍ପୀ କେଶୁଦାସ, ଗାଇଡ୍ ଟିଚର୍ ସସ୍ମିତା ଗିରି, ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସଙ୍କ ସହ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କର୍ମକର୍ତ୍ତା ପ୍ରମୁଖ ବହୁ ପ୍ରଶଂସା କରିଛନ୍ତି।

# ପ୍ରଣମ୍ୟ ରାଜେନ୍ଦ୍ର...



**ଆଧୁନିକ ଓଡ଼ିଆ କବିତାରେ ଅନନ୍ୟ ରାଜେନ୍ଦ୍ରୀୟ ଶୈଳୀ ଓ ବୈଶିଷ୍ଟ୍ୟ, ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଛି ନବଦିଗନ୍ତ । ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଏକାନ୍ତ ନିଜସ୍ୱ ଥିଲା ରାଜେନ୍ଦ୍ରଙ୍କ କବିତା । ଆବେଗାନୁଭୂତିର ପ୍ରତିଟି କବିତାରେ ପ୍ରସ୍ଫୁଟିତ ହୋଇଉଠିଥାଏ ତାଙ୍କ କବି ବ୍ୟକ୍ତିତ୍ୱ । ତାଙ୍କ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟକ୍ତିତ୍ୱ ଓ ଭାବ ଛଳଛଳ କବିତା ପାଠକଙ୍କୁ ଆନମନା କରିଦିଏ । ଆଧୁନିକ ଓଡ଼ିଆ କବିତାର ଏହି ନାନ୍ଦିକାର ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି । ତାଙ୍କ ସ୍ମୃତିରେ 'ସକାଳ'ର ସ୍ୱତନ୍ତ୍ର ପ୍ରତିବେଦନ ।**

ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା ଥିଲେ ମୋ ଅତି ଆପଣାର ପ୍ରିୟ ମଣିଷ । 'ନର କିନ୍ନର' ଉପନ୍ୟାସର ପାଠକ ହିସାବରେ ପ୍ରଥମେ ସେ ମୁକ୍ତକଣ୍ଠରେ ମୋର ଦ୍ୱିତୀୟ ପୁସ୍ତକ ଘୋଷଣା କରିଥିଲେ । ସେ ମୋର ସାନ ଭାଇ ଭଳି । ମୋ ଜୀବନରେ ଯାହା କିଛି ଅସୁବିଧା ହେଲେ ମୁଁ ତାଙ୍କୁ ପଚାରୁଥିଲି । ସେ ଆଜି ନାହାନ୍ତି ଏକଥା ମୁଁ ବିଶ୍ୱାସ କରି ପାରୁନାହିଁ । ଜଣେ ପରେ ଜଣେ ଆମର ବନ୍ଧୁ ଚାଲି ଯାଉଛନ୍ତି । ଏହାଠାରୁ ଆଉ ବଳି ବଡ଼ କ'ଣ ଦୁର୍ଭାଗ୍ୟ ଥାଇପାରେ ! ସେ ଜଣେ ଅତ୍ୟନ୍ତ ଯୋଗ୍ୟତମ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ମୁଁ ବହୁତ ଦୁଃଖିତ । ତାଙ୍କ ପରିବାରବର୍ଗଙ୍କୁ ସ୍ନେହ, ସହାନୁଭୂତି ପ୍ରକାଶ କରୁଛି । ତାଙ୍କର ଆତ୍ମାର ସଦ୍‌ଗତି ହେଉ ।

**–ଶାନ୍ତନୁ କୁମାର ଆଚାର୍ଯ୍ୟ, କଥାଶିଳ୍ପୀ**

ଅଗ୍ରଜ ରାଜେନ୍ଦ୍ର କିଶୋର ପଣ୍ଡା କେବଳ ଜଣେ ପଥିକୃତ୍ କବି ନଥିଲେ । ଜଣେ ସାରସ୍ୱତ ବ୍ୟକ୍ତିତ୍ୱ ଭାବରେ ତାଙ୍କର ରହସ୍ୟ ଓ ଅବଦାନ ଉଭୟ ଥିଲେ ଓଡ଼ିଆ ଆଧୁନିକ ଜୀବନ ଓ ସମାଜର ଏକ ଅପଠିତ ଗ୍ରନ୍ଥ । ସେ କବି ଭାବରେ ତାଙ୍କର ପ୍ରସିଦ୍ଧି ଛାଡ଼ି ଯାଇଛନ୍ତି । ନିଃସନ୍ଦେହରେ କୁହାଯାଇପାରେ ଯେ, ତାଙ୍କର କବିତ୍ୱର ବିଭା ଏକବିଂଶ ଶତାବ୍ଦୀର ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଏକ ଦିଗବାରେଣି ହୋଇ ପଥପ୍ରଦର୍ଶକ ଭୂମିକାରେ ଅମ୍ଲାନ ରହିଥିଲା ଓ ଆଗକୁ ରହିବ । ତାଙ୍କର ତିରୋଧାନ ଓଡ଼ିଆ ସାହିତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଲେ ଯଥେଷ୍ଟ ହେବ ନାହିଁ । ସେ ଥିଲେ ସୃଜନର ଔଦାର୍ଯ୍ୟ ଗାମ୍ଭୀର୍ଯ୍ୟର ଏକ ରୂପକ । ତାଙ୍କର ତୁଳନା ନାହିଁ କି ପଟାନ୍ତର ନାହିଁ ।

**–ହର ପ୍ରସାଦ ଦାସ, କବି**

ଏଇ ଗତକାଲି ତାଙ୍କ ବିଷୟରେ କଥା ହେଉଥିଲୁ । କହିଲି – ଶୈଳକଳ୍ପ ଏବେ ଡାକ୍ତରଖାନାରେ, ଏକୁଟିଆ । ନାନା ବାୟାଗୀତ ଗାଉଛନ୍ତି ନିଜ ସହ ଆଳାପ କରୁଛନ୍ତି । ମନେ ମନେ ଭାବୁଛନ୍ତି କି,ସେ ଶ୍ରୀରାମଚନ୍ଦ୍ର ଭବନରେ ତାଙ୍କର ତୈଳଚିତ୍ରଟିଏ କେଉଁ ଉତ୍ତରାଧିକାରୀ ଜଣକ ଟାଙ୍ଗି ଦେବ । ଅମରତ୍ୱର ଗଳାରେ ଫୁଲମାଳଟି ରସି ଖଣ୍ଡିଏ ହୋଇଯିବ, ଅଦୃଶ୍ୟ ହୋଇଯିବ ରୂପ । ତାଙ୍କ ବ୍ୟକ୍ତିତ୍ୱ ଏମିତି- ଆଖିରେ ମର୍ମଭେଦୀ ଓଜ, ତୁଣ୍ଡରେ ମେଘ ଗରଜନ ପରି ନାଦ, ଚାଲିରେ ହଂସ ଗତି । ଏବଂ, ଅଭିବ୍ୟକ୍ତିରେ ପାଣ୍ଡିତ୍ୟ ଓ ସ୍ୱାଭାବିକତାର ସହୃଦୟ ବର୍ଣ୍ଣମାଳା, ଅଛନ୍ଦ-ରସିକତା, ଯେପରି ସରସ୍ୱତୀଙ୍କର ସଦା ସ୍ତନ୍ୟପାୟୀ ଗେହ୍ଲାପୁଅ । ସେଥିପାଇଁ ସେ ସମକାଳୀନ ପ୍ରତିଭାମାନଙ୍କ ମଧ୍ୟରେ ସବୁଜ ଓ ସ୍ୱତନ୍ତ୍ର । ତାଙ୍କୁ ପ୍ରଣାମ ।

**–ଗୌରାଙ୍ଗ ଚରଣ ଦାଶ, ସମାଲୋଚକ**

ରାଜେନ୍ଦ୍ର ପଣ୍ଡା ଓଡ଼ିଆ କବିତାର ଏକ ଅନତିକ୍ରମ୍ୟ ସ୍ୱର। କବିତା ଲିଖନ ଓ ଆବୃତ୍ତିର ଚମତ୍କାର ସମନ୍ୱୟ ଥିଲା ତାଙ୍କ କବିତାରେ। ତାଙ୍କର ଅବର୍ତ୍ତମାନ ଓଡ଼ିଆ କବିତା ତଥା ନୂତନ ଗଦ୍ୟଶୈଳୀରେ ଆଣି ଦେଲା ଏକ ଦୀର୍ଘ ବିରାମ ଓ ଶୂନ୍ୟ ସ୍ଥାନ। ସେ ଆମମାନଙ୍କୁ ଛାଡ଼ିଗଲା ଯାଏ ବି ଥିଲେ ଲେଖାଲେଖିରେ ସକ୍ରିୟ। ଏହି ମହାନ କବ୍ୟାତ୍ମାର ପୃଥିବୀରେ ପୁନର୍ଜନ୍ମ ହେଉ। ସେ ବାରମ୍ବାର ଆମ ଗହଣ କୁ ଆସୁ ଥାନ୍ତୁ।

**–ଅଜୟ ସ୍ୱାଇଁ, କଥାକାର**

ଯଶସ୍ୱୀକବି ରାଜେନ୍ଦ୍ର କିଶୋର ପଣ୍ଡା ଥିଲେ ଆଧୁନିକ ଓଡ଼ିଆ କବିତାର ଦିଗନିର୍ଦ୍ଦେଶକ। ବୌଦ୍ଧିକ ଚେତନା ସହ ମାନବିକ ଆବେଦନରେ ରାଜେନ୍ଦ୍ରଙ୍କ ସାହିତ୍ୟ ଯେପରି ମୁଖରିତ ହୋଇଥିଲା ତାର ପଟାନ୍ତର ନାହିଁ। କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରୁଛି।

**–ଡ. ବିଜୟାନନ୍ଦ ସିଂହ, ସାହିତ୍ୟିକ**

ସ୍ପର୍ଦ୍ଧା ଓ ଅହଂର ଇସ୍ତାହାର ଯେ କବିତାର କଳେବର ହେଇପାରେ, ଶିଖେଇଛନ୍ତି ଆପଣ। ଶିଖରରେ ପହଞ୍ଚିଗଲେ ଯେ, ସରିଯାଏନି ରାସ୍ତା ବରଂ ତିଆରି ହୁଏ ନୂଆ ବାଟବିତାଣର ସମ୍ଭାବନା- ସେକଥା ମଧ୍ୟ ବତେଇଛନ୍ତି ଆପଣ। ଜଣକର ଅହଂକାର 'ଅହମିକା' ହେଲେ, ଦୁଇଜଣଙ୍କର ଅହଂକାର 'ଆବାମିକା' ହେବ ଭଳି ଅନେକ ନୂଆ ଶବ୍ଦ ପ୍ରୟୋଗ କରି କାବ୍ୟ ଭାଷାର ଅବଧାନ ହେଇଛନ୍ତି ଆପଣ। ବୁଡ଼ି ଅଞ୍ଚଳର ଜୀବନଦରଜକୁ ଡେଇଁ ପ୍ରତିପକ୍ଷରେ ଠିଆ ହେବାର ଟାଣପଣ ସହକବିମାନଙ୍କୁ ଜଣେଇଛନ୍ତି ଆପଣ।

ଆପଣଙ୍କ ସହିତ ଏକାଠି କାମ କରିବାର ସୁଯୋଗ ପାଇଛି। ପତ୍ରିକା ସମ୍ପାଦନା ବେଳେ ତାରୁଣ୍ୟର ସ୍ୱାଭାବିକ ଉଚ୍ଚାଟନରେ କେତେକ ପ୍ରସଙ୍ଗରେ ଯୁକ୍ତି ମଧ୍ୟ କରିଛି। ଯାହାର ଯୁକ୍ତି ଉଚିତ ଓ ପ୍ରାସଙ୍ଗିକ, ତାକୁ ଇ ଶେଷରେ ମାନିନେଇଛନ୍ତି ଆପଣ। ଚିତ୍ର ପ୍ରତି ଆପଣଙ୍କ ଦୁର୍ବଳତା, ମୁକ୍ତ ଚିନ୍ତନ ପ୍ରକାଶ କ୍ଷେତ୍ରରେ ଆପଣଙ୍କ ସାହସିକତା, ଓଡ଼ିଆ କାବ୍ୟ ଭାଷାରେ ନୂତନତ୍ୱ ତଥା ଓଡ଼ିଆ କବିତାର ନୂଆ ଅଭିଧାନ ନିର୍ମାଣ ପାଇଁ ପ୍ରୟାସୀ ହୋଇଛନ୍ତି ଆପଣ। ଏତେ ସହଜ ଓ ସନ୍ତର୍ପଣରେ କବି କି କବିତା କ'ଣ ନେଇପାରେ ବିଦାୟ! ଆପଣ ଅଛନ୍ତି। ଆପଣ ରହିବେ। ଆପଣ ଥାଆନ୍ତୁ।

**–ଜ୍ଞାନୀ ଦେବାଶିଷ ମିଶ୍ର**
**ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**


## ରାଜେନ୍ଦ୍ରଙ୍କ ସୃଜନ ସମ୍ଭାର

**କବିତା :** ଗୌଣ ଦେବତା, ୧୯୭୫, ଅନାବତାର, ୧୯୭୬, ଘୁଣାକ୍ଷର, ୧୯୭୭, ଶତଦ୍ରୁ ଅନେକ, ୧୯୭୭, ନିଜ ପାଇଁ ନାନାବାୟା, ୧୯୮୦, ଚଉକାଠରେ ଚିରକାଳ, ୧୯୮୧, ଶୈଳକଳ୍ପ, ୧୯୮୨, ଅନ୍ୟା, ୧୯୮୮, ବହୁବ୍ରୀହି, ୧୯୯୧, ବୋଧିନଭ, ୧୯୯୪, ଦ୍ରୋହବାକ୍ୟ, ୨୦୦୩, ଦୁଜା ନାରୀ, ୨୦୦୩, ବୈରାଗୀ ଭ୍ରମର, ସତ୍ୟୋତ୍ତର, ୨୦୦୩, ବହ୍ୱାରମ୍ଭେ, ୨୦୦୩, ସାଦା ପୃଷ୍ଠା ( ଗ୍ରନ୍ଥାବଳୀ) ।

### ଉପନ୍ୟାସ
ଚିଦାଭାସ, ୧୯୯୯

### ଅନୂଦିତ କବିତା
(ଇଂରାଜୀ)
Collected Poems, ୨୦୦୩
Collected Works (ସି.ଡି.)

### ସମ୍ପାଦନା
(ଇଂରାଜୀ)
Indian English Poetry
Indian Poetry in English Translation




## ପୁରସ୍କାର ଓ ସମ୍ମାନ

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୮୫ ('ଶୈଳକଳ୍ପ' କବିତା ପୁସ୍ତକ ନିମନ୍ତେ)
ବିଷୁବ ପୁରସ୍କାର, ୨୦୦୪ (ପ୍ରଜାତନ୍ତ୍ର ପ୍ରଚାର ସମିତି,କଟକ)
ସାରଳା ସମ୍ମାନ, ୨୦୨୧ (ସାରଳା ସାହିତ୍ୟ ସଂସଦ,କଟକ)
ଗଙ୍ଗାଧର ଜାତୀୟ ସମ୍ମାନ, (ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର, ବୁର୍ଲା) (୨୦୧୨)
ଶାରଳା ପୁରସ୍କାର (ଗ୍ରହଣ କରିନଥିଲେ) (ଇମ୍ପା ଚାରିଟେବୁଲ ଟ୍ରଷ୍ଟ, ଭୁବନେଶ୍ୱର, ୧୯୯୫)
ଝଙ୍କାର ପୁରସ୍କାର (କବିତା) (ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ) ୧୯୯୪
ସାହିତ୍ୟ ଭାରତୀ ସମ୍ମାନ, (ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ, କଟକ) ୨୦୦୪
ସାହିତ୍ୟ ପାଇଁ ସଚ୍ଚି ରାଉତରାୟ ସମ୍ମାନ, (ଭୁବନେଶ୍ୱର ପୁସ୍ତକ ମେଳା) ୨୦୦୫
କବିତା ପାଇଁ ଜୀବନ ତରଙ୍ଗ ପୁରସ୍କାର, (ଜୀବନ ତରଙ୍ଗ ଜର୍ଣ୍ଣାଲ) ୧୯୯୧
ସାହିତ୍ୟ ପୁରସ୍କାର, ଭାରତୀୟ ଭାଷା ପରିଷଦ, କଲିକତା - ୧୯୮୯
ସାହିତ୍ୟ ପୁରସ୍କାର, ଧରିତ୍ରୀ ସମାଜବାଦୀ ପୁରସ୍କାର - ୧୯୭୭
ପଦ୍ମଚରଣ ପଟ୍ଟନାୟକ କବିତା ପୁରସ୍କାର (ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର) ୧୯୬୪
ସାହିତ୍ୟ ପାଇଁ ବୟୋଜ୍ୟୋଷ୍ଠ ଫେଲୋସିପ୍ (ସଂସ୍କୃତି ବିଭାଗ, ଭାରତ ସରକାର, ଏପ୍ରିଲ ୧୯୯୪-୯୬)
ଡି.ଲିଟ୍, ୨୦୦୪ (ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା, ସମ୍ବଲପୁର)
ରାଜ୍ୟପାଳ ପୁରସ୍କାର ସମ୍ମାନ (ଓଡ଼ିଆ ରାଜ୍ୟ ସଂସ୍କୃତି କାଉନସିଲ) ୧୯୯୩

## ପ୍ରିୟ ସହକବି!

—ରାଜେନ୍ଦ୍ର କିଶୋର ପଣ୍ଡା



କଲମ ଲାଗି ବଲମ ଉଠାଇବା କିଆଁ?

ବୁନ୍ଦାଏ କଣାଏ ଦାନାଏ-
କ'ଣ ବା ଦେଇପାରିଛେ ନୂଆ?
ସଦ୍ୟ ଛିଡ଼ିପଡ଼ିଥିବା ଫୁଲକୁ ଝଜି ଦେଇପାରିଛେ
ଡେଂଫ ସହିତ? ଲୁହକୁ ଫେରାଇ ପାରିଛେ ଆଖିକୁ?
କିଛି ଗୋଟେ ମୁଠେଇ ଧରି ଟେକି
'ଯାଃ' ବୋଲି ଉଡ଼େଇ ଦେଇ ହୋଇଚି ସୃଷ୍ଟି ବାହାରକୁ?
କବିତାର ପ୍ରୟାସ କ'ଣ ଛୁଇଁପାରିଚି ତାର ସଂଭାବନାକୁ?

ବେଳେ ବେଳେ କଣ ଲାଗେନା-
ଜୀବନ ଏକ ପୃଷ୍ଠାବହୁଳ ପରାଜୟ
ଯାହାର ପ୍ରତି ଅଧ୍ୟାୟ ପ୍ରତି ପରିଚ୍ଛେଦ ପ୍ରତି ବାକ୍ୟରେ
ଦୃଷ୍ଟି ଭ୍ରମରେ ଦିଶେ କେବଳ ଗୋଟିଏ ଶବ୍ଦ: 'ବିଜୟ?'

ନା, ଏଠି ହାରଜିତ ନାଇଁ, ସାମ୍ରାଜ୍ୟ ନାଇଁ, ସିଂହାସନ ନାଇଁ
ଶିଖର ବୋଲି କିଛି ନାଇଁ
କହୁଣେଇ ଉହ୍ନକ ନାଇଁ, ଆସ,
ହାତ ମିଳାଅ, ବୁକୁ ମିଳାଅ ।

ଧାନଶିଷାରେ ଆହୁରି କ୍ଷୀର, ତୁତ୍‌ପୋକଠି ଆହୁରି ରେଶମ
ଅରଣି ଭିତରେ ଆହୁରି ନିଆଁ
ଆଖୁ ଭିତରେ ମହୁ ଭିତରେ ଆହୁରି ମିଠା
ଶଳପ ଗଛରେ ଅଧିକା ରସ
ଆକାଶ ଭିତରେ ଆହୁରି ନୀଳିମା, ଆହୁରି ଚଂଦ୍ରିକା

ମଣିଷ ଭିତରେ ଆହୁରି ଆହୁରି ମାନବିକତା
ଭରିଦେ ଭରିଦେ ବୋଲି
ଆଜ୍ଞା ଦେଇପାରିବାନି ସିନା, ପ୍ରାର୍ଥନା କରିବା, ଆସ ।

କଲମ ନଇଁଗଲେ ବଲମ ଉଠାଇବା କିଆଁ?
ସ୍ୱେଚ୍ଛାରେ ଜଳେ ଆଉ ନିଭିଯାଏ ଭିତରର ନିଆଁ ।
କବିତା ଯୁଦ୍ଧ ନୁହେଁ ପ୍ରେମ,
ଖେଳ ଆମ ଆରୋହଣ ନୁହେଁ ରିଲେ-
ଦୌଡ଼ି ଦୌଡ଼ି ନିର୍ଦ୍ଦିଷ୍ଟ ଗୋଟିଏ ବିନ୍ଦୁରେ
ଅପେକ୍ଷମାଣ ତରୁଣ ଖେଳୁଆଡ଼କୁ
କଲମଟି ବଢ଼ାଇ ଦେଲେ ଆମର ଛୁଟି ।

## ପତ୍ରିକା ପରିଚୟ




### ମୋ ଆଶା

**ସଂପାଦକ: ସୁମନ୍ତ ମହାରଣା**
**ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬**
**ମୂଲ୍ୟ: ୨୦ ଟଙ୍କା**

ତ୍ରୈମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା' ଅକ୍ଟୋବର-ଡିସେମ୍ବର ୨୦୨୫ ସଂଖ୍ୟା ବେଶ୍ ଆକର୍ଷଣୀୟ ହୋଇଛି । ସୁମନ୍ତ ମହାରଣାଙ୍କ ସଂପାଦିତ 'ମୋ ଆଶା'ର ଏହି ସଂଖ୍ୟାରେ ଶିଶୁକିଶୋରଙ୍କ ମନଲାଖି କବିତା,ଗପ, ପୌରାଣିକ କାହାଣୀ, ରମଣୀୟ ପର୍ଯ୍ୟଟନ ପୀଠ ଆଦି ବିଭିନ୍ନ ଲେଖା ପ୍ରକାଶ ପାଇଛି । ଶରତ କୁମାର ନାୟକଙ୍କ 'ମାଆ ରାମଚଣ୍ଡୀ'ରେ କୋଣାର୍କ ନିକଟସ୍ଥ ମାଆ ରାମଚଣ୍ଡୀ ପୀଠର ମାହାତ୍ମ୍ୟ, କିମ୍ବଦନ୍ତୀ, ପୂଜାପାର୍ବଣ ଆଦି ସଂପର୍କରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି । ସେହିପରି ଦେବେନ୍ଦ୍ର କରଙ୍କ 'ଅଧର୍ମର ପରାଜୟ', ଅର୍ଜୁନ ଦାସଙ୍କ 'ପାପ ବିନାଶର କାରଣ', ଡ. ଯୁଗଳ କିଶୋର ଷଡ଼ଙ୍ଗୀଙ୍କ 'ସଳିତାଟି ହୋଇ ଅନ୍ଧାର ନାଶ', କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ 'ପୃଥିବୀର ଦୁଃଖ', ଡ. ତ୍ରିନାଥ ପଟ୍ଟନାୟକଙ୍କ 'ଗୁରୁଙ୍କ ସନ୍ଦେଶ' ଆଦି ଗପଗୁଡ଼ିକ ମନଛୁଆଁ ଓ ଶିକ୍ଷଣୀୟ ହୋଇଛି । ସେହିଭଳି କମଳିନୀ ମଲ୍ଲିକଙ୍କ 'ଆସୁଛନ୍ତି ପରା ମାଆ', ବ୍ରଜ ବିହାରୀ ସୁବୁଦ୍ଧିଙ୍କ 'ମାଆଙ୍କର ଆଗମନ', ନିରାକାର ଚଇନିଙ୍କ 'ସୁଖରେ କରିବା ବାସ' କବିତାଗୁଡ଼ିକ ହୃଦୟସ୍ପର୍ଶୀ ଓ ଭାବଗର୍ଭକ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି ଆମ ପ୍ରତିଭା, କୁନି ମଡେଲ୍, ଆମ ହାତ ଅଙ୍କା ଛବି ଆଦି ଲେଖା ଓ ଚିତ୍ର ବେଶ୍ ସୁନ୍ଦର ଓ ମନଲୋଭା ହୋଇଛି । 'ମୋ ଆଶା'ର ଏହି ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ଧରମ ମାସ


ପୁଷ୍ପଲତା ସାହୁ

କାର୍ତ୍ତିକ ମାସରେ ମଙ୍ଗଳ ଆଳତି
ପୂଜାରୀ କରନ୍ତି ମନ୍ଦିରେ
ପାହାନ୍ତା ପହରୁ ନିଦ ଭାଙ୍ଗି ଯାଏ, ହୁଳହୁଳି ଶବଦରେ
ଧରମ ମାସ ଏ ଧରମ କରିବି, ଧାଇଁ ଯାଏ ମନ୍ଦିରକୁ
ତୁଳସୀ ଚଉରା ଧୋଇ ଦେଇ କରି
ଲେଖି ଦିଏ ମୁରୁଜକୁ
ଜଗତର ନାଥ ଜଗନ୍ନାଥ ଆଉ, ମାଆ ସୁଭଦ୍ରାର ରୂପ
ଆଙ୍କି ଦିଏ ପୁଣି ପ୍ରଭୁ ବଳଭଦ୍ର
ଜାଳି ଦେଇ ଘିଅ ଦୀପ
ପଞ୍ଚୁକ ଦିନରେ ହବିଶ୍ୟ କରେ ମୁଁ
ତୁଳସୀ ଚଉରା ମୂଳେ
ଆକାଶଦୀପ ମୁଁ ଜାଳି ଦେଇ କରି
କାର୍ତ୍ତିକ ମାହାତ୍ମ୍ୟ ପଢ଼େ
ଧରମର ଡଙ୍ଗା ତିଆରି କରେ
କଦଳୀ ପାଟୁଙ୍ଗା ଆଣି
ଅରୁଆ ଚାଉଳ, ସାରୁ ମୁଗ ଡାଲି
(ଆ, କା, ମା,ବୈ) ହବିଷ୍ୟ କରିବେ ବୋଲି
ଧରମ ଡଙ୍ଗା ହେ ଧରମ ଡଙ୍ଗା
ଗୁଆ ପାନ ତୋର, ମାସକ ଧରମ ମୋର । ■



କଟକ
ମୋ- ୮୨୫୮୩୨୧୯୭୧

## ମହା କାର୍ତ୍ତିକ


ରାମଚନ୍ଦ୍ର ବେହେରା


ଧରମ ମାସ ମହା କାର୍ତ୍ତିକ
ଆସିଛି ଧରା କୋଳେ
ଆଇ ପାଳଇ ହବିଷ ବ୍ରତ
ବସି ତୁଳସୀ ମୂଳେ ।
ସକାଳୁ ସ୍ନାନ କରି ସଭିଏଁ
ଶିବାଳୟକୁ ଯାଇ
ଭୋଳାନାଥଙ୍କୁ ପୂଜନ୍ତି ଧ୍ୟାନେ
ଶୁଭ ଆଶିଷ ପାଇଁ ।
ଶିରୀମନ୍ଦିର ହୁଏ ଗହଳି
ଏଇ କାର୍ତ୍ତିକ ମାସେ
ପଞ୍ଚୁକ କାଳେ ଚଉଁରା ପାଶେ
ଆକାଶ ଦୀପ ହସେ ।
ଆମିଷ କେହି ଖାଆନ୍ତି ନାହିଁ
କରନ୍ତି ଦାନ ପୂଣ୍ୟ
ରାଧାକୃଷ୍ଣଙ୍କ ରାହାସ ହୁଏ
ପଞ୍ଚୁକ ପାଞ୍ଚ ଦିନ ।
ଚଉଁରା ମୂଳେ ପଞ୍ଚ ମୁରୁଜ
ମନକୁ ନିଏ କିଣି
ସକାଳୁ ଜନେ ଦାଣ୍ଡ ଓଳାନ୍ତି
ଶୁଭଇ ଘଣ୍ଟ ଧ୍ୱନି ।
ଧରମ ମାସେ ଧରମ କାମ
କରିବା ଆସ ମିତ
ଆବର୍ଜନାକୁ ଭୂଇଁରେ ପୋତି
କରିବା ଜନ ହିତ । ■

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ସୁମନ


## ଦେବାରେ ଆନନ୍ଦ




ଡକ୍ଟର ରବିନାରାୟଣ ସାହୁ

ଥରେ ଜଣେ ଶିଷ୍ୟ ତାଙ୍କ ଗୁରୁଙ୍କ ସହିତ ଚାଲି ଚାଲି ରାସ୍ତାରେ ଯାଉଥାନ୍ତି। ବାଟରେ ଯାଉ ଯାଉ ଚାଷ ଜମିଟିଏ ପଡ଼ିଲା। ସବୁଜ କ୍ଷେତ ଦେଖୁ ଦେଖୁ ଶିଷ୍ୟ ଜଣଙ୍କ ଖୁସିରେ ଆତ୍ମହରା ହୋଇଗଲେ। ଗୁରୁଙ୍କ ସହିତ କଥା ହୋଇ ଯିବାବେଳେ ଶିଷ୍ୟଙ୍କ ନଜର ପଡ଼ିଗଲା ହିଡ଼ ମୁଣ୍ଡରେ ଥିବା ଏକ ପୁରୁଣା ଅଧା ଛିଣ୍ଡା ଜୋତା ଉପରେ। ଜୋତାଟି କ୍ଷେତରେ କାମ କରୁଥିବା ଜଣେ ଚାଷୀଙ୍କର ଥିଲା। ତହୁଁ ଶିଷ୍ୟ ଜଣଙ୍କ ଗୁରୁଙ୍କୁ ପୁରୁଣା ଛିଣ୍ଡା ଜୋତାଟି ଲୁଚେଇ ଦେଇ ହିଡ଼ କଡ଼ରେ ବସି ଚାଷୀର ମଜା ଦେଖିବାକୁ କହିଲେ। ଗୁରୁ କିନ୍ତୁ ମନାକଲେ। କହିଲେ, "ଗରିବ ଚାଷୀଟିର ଜୋତାଟି ଲୁଚେଇ ନେଇ ମଜା ଦେଖିବା ଆଦୌ ଶୋଭନୀୟ ନୁହେଁ। ବରଂ ଦୁଇ ଜୋତା ଭିତରେ କିଛି ଟଙ୍କା କପଡ଼ାରେ ବାନ୍ଧି ରଖିଦେବା, ଦେଖିବା ହଠାତ୍ ଜୋତା ଭିତରେ ଏତେ ଗୁଡ଼ିଏ ଟଙ୍କା ଦେଖି ଚାଷୀର ପ୍ରତିକ୍ରିୟା କ'ଣ ହେଉଛି! ଏଇଆ ଚିନ୍ତା କରି କିଛି ଟଙ୍କା କପଡ଼ାରେ ଗୁଡ଼ାଇ ଜୋତା ଭିତରେ ରଖିଦେଲେ ଓ ହିଡ କଡ଼ରେ ଚାଷୀ ଜଣକ ଆସିବା ପର୍ଯ୍ୟନ୍ତ ଦୁହେଁ ଅପେକ୍ଷା କଲେ। କିଛି ସମୟ ପରେ ଚାଷୀ ଜଣକ ଆସି ଜୋତା ଭିତରେ ବାମ ପାଦ ରଖୁ ରଖୁ ଜୋତାରେ କ'ଣ ଗୋଟାଏ ଥିବା ଜାଣି ପାରି ହାତରେ କାଢ଼ି ଟଙ୍କା ତକ ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ଦ୍ୱିତୀୟ ଜୋତା ଭିତରେ ବି ଟଙ୍କା ତକ ପାଇ ତାଙ୍କର ଆଶ୍ଚର୍ଯ୍ୟର ସୀମା ଆହୁରି ବଢ଼ିଗଲା। ହିଡ଼ରେ ବସି ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ଚାଷୀ ଜଣକ କହିଲେ,"ହେ ପ୍ରଭୁ ଘରେ ମୋ ରୋଗିଣା ସ୍ତ୍ରୀକୁ ଡାକ୍ତରଖାନା ନେବାକୁ ପାଖରେ ପଇସା ନ ଥିଲା। ତମେ ଯୋଉ ଟଙ୍କା ଆଜି ମୋ ଜୋତା ଭିତରେ ରଖିଦେଲ ସେଥିପାଇଁ ବହୁତ ବହୁତ ଧନ୍ୟବାଦ। ତମେ ମୋ ସ୍ତ୍ରୀକୁ ବଞ୍ଚେଇ ଦେଲ ପ୍ରଭୁ। ମୋ ଉଜୁଡ଼ା ପରିବାରକୁ ସଜାଡ଼ି ଦେଲ।" ଏତିକି କହି ଖୁସିରେ ହିଡ଼ ଉପରେ ବସି ସେ ଭଗବାନଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟିଏ ମାରିଲେ ଓ ଟଙ୍କାତକ ଧରି ସ୍ତ୍ରୀକୁ ଡାକ୍ତରଖାନା ନେବାକୁ ବାହାରି ପଡ଼ିଲେ। ସିଏ ଯିବା ପରେ ହିଡ଼ କଡ଼ରେ ବସିଥିବା ଗୁରୁ ଶିଷ୍ୟ ଉଠି ଉପରକୁ ଆସିଲେ। ଗୁରୁ କହିଲେ, "ଦେଖିଲୁ ତ, ଟଙ୍କା କେତୋଟି ରଖି ଦେବାରୁ ଚାଷୀ ଜଣକ କେତେ ଖୁସି ହୋଇ ନେଇଗଲା। ଆଉ ଟଙ୍କାତକ ତା' ଉଜୁଡ଼ା ସଂସାରକୁ କେମିତି ସଜାଡ଼ି ଦେଲା। ଜୋତାଟିକୁ ନେଇ ଆସି ଲୁଚେଇ ଦେଇଥିଲେ କ'ଣ ହେଇଥାନ୍ତା? ଆମେ ତା' ମନରେ ଦୁଃଖ ଦେଇଥାନ୍ତେ। କାରଣ ଆମକୁ ଛିଣ୍ଡା ବୋଲି ଲାଗିଲେ ବି ତା' ପାଇଁ କିନ୍ତୁ ସେଇ ଜୋତା ହଳକ ଥିଲା ମୂଲ୍ୟବାନ। ଜୋତା ନେଇ ଆସିଥିଲେ ସେ ମନଦୁଃଖ କରିଥାନ୍ତା। ଆମେ ଟଙ୍କା ଦେବାରୁ ସିଏ ଯେଉଁ ଖୁସି ଟିକକ ପାଇଲା ସେଇଥିରେ ଆମ ମନ ବି ଖୁସି ହୋଇଗଲା। ତେଣୁ ନେବାରେ ନୁହେଁ ଦେବାରେ ଆନନ୍ଦ ଥାଏ। ଯିଏ ଦେଇଚାଲେ ସିଏ ଖୁସି ଓ ଆନନ୍ଦ ଗୋଟେଇ ଚାଲେ। ତେଣୁ ପିଲାଏ କାହାଠାରୁ କିଛି ନେବା ବା ପାଇବା କଥା ଭୁଲି ଦେବାକୁ ଚେଷ୍ଟା କର, ଦେଖିବ ସେଥିରୁ ପ୍ରକୃତ ଆନନ୍ଦ ପାଇବ। ■

ସ୍ମୃତି ନଗର, ବରଗଡ଼
ମୋ- ୯୮୬୧୦୮ ୯୩୪୮




ସ୍ୱୟଂ ସ୍ନିଗ୍ଧା ମହାନ୍ତି
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନିମାପଡ଼ା




ନବ୍ୟା ନବେଲି ମହାନ୍ତି
ଦଶମ ଶ୍ରେଣୀ
ସଲ୍ଟ ଲେକ୍ ଶିକ୍ଷା ନିକେତନ
କୋଲକାତା




ଇଭାଂଶୀ ମିଶ୍ର
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର




ଲକ୍ଷ୍ମୀପ୍ରିୟା ଦାସ
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ଭୁବନେଶ୍ୱର

### ଆଜି ଶେଷ ଦିନିକିଆ : ବିରାଟ କୋହଲିଙ୍କ ଉପରେ ନଜର

# କ୍ଲିନ୍ ସୁଇପ୍ ଏଡ଼ାଇବା ଲକ୍ଷ୍ୟରେ ଭାରତ

ସିଡନୀ,୨୪।୧୦(ଏଜେନ୍ସି)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତାକାଲି ଖେଳାଯିବ। ଏହା ପୂର୍ବରୁ ପର୍ଥରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ୭ ୱିକେଟରେ ଓ ଆଡିଲେଡ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆକୁ ୨ ୱିକେଟରେ ଜିତି ଅଷ୍ଟ୍ରେଲିଆ ଆଗୁଆ ସିରିଜ୍ କବ୍‌ଜା କରିନେଇଛି। ଏଭଳି ସ୍ଥିତିରେ ଆସନ୍ତାକାଲି ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଉଭୟ ଦଳ ଭଲ ଖେଳିବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍ ଜିତିଲେ ଭାରତ କ୍ଲିନ୍ ସୁଇପ୍‌କୁ ଏଡ଼ାଇଯିବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଜିତିଲେ ଭାରତ ବିପକ୍ଷରେ ଐତିହାସିକ କ୍ଲିନ୍ ସୁଇପ୍ କରିବ। ୨୦୨୧-୨୨ରୁ ଭାରତ ଏଯାଏ କ୍ରମାଗତ ୩ଟି ମ୍ୟାଚ୍‌ରେ ପରାଜିତ ହୋଇନାହିଁ। ଏଠାରେ ଅଷ୍ଟ୍ରେଲିଆ ଜିତିଲେ ୩ବର୍ଷ ପରେ ଭାରତ କ୍ରମାଗତ ୩ଟି ଦିନିକିଆ ମ୍ୟାଚ୍‌ରେ ହାରିବାର ରେକର୍ଡ କରିବ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ଭାରତ ଯେଉଁ ଯୋଜନା କରିଥିଲା ସେଥିରେ ସଫଳ ହୋଇପାରିନାହିଁ। ଦଳରେ ଦୁଇ କିଂବଦନ୍ତି ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଥାଇ ମଧ୍ୟ ପ୍ରଦର୍ଶନରେ ସେପରି କିଛି ଉନ୍ନତି ହୋଇନାହିଁ। ଶୁବମନ ଗିଲ ନୂଆ ଅଧିନାୟକ ହୋଇଥିଲେ ମଧ୍ୟ ଟେଷ୍ଟ ଭଳି ସେ ଧମାକାଦାର ଆରମ୍ଭ କରିନାହାନ୍ତି। ପ୍ରଥମ ଦୁଇଟି ଦିନିକିଆରେ ସେ ଯଥାକ୍ରମେ ୧୦ ଓ ୯ ରନ୍ କରିଛନ୍ତି ଓ ଉଭୟ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଛି। ଦ୍ୱିତୀୟ ଦିନିକିଆରେ ଗୋଟିଏ ପଟେ ରୋହିତ ଶର୍ମା ତିଷ୍ଠିରହିଥିଲେ ମଧ୍ୟ ଗିଲ ଆଗକୁ ଯାଇ ପାରି ନ ଥିଲେ। ଦଳର ଦୁଇ ବରିଷ୍ଠ ଖେଳାଳିଙ୍କ ମଧ୍ୟରୁ ବିରାଟ କୋହଲି ତାଙ୍କ ଦିନିକିଆ କ୍ୟାରିୟରରେ ପ୍ରଥମଥର କ୍ରମାଗତ ମ୍ୟାଚ୍‌ରେ ଖାତା ଖୋଲିନାହାନ୍ତି। ଅନ୍ୟତମ ବରିଷ୍ଠ ଖେଳାଳି ରୋହିତ ଶର୍ମା ଦ୍ୱିତୀୟ ମ୍ୟାଚ୍‌ରେ ୭୩ ରନ୍ କରି ଟପ୍ ସ୍କୋରର ହୋଇଛନ୍ତି। ଉଭୟଙ୍କ ଲାଗି ଅଷ୍ଟ୍ରେଲିଆ ମାଟିରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବା ଆସନ୍ତାକାଲିର ମ୍ୟାଚ୍ ଶେଷ ସୁଯୋଗ। ଏଣୁ ଉଭୟ କିଛି ଭଲ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଟୁର୍ ଶେଷ କରିବେ ବୋଲି ଆଶା କରାଯାଉଛି। ଭାରତର ବୋଲିଂ ମଧ୍ୟ ପ୍ରଥମ ଦୁଇଟି ମ୍ୟାଚ୍‌ରେ କ୍ଲିକ୍ କରିନାହିଁ। ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କୁ ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ସିଡ୍‌ନୀ ଗ୍ରାଉଣ୍ଡରେ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଏପରି କି ହର୍ଷିତ ରାଣାଙ୍କ ସ୍ଥାନରେ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଖେଳିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଗିଲଙ୍କ ନେତୃତ୍ୱର ମନ୍ଥର ଗତିରୁ ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ସେ କିପରି ସଫଳତାର ସ୍ୱର୍ଶ ପାଇବେ ତାହା ଉପରେ ନିଶ୍ଚିତ ଗୁରୁତ୍ୱ ଦେବେ।



ମ୍ୟାଚ୍ ଆରମ୍ଭ: ସକାଳ ୯ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

### ନୂଆ ଖେଳାଳିଙ୍କୁ ସଫଳତା

ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ଅନୁପସ୍ଥିତି, କିଂବଦନ୍ତି ଖେଳାଳି ଷ୍ଟିଭେନ ସ୍ମିଥ୍ ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଅବସର ପରେ ଅଷ୍ଟ୍ରେଲିଆ ଦଳରେ ନୂଆ ଖେଳାଳି ସେମାନଙ୍କ ସ୍ଥାନ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଦୁଇ ବରିଷ୍ଠ ଖେଳାଳି ତଥା ଅଧିନାୟକ ମିଚେଲ ମାର୍ଶ ଓ ଟ୍ରାଭିସ୍ ହେଡ୍‌ଙ୍କ ବଡ଼ ସ୍କୋର ବିନା ଦଳରେ ସ୍ଥାନ ପାଇଥିବା ନୂଆ ଖେଳାଳିମାନେ ଭଲ ଖେଳିଛନ୍ତି। ଦୀର୍ଘ ୯ ବର୍ଷ ଅପେକ୍ଷା ପରେ ଦିନିକିଆ ଖେଳିଥିବା ମ୍ୟାଟ୍ ରେନ୍‌ସା, ମାଥ୍ୟୁ ସର୍ଟ, କୁପର କୋନୋଲୀ ଓ ମିଚେଲ ଓଏନ୍ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଖୁବ୍ ଭଲ ଖେଳିଛନ୍ତି। ଦୁଇ ବରିଷ୍ଠ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜ୍‌ଲେଉଡ୍‌ଙ୍କ ସହ ନବାଗତ ଜାଭିୟର ବାର୍ଟଲେଟ ଓ ନାଥାନ ଏଲିସ୍ ତାଙ୍କ ଉପସ୍ଥିତି ଜାହିର କରିପାରିଛନ୍ତି। କହିବାକୁ ଗଲେ ଆସନ୍ତା ଦଶକରେ ଅଷ୍ଟ୍ରେଲିଆକୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିଙ୍କୁ ଚୟନକର୍ତ୍ତା ବାଛିନେଇଛନ୍ତି। ନୂଆ ଖେଳାଳିଙ୍କୁ ନେଇ ଭାରତ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରିବା ନିଶ୍ଚିତଭାବେ ଏକ ବଡ଼ କଥା। ଏମାନଙ୍କୁ ଅଷ୍ଟ୍ରେଲିଆର ଭବିଷ୍ୟତ ବୋଲି କୁହାଯାଉଛି। ଏହି ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଓ ଆସେସ ସିରିଜ୍ ଖେଳାଯିବାକୁ ଥିବାରୁ ଦଳର ଦୁଇ ବରିଷ୍ଠ ଫାଷ୍ଟ ବୋଲର ହାଜ୍‌ଲେଉଡ୍ ଓ ଷ୍ଟାର୍କଙ୍କୁ କିମ୍ବା ଏମାନଙ୍କ ମଧ୍ୟରୁ ଜଣଙ୍କୁ ଏହି ମ୍ୟାଚ୍‌ରେ ବିଶ୍ରାମ ଦିଆଯାଇପାରେ। ମାର୍ନସ ଲାବୁସେନଙ୍କୁ ଶେଫିଲ୍ଡ ସିଲ୍ଡ ଖେଳିବା ଲାଗି ଛାଡିଦିଆଯାଇଛି। ଦଳରେ ଫାଷ୍ଟ ବୋଲିଂ ଅଲରାଉଣ୍ଡର ଜେକ୍ ଏଡ୍‌ୱାର୍ଡସ ଓ ବାମହାତୀ ସ୍ପିନର ମାଥ୍ୟୁ କୁନେମାନଙ୍କୁ ସାମିଲ କରାଯାଇଛି। ଦଳରେ ୩ ଜଣ ୱିକେଟରକ୍ଷକ ଅଛନ୍ତି। ତେବେ ଫିଟ୍ ହୋଇ ନ ଥିବା ଜୋଶ ଇଂଲିଶ ଓ ପ୍ରଥମ ମ୍ୟାଚ୍ ଖେଳିଥିବା ଜୋଶ ଫିଲିପ୍‌ଙ୍କୁ ପଛରେ ପକାଇ ଆଲେକ୍ସ କ୍ୟାରୀ ୱିକେଟକିପିଂ କରିବେ। ଦଳରେ ଅଲରାଉଣ୍ଡରଙ୍କ ସଂଖ୍ୟା ଅଧିକ ଥିବାରୁ ଖେଳାଳି ଚୟନରେ ଅସୁବିଧା ସୃଷ୍ଟି ହୋଇଛି।

### ଅଷ୍ଟ୍ରେଲିଆ ସପକ୍ଷରେ ସିଡ୍‌ନୀ


ସିଡ୍‌ନୀରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧୯ଟି ମ୍ୟାଚ୍ ଆୟୋଜିତ ହୋଇଛି। ଏହା ମଧ୍ୟରୁ ଗୋଟିଏ ମ୍ୟାଚ ବାତିଲ ହୋଇଥିଲାବେଳେ ଅଷ୍ଟ୍ରେଲିଆ ୧୬ଟିରେ ଓ ଭାରତ ମାତ୍ର ୨ଟିରେ ବିଜୟୀ ହୋଇଛି। ଏଣୁ ସିଡନୀ ପିଚ୍ ଅଷ୍ଟ୍ରେଲିଆ ସପକ୍ଷରେ ଯାଇଛି। ଭାରତ ଏଠାରେ ୨୦୦୮ ଓ ୨୦୧୬ରେ ଦୁଇଟି ମ୍ୟାଚ୍ ବିଜୟୀ ହୋଇଛି।

ଅନ୍ୟପକ୍ଷରେ ୨୦୨୧-୨୨ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ନିକଟରୁ କ୍ରମାଗତ ୪ଟି ଦିନିକିଆ ମ୍ୟାଚ୍ ହାରିବା ପରେ ଏଯାଏ କ୍ରମାଗତ ୩ଟି ମ୍ୟାଚ୍‌ରେ ହାରିନାହିଁ। ଅଷ୍ଟ୍ରେଲିଆଠାରୁ ମଧ୍ୟ ଦଳ ସିରିଜ୍‌ର ସମସ୍ତ ମ୍ୟାଚ୍‌ରେ କେବେ ହାରିନାହିଁ।

୨୦୨୩ ବିଶ୍ୱକପ୍ ଫାଇନାଲ ପରଠାରୁ ଭାରତ କ୍ରମାଗତ ୧୭ଟି ଦିନିକିଆ ମ୍ୟାଚ୍‌ରେ ଟସ୍ ହାରିଛି। ସିଡ୍‌ନୀରେ ଏହି ରେକର୍ଡ ଭାଙ୍ଗିବ ବୋଲି ଆଶା ରହିଛି।

ଏହି ସିରିଜ୍‌ରେ ବିରାଟ କୋହଲି ଆଉ ୫୪ ରନ୍ କରିପାରିଲେ ଦିନିକିଆ କ୍ରିକେଟରେ ଶ୍ରୀଲଙ୍କାର କୁମାର ସାଙ୍ଗକାରାଙ୍କୁ ପଛରେ ପକାଇ ସଚିନ ତେନ୍ଦୁଲକରଙ୍କ ପଛକୁ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ବିବେଚିତ ହେବେ।

## ଟି-୨୦ ଦଳକୁ ଫେରିଲେ ମ୍ୟାକ୍ସୱେଲ



ସିଡନୀ,୨୪।୧୦(ଏଜେନ୍ସି): ଆସନ୍ତା ୨୯ରୁ ଭାରତ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଆହତ ପରେ ଫିଟ୍ ହୋଇଥିବା ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ସାମିଲ କରାଯାଇଛି। ସେହିପରି ଯୁବ ଫାଷ୍ଟ ବୋଲର ମାହଲି ବିୟର୍ଡମ୍ୟାନଙ୍କୁ ମଧ୍ୟ ପ୍ରଥମଥର ଜାତୀୟ ଦଳକୁ ଡକରା ମିଳିଛି। ବେନ୍ ଡ୍ୱାରଶୁଇସ୍‌ଙ୍କୁ ଶେଷ ୨ଟି ମ୍ୟାଚ୍ ଲାଗି ସାମିଲ ହୋଇଛନ୍ତି। ଆସେସ ସିରିଜ୍ ଲାଗି ବିଶ୍ରାମ ନେବାକୁ ଜୋଶ ହାଜ୍‌ଲେଉଡ୍ ଓ ସିନ ଆବଟଙ୍କୁ ସିରିଜ୍ ଅଧାରୁ ବାଦ୍ ଦିଆଯାଇଛି। ହାଜ୍‌ଲେଉଡ୍ ପ୍ରଥମ ୨ଟି ଓ ଆବଟ ପ୍ରଥମ ୩ଟି ମ୍ୟାଚ୍ ଲାଗି ମନୋନୀତ ହୋଇଛନ୍ତି। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କାନବେରାରେ ଅକ୍ଟୋବର ୨୯, ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣରେ ୩୧, ତୃତୀୟ ମ୍ୟାଚ୍ ହୋବାର୍ଟରେ ନଭେମ୍ବର ୨, ଗୋଲ୍ଡ କୋଷ୍ଟରେ ଚତୁର୍ଥ ମ୍ୟାଚ୍ ନଭେମ୍ବର ୬ ଓ ବ୍ରିସ୍‌ବେନ୍‌ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ନଭେମ୍ବର ୮ ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଅଷ୍ଟ୍ରେଲିଆ ଦଳ** : ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜାଭିୟର ବାର୍ଟଲେଟ୍, ନାଥାନ ଏଲିସ୍, ଟିମ୍ ଡେଭିଡ୍, ଜୋଶ ଇଂଲିଶ ଓ ଜୋଶ ଫିଲିପ୍ (ଉଭୟେ ୱିକେଟରକ୍ଷକ), ମିଚେଲ ଓଏନ, ମାଥ୍ୟୁ ସଟ, ମାର୍କସ ଷ୍ଟୋଇନିସ୍, ଆଦାମ ଜାମ୍ପା। ଜୋଶ ହାଜ୍‌ଲେଉଡ୍ ପ୍ରଥମ ୨ଟି ଓ ସିନ୍ ଆବଟ- ପ୍ରଥମ ୩ଟି ମ୍ୟାଚ୍ ଲାଗି। ଗ୍ଲେନ୍ ମ୍ୟାକ୍ସୱେଲ୍ ଓ ମାହଲି ବିୟର୍ଡମ୍ୟାନ୍ - ଶେଷ ୩ଟି ମ୍ୟାଚ୍। ବେନ୍ ଡ୍ୱାରଶୁଇସ - ଶେଷ ୨ଟି ମ୍ୟାଚ୍।

## ମହିଳା ବିଶ୍ୱକପ୍ କ୍ରିକେଟ
## ବର୍ଷାରେ ଶ୍ରୀଲଙ୍କା, ପାକ୍‌ର ଅଭିଯାନ ଶେଷ

କଲମ୍ବୋ,୨୪।୧୦(ଏଜେନ୍ସି): କ୍ରମାଗତ ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଏଠାରେ ଶୁକ୍ରବାର ଖେଳାଯିବାକୁ ଥିବା ମହିଳା ବିଶ୍ୱକପ୍ କ୍ରିକେଟର ଲିଗ୍ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଛି। ଏହା ଫଳରେ ଉଭୟ ଦଳ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। କଲମ୍ବୋ ଭେନ୍ୟୁରେ ୧୧ଟି ମ୍ୟାଚ୍‌ରୁ ବର୍ଷା ଯୋଗୁଁ ୫ଟି ମ୍ୟାଚ୍ ବାତିଲ ହୋଇଛି। ଶ୍ରୀଲଙ୍କା ଗୋଟିଏ ବିଜୟ ଓ ୩ଟି ମ୍ୟାଚ୍‌ରୁ ୫ ପଏଣ୍ଟ ସହ ଏବେ ପଞ୍ଚମ ସ୍ଥାନରେ ରହିଛି। ପାକିସ୍ତାନ ୭ଟି ମ୍ୟାଚ୍‌ରୁ ୪ ପରାଜୟ ଓ ୩ଟି ବାତିଲ ମ୍ୟାଚ୍‌ରୁ ୩ ପଏଣ୍ଟ ପାଇ ୮ ଦଳ ମଧ୍ୟରେ ୭ମ ସ୍ଥାନରେ ରହିଛି। ଗତକାଲି ନ୍ୟୁଜିଲାଣ୍ଡକୁ ୮୯ ରନ୍‌ରେ ହରାଇ ଭାରତ ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଆସନ୍ତାକାଲି ଇନ୍ଦୋରର ହୋଲକାର ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିବ। ବିଜେତା ଦଳ ସହ ଭାରତ ଅକ୍ଟୋବର ୩୦ରେ ସେମିଫାଇନାଲ ମ୍ୟାଚ୍ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଖେଳିବ। ଏବେ ୧୧ ପଏଣ୍ଟ ସହ ଅଷ୍ଟ୍ରେଲିଆ ପ୍ରଥମ, ୧୦ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ, ୯ ପଏଣ୍ଟ ସହ ଇଂଲଣ୍ଡ ତୃତୀୟ ଓ ୬ ପଏଣ୍ଟ ସହ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଏମାନଙ୍କର ଆଉ ଗୋଟିଏ ଲେଖାଏଁ ଲିଗ୍ ମ୍ୟାଚ୍ ଖେଳାଯିବାକୁ ବାକି ରହିଛି।

## ଜୁନିଅର ହକି ବିଶ୍ୱକପ୍‌ରୁ ଓହରିଲା ପାକିସ୍ତାନ




ନୂଆଦିଲ୍ଲୀ,୨୪।୧୦(ଏଜେନ୍ସି): ଭାରତର ତାମିଲନାଡୁରେ ନଭେମ୍ବର ୨୮ରୁ ଡିସେମ୍ବର ୨୮ ଯାଏ ଖେଳାଯିବାକୁ ଥିବା ଜୁନିଅର ହକି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଯାଇଛି। ଏ ସମ୍ପର୍କରେ ଏଫଆଇଏଚ୍ ସ୍ପଷ୍ଟ କରିଛି ଓ ପାକିସ୍ତାନ ବଦଳରେ କେଉଁ ଦଳ ଖେଳିବ ତାହା ସ୍ପଷ୍ଟ କରିନାହିଁ। ଏହି ଟୁର୍ଣ୍ଣାମେଣ୍ଟ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଗ୍ରୁପ୍-ବି'ରେ ପାକିସ୍ତାନ ସ୍ଥାନ ପାଇଥିଲା। ଏହି ଗ୍ରୁପ୍‌ରେ ମଧ୍ୟ ଭାରତ, ଚିଲି ଓ ସୁଇଜରଲାଣ୍ଡ ରହିଥିଲେ। ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ପାକିସ୍ତାନ ଭାରତରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଥିଲା। ବିହାରର ରାଜଗିରିଠାରେ ଅଗଷ୍ଟ ୨୯ ରୁ ସେପ୍ଟେମ୍ବର ୭ ଯାଏ ଖେଳାଯିବାକୁ ଥିବା ପୁରୁଷ ହକି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଯାଇଥିଲା। ଏବେ ଦ୍ୱିତୀୟଥର ଆଉ ଏକ ହକି ଟୁର୍ଣ୍ଣାମେଣ୍ଟରୁ ଓହରିଛି। ଭାରତ ସରକାର ଏବେ ନୂଆ ନୀତି ପ୍ରଣୟନ କରି ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳିବାକୁ ବାରଣ କରିଛନ୍ତି।

## ଏସିସି ହେଡ୍‌କ୍ୱାର୍ଟର୍ସରୁ ଏସିଆ କପ୍ ଟ୍ରଫି ନେଇଗଲେ ନକ୍‌ଭୀ

ଆବୁଧାବି,୨୪।୧୦(ଏଜେନ୍ସି): ଏସିଆ କପ୍‌ରେ ଭାରତ ଚାମ୍ପିଅନ ହୋଇଥିଲେ ମଧ୍ୟ ଏଯାଏ ଟ୍ରଫି ପାଇପାରି ନାହିଁ। ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ଥିବାରୁ ଏସୀୟ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡର ମୁଖ୍ୟ ଥିବା ମୋହସିନ ନକ୍‌ଭୀଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ଭାରତୀୟ ଖେଳାଳି ମନା କରିଦେଇଥିଲେ। ଯାହା ଫଳରେ ଫାଇନାଲ ମ୍ୟାଚ୍ ପରେ ପୁରସ୍କାର ବିତରଣ ଉତ୍ସବ ୯୦ ମିନିଟ୍‌ରେ ବିଳମ୍ବ ହୋଇଥିଲା। ଭାରତୀୟ ଖେଳାଳିଙ୍କୁ ନିଜେ ନକ୍‌ଭୀ ଟ୍ରଫି ପ୍ରଦାନ କରିବାକୁ ଜିଦ୍ ଧରିବା ଫଳରେ ଏଭଳି ଘଟଣା ଘଟିଥିଲା। ଟ୍ରଫି ପ୍ରଦାନ କରିବାକୁ ଏହା ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ଭାରତକୁ ଏହା ମିଳିପାରି ନାହିଁ। ଏବେ ବିସିସିଆଇର ଏକ ଟିମ୍ ଦୁବାଇରେ ଥିବା ଏସୀୟ କ୍ରିକେଟ କାଉନସିଲ ଅଫିସ ପରିଦର୍ଶନରେ ଯାଇଥିଲେ। ସେଠାରେ ଏସିଆ କପ୍ ଟ୍ରଫି ନ ଥିବା ଦେଖିବାକୁ ପାଇଥିଲେ। ଅଫିସ କର୍ମକର୍ତ୍ତାଙ୍କ ସୂଚନା ଅନୁଯାୟୀ ଏହି ଟ୍ରଫିକୁ ନକ୍‌ଭୀ କେବେଠାରୁ ନେଇଯାଇଛନ୍ତି। ଏହାକୁ ସେ ଆବୁଧାବିରେ କୌଣସି ଏକ ଅଜ୍ଞାତ ସ୍ଥାନରେ ସେ ରଖିଥିବା କର୍ମକର୍ତ୍ତାମାନେ କହିଥିଲେ। ଏସୀୟ କ୍ରିକେଟ କାଉନ୍ସିଲର ସଭାପତି ଥିବାରୁ ନକ୍‌ଭୀ ଏପରି କରୁଛନ୍ତି ବୋଲି କୁହାଯାଉଛି।

## ଓସିଏ ଆପେକ୍ସ କାଉନସିଲ ବୈଠକ

କଟକ,୨୪।୧୦(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଆପେକ୍ସ କାଉନସିଲ ବୈଠକରେ ଆଜି ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜ ଲୋଚନ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଡିସେମ୍ବର ୯ରେ ବାରବାଟୀରେ ଭାରତ ଏବଂ ଦକ୍ଷିଣଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରିଚାଳନା ବାବଦରେ ବୈଠକରେ ଆଲୋଚନା ହୋଇଛି। ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି, ଗୀତା ସାମନ୍ତରାୟ, ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ଓସିଏର ବିତ୍ତ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ବୁନ୍ଦେସଲିଗା ଡ୍ରିମ୍ ପ୍ରୋଜେକ୍ଟ | ଜର୍ମାନୀ ଯିବେ ୧୧ ଓଡ଼ିଆ ଖେଳାଳି

ଭୁବନେଶ୍ୱର, ୨୪।୧୦(ସମିସ): ଓଡିଏମ୍ ସ୍କୁଲ ସମୂହର ସ୍ପୋର୍ଟ୍ସ ସ୍କୋଲାରସିପ୍ କୋଟାରେ ଆରଡୋର ଫୁଟବଲ ଏକାଡେମୀର ୧୧ ଜଣ କନିଷ୍ଠ ଖେଳାଳି ଜର୍ମାନୀର ବୁନ୍ଦେସଲିଗା ଡ୍ରିମ୍ ପ୍ରୋଜେକ୍ଟରେ ନ୍ୟାସନାଲ ଚାମ୍ପିଅନସିପ୍ ଲାଗି ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବେ। ଏହା ମଧ୍ୟରୁ ୬ଜଣ ୧୩ ବର୍ଷରୁ କମ୍ ଓ ୫ଜଣ ୧୫ ବର୍ଷରୁ କମ୍ ଖେଳାଳି ରହିଛନ୍ତି। ଏହି ଟୁର ଲାଗି ଭାରତୀୟ ଦଳରେ ମନୋନୀତ ହୋଇଥିବା ୧୩ ବର୍ଷରୁ କମ୍ ବୟସର ଖେଳାଳିମାନେ ହେଲେ ଦଶରଥ ହାଁସ୍‌ଦା, ମେସି ହାଁସ୍‌ଦା, ଏହସାସ ପାଙ୍ଗୀ, ସୁରଜ ଖାଲ୍‌କୋ, ସୁଜଲ ଆଇନ୍ଦ ଓ ଆୟୁଷ୍ମାନ ବାରିକ। ସେହିପରି ୧୫ ବର୍ଷରୁ କମ୍ ବୟସର ଖେଳାଳିମାନେ ହେଲେ ଲିପୁରାମ ସୋରେନ୍, ପ୍ରୀତମ ଟୁଡ୍ଡୁ, ପ୍ରସେନଜିତ ବଡ଼ା, ଶ୍ରୀଜଲ କିସ୍କୁ ଓ ଦେବାଂଶୁ ପ୍ରଧାନ। ଭାରତୀୟ ଦଳ ଅକ୍ଟୋବର ୨୯ରେ ଜର୍ମାନୀ ଅଭିମୁଖେ ଯାତ୍ରା କରିବେ।

### ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଉଦ୍‌ଯାପିତ

## କିସ୍ ଚାମ୍ପିଅନ, ଓଡିଏମ୍ ଗ୍ଲୋବାଲ ରନର୍ସ ଅପ୍

ଭୁବନେଶ୍ୱର, ୨୪।୧୦(ସମିସ): କିସ୍ ସ୍କୁଲ ୨୦୨୫ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଅକ୍ଟୋବର ୨୩ ତାରିଖ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଫାଇନାଲରେ କିସ୍ ୩-୦ ଗୋଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସୋନରାମ ସୋରେନ, ଉପେନ୍ଦ୍ର ଅମାନତିୟ ଓ ରାଜୁ ମାର୍ଣ୍ଡି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ କିସ୍ ସ୍କୁଲ୍‌କୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ କପ୍ ସହ ୧୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ତୃତୀୟ ସ୍ଥାନିତ ଓଡିଏମ୍ ପବ୍ଲିକ୍ ସ୍କୁଲକୁ କପ୍ ସହ ୭,୦୦୦ ଓ ଚତୁର୍ଥ ସ୍ଥାନିତ ଦଳ ୟୁନିଟ୍-୧ ହାଇସ୍କୁଲ୍‌କୁ କପ୍ ସହ ୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। କିସ୍‌ର ବିନୋଦ କାନଦେକେଲ ଶ୍ରେଷ୍ଠ ଗୋଲରକ୍ଷକ, ସୋନାରାମ ସୋରେନ ଶ୍ରେଷ୍ଠ ଅଗ୍ରଭାଗ, ରାଜୁ ମାର୍ଣ୍ଡି ଶ୍ରେଷ୍ଠ ମଧ୍ୟଭାଗ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌ର ଓଜେସ ପଟାକାର ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି ବିବେଚିତ ହୋଇଥିଲେ। କଣ୍ଟାବାଡର ବିକାଶ




ରେସିଡେନିସିଆଲ ସ୍କୁଲକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟତମ ଅତିଥିଭାବେ ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ୟୁନିଲାଇଟ୍‌ର ଦେବବ୍ରତ ମହାନ୍ତି, ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ସଭାପତି ନବରଞ୍ଜନ ପଟ୍ଟନାୟକ, ଉପସଭାପତି ବିବେକାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ ପାଳ ଓ ମହେଶ୍ୱର ସିଂହ ମଞ୍ଚ ପରିଚାଳନା କରିଥିଲେ। ଫାଇନାଲ ଖେଳ ପରିଚାଳନା କରିଥିଲେ ରେଫରି ରାଜୁ ମହାନ୍ତି, ଅମିତ ନାୟକ, ପ୍ରିୟବ୍ରତ ବାହିନୀପତି, ବିଜୟ ମଙ୍ଗରାଜ। ଏହି ଅବସରରେ ଫିଜିଓ ସରିତା ମିଶ୍ର, କଳ୍ପନା ବେହେରା ଓ ରେଶମା ବେଗମଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ରଣଜୀ ଟ୍ରଫି
# ଆଜିଠୁ ଓଡ଼ିଶା-ଉତ୍ତରପ୍ରଦେଶ ଲଢ଼େଇ

କଟକ,୨୪।୧୦(ସମିସ)

ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାର ଠାରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍‌ରେ ବରୋଦା ଠାରୁ ପରାଜୟ ବରଣ କରି ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ମୁକାବିଲାରେ ଶକ୍ତିଶାଳୀ ଉତ୍ତରପ୍ରଦେଶକୁ ଭେଟିବ। ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍ ଅମୀମାଂସିତ ରହିବା ସତ୍ତ୍ୱେ ଇନିଂସ ଅଗ୍ରଣୀ ହାସଲ କରି ଉତ୍ତରପ୍ରଦେଶ ପ୍ରଥମ ମୁକାବିଲାରେ ଶକ୍ତି ପ୍ରଦର୍ଶନ କରି ସାରିଛି। ଏକାଧିକ ତାରକା ଖେଳାଳିଙ୍କୁ ସାମିଲ କରିଥିବା ଉତ୍ତରପ୍ରଦେଶକୁ ଚ୍ୟାଲେଞ୍ଜ ଦେବା ପାଇଁ ଓଡ଼ିଶା ପ୍ରସ୍ତୁତ ଅଛି ବୋଲି ଅଧିନାୟକ ଶୁଭ୍ରାଂଶୁ ସେନାପତି କହିଛନ୍ତି।

ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଖେଳାଯିବ। ଘରୋଇ ପରିବେଶର ଫାଇଦା ଉଠାଇବାକୁ ଉତ୍ତରପ୍ରଦେଶ ନିହାତି ରୂପେ ଉଦ୍ୟମ କରିବ। ୨୬ବର୍ଷୀୟ ଅଲରାଉଣ୍ଡର ତଥା ଆଇପିଏଲରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସରୁ ପ୍ରତିନିଧିତ୍ୱ କରୁଥିବା କରନ ଶର୍ମା ଦଳର ନେତୃତ୍ୱ ନେଉଛନ୍ତି। ଅନ୍ତର୍ଜାତୀୟ କ୍ରିକେଟର ରିଙ୍କୁ ସିଂହଙ୍କ ସମେତ ୱିକେଟକିପର ଆର୍ଯ୍ୟନ ଜୁୟଲ, ଅଭିଷେକ ଗୋସ୍ୱାମୀ, ମାଧବ କୌଶିକ, ପ୍ରିୟମ ଗର୍ଗ ପ୍ରମୁଖ ଦଳର ବ୍ୟାଟିଂ ଭାର ସମ୍ଭାଳିବେ। ପ୍ରଥମ ମ୍ୟାଚ୍‌ରେ ବାମହାତୀ ଇନଫର୍ମ ବ୍ୟାଟର ରିଙ୍କୁ ଶତକୀୟ ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆର୍ଯ୍ୟନ ଏବଂ ମାଧବ ଅର୍ଦ୍ଧଶତକ ସଂଗ୍ରହ କରି ଦଳକୁ ଅଗ୍ରଣୀ କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସେହିପରି ଶିଭମ ମାଭି, ଆକ୍ୱିବ ଖାନ, ଶିଭମ ଶର୍ମା ଏବଂ ଭିପରାଜ ନିଗମଙ୍କ ଭଳି ଜଣାଶୁଣା ଖେଳାଳି ଉତ୍ତରପ୍ରଦେଶର ବୋଲିଂ ଲାଇନଅପରେ ରହିଛନ୍ତି। ଗତ ୧୫ବର୍ଷ ଭିତରେ ଏହି ଦୁଇଦଳ ୫ଥର ମୁହାଁମୁହିଁ ହୋଇଥିବା ବେଳେ ୩ଟି ମ୍ୟାଚ୍ ଡ୍ର ରହିଛି। ଅବଶିଷ୍ଟ ଦୁଇଟି ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ବିଜୟ ମିଳିଛି। ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ଥିବା ଶୁଭ୍ରାଂଶୁ ବାହିନୀ ବ୍ୟାଟିଂରେ ସୁଧାର ଆଣିବା ଆବଶ୍ୟକ ହୋଇପଡ଼ିଛି। ବରୋଦା ବିପକ୍ଷରେ ଶୁଭ୍ରାଂଶୁ ଉଭୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିଲେ। ୱିକେଟ କିପର ରାଜେଶ ଧୂପର ୯୪ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ଏମାନଙ୍କ ବ୍ୟତୀତ ଦଳର ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ପ୍ରଦର୍ଶନ କରି ପାରିନଥିଲେ। ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁଙ୍କ ନିକଟରୁ ଆକର୍ଷଣୀୟ ଇନିଂସର ଅପେକ୍ଷା ରହିଛି। ସୁମିତ ଶର୍ମା, ଗୋବିନ୍ଦ ପୋଦ୍ଦାର ଏବଂ ବାଦଲ ବିଶ୍ୱାଳ ସ୍ପିନ୍ ଆଟାକ୍‌ରେ ଉତ୍ତରପ୍ରଦେଶର ବ୍ୟାଟିଂ ଦୁର୍ଗ ଭାଙ୍ଗିବାକୁ ଚେଷ୍ଟା କରିବେ। ରାଜେଶ ମହାନ୍ତି, ସୁନୀଲ ରାଉଳ, ତରଣୀ ସ ପେସ୍ ଭାର ସମ୍ଭାଳିବେ।



**ଓଡ଼ିଶା ଦଳ** : ଶୁଭ୍ରାଂଶୁ ଶେଖର ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ(ଉପଅଧିନାୟକ), ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ରାଜେଶ ଧୂପର(ୱିକେଟ କିପର), ଅନୀଲ ପରିଡା, ସମ୍ବିତ ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରଣୀ ସ, ତାପସ ଦାସ।

**ଉତ୍ତରପ୍ରଦେଶ ଦଳ** : କରନ ଶର୍ମା(ଅଧିନାୟକ), ଆର୍ଯ୍ୟନ ଜୁୟଲ, ଆଦିତ୍ୟ ଶର୍ମା, ଆକ୍ୱିବ ଖାନ୍, ଆରାଧ୍ୟା ଯାଦବ, ଅଭିଷେକ ଗୋସ୍ୱାମୀ, ବୈଭବ ଚୌଧୁରୀ, ପ୍ରିୟମ ଗର୍ଗ, ମାଧବ କୌଶିକ, କୁନାଲ ତ୍ୟାଗୀ, ଭିପରାଜ ନିଗମ, ଶିଭମ ମାଭି, ଶିଭମ ଶର୍ମା, ସିଦ୍ଧାର୍ଥ ଯାଦବ, ରିଙ୍କୁ ସିଂହ, ପ୍ରଶାନ୍ତ ଭୀର, ବିଜୟ କୁମାର।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS